# ରହସ୍ୟ-ମୟୀ

( ଡିଟେକଟିଭ ଉପନ୍ୟାସ )

ସ୍ନେହପ୍ରଭା ଜେନା

ମଲୟ ପ୍ରକାଶନୀ
ବାଲୁବଜାର, କଟକ-୨

୧୯୫୬ର୍ ରେଜିଷ୍ଟ୍ରେସନ ଅଫ୍ ନିଉଜ୍ ପେପର୍
(ସେଣ୍ଟ୍ରାଲ) ନିୟମ ଅନୁସାରେ

# ମଲ୍ଲାର ବିବରଣୀ

## ଚତୁର୍ଥ ଫର୍ମ

### ଅଷ୍ଟମ ଧାରା

୧। ପ୍ରକାଶ ସ୍ଥାନ... ... ... ... ...ବାଙ୍କାବଜାର, କଟକ-୨

୨। ପ୍ରକାଶ ସମୟ... ...... ... ...ପ୍ରତିମାସର ପ୍ରଥମ ସପ୍ତାହ

୩। ମୁଦ୍ରାକର ଓ ପ୍ରକାଶକଙ୍କ ନାମ...ଶ୍ରୀ ମହେନ୍ଦ୍ରକୁମାର ବେହେରା

ଜାତୀୟତା ... ... ... .. ...ଭାରତୀୟ

ଠିକଣା... ... ... ... ... ...ରଞ୍ଜନ ପ୍ରେସ,
ବଙ୍ଗାଳି ସାହି, କଟକ-୧

୪। ସମ୍ପାଦକଙ୍କ ନାମ... ... ... ...ଶ୍ରୀ ବାମନ ଚରଣ ଦାସ

ଜାତୀୟତା ... ... ... ... ...ଭାରତୀୟ

ଠିକଣା ... ... ... ... ... ...ସାହିତ୍ୟ ସଂସାର
ବାଙ୍କାବଜାର, କଟକ-୨

୫। ସ୍ୱତ୍ୱାଧିକାରୀଙ୍କ ନାମ ... ... ...ସାହିତ୍ୟ ସଂସାର
ବାଙ୍କାବଜାର, କଟକ-୨

ଆମ୍ଭେ ଶ୍ରୀ ମହେନ୍ଦ୍ରକୁମାର ବେହେରା, ଏତଦ୍ଦ୍ୱାରା ଘୋଷଣା କରୁଅଛୁଁ କି ଉପର୍ଯ୍ୟୁକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ଜ୍ଞାନବୋଧ ହେଉଅଛି ।

ଶ୍ରୀ ମହେନ୍ଦ୍ର କୁମାର ବେହେରା
ପ୍ରକାଶକ, ମଲ୍ଲାର

# ଏକ

ଗଭୀର ରାତ୍ରି । ହୋଟେଲ୍ ଆମ୍ବାସାଡ଼ାର । ରାଜଧାନୀ ଦିଲ୍ଲୀର ଗୌରବ, ଭାରତର ଅନ୍ୟତମ ପ୍ରଧାନ ହୋଟେଲ୍ । ବିଭିନ୍ନ ରଙ୍ଗର ବୈଦ୍ୟୁତିକ ଆଲୋକ ହୋଟେଲ୍‌ର ଆଭିଜାତ୍ୟ ସୂଚାଇ ଦେଉଛି । ଯେପରି ଏକ ଇନ୍ଦ୍ରପୁରୀ ।

ରାତ୍ରିର ଅନ୍ଧକାରରେ ଚାଲିଛି ଜଣେ ପୁରୁଷ । ମୁଣ୍ଡରେ ଟରବାନ, ଆଖିରେ ଚଷମା । ଆଗନ୍ତୁକ ହୋଟେଲ୍ ଆଗରେ ଠିଆହୋଇ ଅନାଇଲା ହୋଟେଲ୍‌କୁ । ଉପରେ ଫ୍ଲୋରେସେଣ୍ଟ ଟ୍ୟୁବରେ ହୋଟେଲ୍ ଆମ୍ବାସାଡ଼ାରର ସାଇନ୍ ବୋର୍ଡ ଝକ୍‌ଝକ୍ କରୁଛି । ଆଗନ୍ତୁକ ହୋଟେଲ୍ ଭିତରେ ପଶିଲା । ବହୁ ସୌଖୀନ ଓ ଦାମୀ ବସନ ଭୂଷଣରେ ସଜ୍ଜିତ ବିଳାସୀ ନରନାରୀଙ୍କ ହାସ୍ୟ-ରୋଳରେ ହୋଟେଲର ପ୍ରଶସ୍ତ ଓ ସୁବୃହତ ହଲ୍‌ଟି ମୁଖରିତ ହୋଇ ଉଠିଛି ।

ଆଗନ୍ତୁକ ସାମନାରେ ଗୋଟାଏ ଖାଲି ଚେଆର ଦେଖି ବସିପଡ଼ିଲା । ସଙ୍ଗେ ସଙ୍ଗେ ଜଣେ ଓ୍ୱେଟର ଆସି ସଂଭ୍ରମ ସହକାରେ ଅଭିବାଦନ କରି କି ଖାଦ୍ୟ ଆଣିବ ଜାଣିବାକୁ ଚାହିଁଲା । କିଛି ସମୟପରେ ଦରକାର ମୁତାବକ ଖାଦ୍ୟ ଆଣି ଓ୍ୱେଟର ଟେବୁଲ ଉପରେ ରଖିଦେଲା । ଆଗନ୍ତୁକ ପୁଣିଥରେ ଚତୁର୍ଦ୍ଦିଗକୁ ଚାହିଁନେଇ ଆହାରରେ ମନୋନିବେଶ କଲା । ଠିକ ଖାଇବାକୁ ଯାଉଛି, ଏଇ ସମୟରେ ଏକ ଅଦ୍ଭୁତ ଘଟଣା ଘଟିଲା । ଇନ୍ଦୋର ମହାରାଜଙ୍କ ମ୍ୟାନେଜର ସାହେବ ଆସି ତା ପାଖରେ ଛିଡ଼ାହେଲେ ଓ ଆଗନ୍ତୁକ କିଛି କହିବା ପୂର୍ବରୁ କହିଲେ, "ମନେ ମନେ ତୁମକୁ ମୁଁ ବହୁତ ଖୋଜିସାରିଲିଣି ବିହାରୀଲାଲ । ବଡ଼ ଜରୁରୀ ଦରକାର ଅଛି ତୁମ ସହିତ । ମୁଁ ଏଇ ପାଖ ଟେବୁଲରେ ବସିଛି । କିନ୍ତୁ ମନେରଖ ମୋତେ ଦେଖାନକରି ଯେପରି ଚାଲିନଯାଅ । ମହାରାଜଙ୍କର ଗୋଟାଏ ଜରୁରୀ କଥା ତୁମକୁ ମୋର କହିବାର ଅଛି ।" ବିହାରୀ ଅନ୍ୟକିଛି କହିବାପୂର୍ବରୁ ସେ ଚାଲିଯାଇ ନିଜସ୍ଥାନରେ ବସିପଡ଼ିଲେ । ବିହାରୀ ଆଶ୍ଚର୍ଯ୍ୟ ହେଲା । ଇନ୍ଦୋର ମହାରାଜାଙ୍କର ପୁଣି ଏପରି ଜଣେ ଲୋକସହିତ କଣ ଆଉ ଜରୁରୀ ଦରକାର ଥାଇପାରେ ? ତଥାପି ସେ ସ୍ଥିରକଲା, ଯାହା ହେଉନା କାହିଁକି ସେ ମ୍ୟାନେଜରଙ୍କ ସହିତ ନିଶ୍ଚୟ ଦେଖାକରିବ ।

ଅତୀତର ଅନେକ ଗୁଡ଼ିଏ କଥା ତାର ମନରେ ଉଙ୍କି ମାରିଲା । ଚଳଚିତ୍ର ପରି ସେ ସ୍ପଷ୍ଟ ଦେଖିଲା, ତାର ଅତୀତ । ଯେଉଁ ଅତୀତରେ ସେ ଥିଲା ଅତି ଦରିଦ୍ର । ପିତୃହରା ବିହାରୀ ଦୁଃଖିନୀ ମା'ଙ୍କର ଥିଲା ଏକମାତ୍ର ସନ୍ତାନ । ବିହାରୀକୁ ଦୁନିଆର ଜଣେ ଗଣ୍ୟମାନ୍ୟ ମଣିଷ କରିବାକୁ ଯାଇ ମା'ତାର ଯେ କି କଷ୍ଟସ୍ୱୀକାର କରିଥିଲେ, ତାର ଆଜି କି ତାହା ମନେପଡ଼େ । ତାର ମା'ଙ୍କର ନେଶି ସ୍ୱାସ୍ଥ୍ୟଥିଲା ଓ

ସେ ଯେପରିଭାବରେ ବନଜଙ୍ଗଲ ଭାଙ୍ଗିପଡୁଥିଲେ; ଏଥିରେ ବ...
ବିହାରୀର ଉଚ୍ଚଶିକ୍ଷା ପାଇବାର ଅବକାଶ ଆଉ ନ ଥାନ୍ତା
ଓଡିଶାର ଧନୀସଂପ୍ରଦାୟ ଦ୍ୱାରା ସେ ଯେପରି ଭାବରେ ଅପମାନିତ ଓ
ଲାଞ୍ଛିତ ହୋଇ, ଶେଷରେ ଜଣେ ଅଣଓଡିଆ ଇନ୍ଦୋରର ମହାରାଜା-
ଙ୍କଠାରୁ ଯେପରିଅଯାଚିତ ଭାବରେ ସାହାଯ୍ୟ ପାଇଲା, ସେ ସବୁ
ପାଇଁ ସେ ଆଜି ମହାରାଜାଙ୍କ ପାଖରେ ବଡ଼ କୃତଜ୍ଞ । ବିହାରୀର
ଆଜିର ଏ ଅବସ୍ଥାପାଇଁ ମହାରାଜାଙ୍କ ସାହାଯ୍ୟ ଓ ସହାନୁଭୂତି ହିଁ
ସବୁ । ମହାରାଜା ହୁଏତ କୌଣସି ଅସୁବିଧାରେ ପଡି ବିହାରୀକୁ
ସ୍ମରଣ କରିଛନ୍ତି । ଧନୀକ ସଂପ୍ରଦାୟ ପ୍ରତି ତାର ଘୃଣା ଅସି
ଯାଇଥିଲେ ମଧ୍ୟ ସେ ମହାରାଜାଙ୍କୁ ଘୃଣା କରି ପାରିନାହିଁ କ
ପାରିବନାହିଁ ।

ବିହାରୀଲାଲ୍ ଓଡିଶାର ଜଣେ ଖ୍ୟାତନାମା ଧନୀନାଶ
ପୋଲିସତ୍ରାସ, ଦୀନଦରିଦ୍ରର ବନ୍ଧୁ ଦସ୍ୟୁ । ଏକାଧାରରେ ସେ
ଯେପରି ଶିକ୍ଷିତ, ମାର୍ଜିତ ରୁଚିସମ୍ପନ୍ନ, ଶାନ୍ତ ସଞ୍ଜତ ସୌମ୍ୟଦର୍ଶନ ଓ
ବହୁ ମହାମୂଲ୍ୟ ଗୁଣର ଅଧିକାରୀ ଅନ୍ୟଦିଗରେ ସେହିପରି ମହତ୍
ଉଦ୍ଦେଶ୍ୟ ନେଇ ଧନୀ ସମ୍ପ୍ରଦାୟକୁ ଲୁଣ୍ଠନ କରୁଥିଲା । ଏପରି
କୌଣସି ଅସାଧାରଣ କାମ ନଥିଲା, ଯାହା ସେ କରିପାରୁ ନଥିଲା
ତେଣୁ ଜନସାଧାରଣ ଅନେକ ସମୟରେ ବିହାରୀଲାଲକୁ ଅଲୌକିକ
ଶକ୍ତିସଂପନ୍ନ ବ୍ୟକ୍ତି ବୋଲି ମନେ କରୁଥିଲେ । ସେ ନିଜେ ଥିଲ
ବଡ଼ ଦୁଃଖୀ । ଦୁଃଖୀର ଦୁଃଖ ଦେଖିଲେ ତାର ସୁନ୍ଦର ଆଖି ଦୁଇଟି
ଲୁହ ଛଳଛଳ ହୋଇ ଉଠୁଥିଲା । ଅନେକ କ୍ଷେତ୍ରରେ ନିଜର
ଜୀବନକୁ ମଧ୍ୟ ବିପଦସଂକୁଳ କରି ସେ ଅନ୍ୟର ଦୁଃଖଲାଘବ
କରିବାରେ ପ୍ରୟାସୀ ହେଉଥିଲା । ଦରିଦ୍ର ଜନସାଧାରଣ ସେଥିପାଇଁ
ତାକୁ ଦେବଦୂତ ବୋଲି ଡାକୁଥିଲେ ଓ ତାର ଦୀର୍ଘଜୀବନକ

କାମନା କରୁଥିଲେ । ଚିରଦିନ ସବଳ ଦୁର୍ବଳ ଉପରେ ଅତ୍ୟାଚାର କରିଆସିଛି । ଦରିଦ୍ର ତାର ଧନ ଓ ପ୍ରତିପତ୍ତିର ଅଭାବ ହେତୁ ତାର ଅନିଚ୍ଛାସତ୍ତ୍ୱେ ଧନୀର ଅତ୍ୟାଚାର ସହିଆସିଛି । ବିହାରୀଲାଲ ଠିକ୍ ଜାଣେ ଅତ୍ୟାଚାରୀ ଆଇନଭଙ୍ଗକାରୀ ପାଇଁ ଆଇନ କାନୁନ୍ ଗଢ଼ାଯାଇଛି । ମାତ୍ର ଆଇନ୍‌ଗଠନକାରୀମାନେହିଁ ପ୍ରକୃତ ପକ୍ଷେ ଆଇନ୍ ଭଙ୍ଗକାରୀ । ଆଜ ଏପରି ଅନେକ ଗୁରୁତର ଅପରାଧ ହୋଇଯାଉଛି, ହୁଏତ ଅଦାଲତ ଅପରାଧ ଓ ଅପରାଧୀକୁ ଜାଣିମଧ୍ୟ ତାର ପ୍ରତିକାର କରିପାରୁନାହାନ୍ତି । କିନ୍ତୁ ଏପରି ସବୁ କ୍ଷେତ୍ରରେ ବିହାରୀଲାଲର କର୍ମକୁଶଳତା ଦେଖା ଦେଇଛି । ଅତ୍ୟାଚାରୀ ଦଣ୍ଡିତ ହୋଇପାରିଛି । ସେଥିପାଇଁ ଅତ୍ୟାଚାରୀ ଓ ଧନୀକ ସଂପ୍ରଦାୟ ବିହାରୀକୁ ଚୋର ବଦ୍‌ମାସ ଆଖ୍ୟା ଦେଇଛି ଓ ସେହିମାନଙ୍କ ଆଖିରେ ବିହାରୀଲାଲ ଘୃଣ୍ୟ, ଚରିତ୍ରହୀନ, ସମାଜର ଦୁଷ୍ଟବ୍ରଣ ।

ଭୋଜନପର୍ବ ଶେଷ ହେବା ଭିତରେ ବିହାରୀଲାଲ ଏ ସବୁକୁ ମନେମନେ ଆଲୋଚନା କରି ଦେଖୁଥିଲା । ଆହାର ଶେଷ ହେବାରୁ ସେ ବିଲ୍ ତୁଟାଇ, ବକ୍‌ସିସ୍ ଦେଇ ଇନ୍ଦୋର ମହାରାଜାଙ୍କର ମ୍ୟାନେଜର ତାରା ସିଂ କୁଶୁଆଙ୍କ ଟେବୁଲ୍ ପାଖରେ ଯାଇ ଛିଡ଼ାହେଲା । କୁଶୁଆ ଖୁସିହେବାର ଭାବ ଦେଖାଇ କହିଲେ, "ଚାଲ ବିହାରୀ, ବସାକୁ ଚାଲ । ଏଠାରେ କୌଣସି କଥା ନୁହେଁ ।"

ଅପେକ୍ଷମାନ ମୋଟରରେ ବସି ଦୁହେଁ ସହରଗୁଣ୍ଡ ଉଳି ଅଞ୍ଚଳକୁ ଆସିଲେ । ନିଜର ସୁସଜ୍ଜିତ କକ୍ଷ ମଧ୍ୟରେ ପ୍ରବେଶ କରି ଭିତରୁ କବାଟ ବନ୍ଦ କରି କୁଶୁଆ କହିଲେ; "ଏଥର ଶୁଣ ବିହାରି । ତୁମକୁ ମିଛ କହି ଲାଭ କ'ଣ ? ତୁମେ ବି ମିଥ୍ୟାକୁ ଘୃଣା କର । ହଁ ଶୁଣ, ମହାରାଜାଙ୍କର ଆଦେଶନୁହେଁ ବିହାରି, ଏ ମୋର ଅନୁରୋଧ ।

ତୁମେ ସହାଯ୍ୟ ନକଲେ, ଏତେବଡ଼ ବଂଶ ଯେ ଗଲା ବାହାରି ।"
ଆଶ୍ଚର୍ଯ୍ୟ ହୋଇ ବାହାରି କହିଲା, "କଣ ହୋଇଛନ୍ତି ତାରାସିଂ ଭୈୟା ?" ତାରାସିଂ ରୁଦ୍ଧ ଗଳାରେ କହିଲେ, "ତୁମେ ଜାଣ ଯୁବରାଜ ବିକ୍ରମାଦିତ୍ୟ ବିଲାତରେ ପଢୁଥିଲେ ?"

"ନିଶ୍ଚୟ ।"

"ତୁମେଜାଣ, ସେ ଏକମାତ୍ର ଇନ୍ଦୋର ସିଂହାସନର ପ୍ରକୃତ ଉତ୍ତରାଧିକାରୀ ।"

"ଜାଣେ— ।"

"କିନ୍ତୁ ସେ ଯେ ଅପହୃତ ହୋଇଛନ୍ତି ବାହାର ! ଗତ ଛମାସ ହେଲା ଯୁବରାଜଙ୍କର କୌଣସି ଖୋଜଖବର ନାହିଁ । ମହାରାଜାଙ୍କୁ ତାଙ୍କର ରୋଗଶଯ୍ୟାରେ ମୁଁ ଏ ସଂବାଦ ଦେବାକୁ ସାହାସ କରିନି । ଦେଲେମଧ୍ୟ ମହାରାଜା ଏ ଦୁଃସମ୍ବାଦ ସହ୍ୟ କରି ପାରିବେ ନାହିଁ । କାଳେ ପୋଲିସକୁ ସଂବାଦ ଦେଲେ ସେ ସମ୍ବାଦପତ୍ରରେ ଦେବ, ଜନସାଧାରଣ ଜାଣିବେ । ମହାରାଜ ଜାଣିବେ, ଏ ଭୟରେ ତାହା ମଧ୍ୟ କରିନାହିଁ । ଯୁବରାଜଙ୍କର ଅପହୃତ ସଂବାଦ ପାଇଲେ ବର୍ତ୍ତମାନ ଯୁବରାଜଙ୍କୁ ଖୋଜି ବାହାର କରିବା ଅପେକ୍ଷା ତାଙ୍କୁ ଯେପରିକି ଆଉ ଫେରିବାକୁ ନ ପଡ଼େ ସେ ଯୋଗାଡ଼ ବର୍ତ୍ତମାନ ଅବସ୍ଥାରେ ଅନେକ ଉତ୍ତରାଧିକାରୀ ନିଶ୍ଚିତ ଭାବେ ମଧ୍ୟ କରିବେ । ତେଣୁ·····ଉଃ, କଣ ଯେ କରିବି ବାହାର ! ଜାଣେ ତମେ ଏକା ଏ କାମକୁ ପାରିବ । ତେଣୁ ତୁମକୁହିଁ ମୋର ବିଶେଷ ପ୍ରୟୋଜନ ଥିଲା । ଏପରିକି ତୁମପାଖକୁ ଓଡିଶା ଯାଏ ଲୋକ ପଠାଇଥିଲି । କିନ୍ତୁ ତୁମେ ଯେ [illegible]କ ବେଶରେ ଓ କେଉଁଠାରେ ତା' ଜାଣିବାର [illegible] ତୁମକୁ ନପାଇ ମନେ ହେଉଥିଲା, ଯୁବରାଜ ବିକ୍ରମାଦ[illegible]

ତିରିଦିନପାଇଁ ଛୁଟିରେ ଗଲେ । କିନ୍ତୁ ତୁମକୁ ଦେଖି କଣ ମନେ-ହେଉଛି ଜାଣ ? ମନେହେଉଛି ଯୁବରାଜ ଏଇ ଯେପରି ଫେରିଆସୁଛନ୍ତି । ବନ୍ଦରରେ ତାଙ୍କୁ ପାଛୋଟି ନେବାପାଇଁ ଆମେ ସମସ୍ତେ ଯେପରି ଛିଡ଼ାହୋଇଛୁ । ବିହାରି । କୁହ ବିହାରି । ତୁମେ ଯୁବରାଜଙ୍କୁ ଆଣିଦେବ ।”

କିଛିମାତ୍ର ବିସ୍ମୟ ପ୍ରକାଶ ନ କରି ସହଜ ଭାବରେ ବିହାରୀ କହିଲା, “ଯୁବରାଜ ଅପହୃତ ହେବାର କଥାତ । ତାର କାରଣ ଧନୀ ସମାଜର ଧନ ଲୁଣ୍ଠନ କରିବାପାଇଁ ସବୁବେଳେ ଡକାୟତ ମାନେ ଠାକି ବସିଛନ୍ତି । ଆଚ୍ଛା ତାରାସିଂଙ୍କ ଡକାୟତମାନେ ଯୁବରାଜଙ୍କୁ ଅପହୃତ କରିଛନ୍ତି ବୋଲି ଜାଣିଲେ କିମିତ ?”

“ସେଥିରେ ଆଉ କଣ ସନ୍ଦେହ ଅଛି ବିହାରି ? ଇତିମଧ୍ୟରେ ମୁଁ ସ୍କଟଲଣ୍ଡ ୟାର୍ଡର ବିଖ୍ୟାତ ଗୋଇନ୍ଦା ମିଷ୍ଟର ଉଇଲିୟମ ଜୋନ୍‌ସଙ୍କୁ ନିଯୁକ୍ତ କରିସାରିଲିଣି । ମିଷ୍ଟର ଜୋନ୍‌ସ୍ ଅତି ଉତ୍ତମ ବ୍ୟକ୍ତି ଓ ଏ ବିଷୟରେ ଜଣେ ସ୍ପେଶିଆଲିଷ୍ଟ । ତାଙ୍କର ରିପୋର୍ଟ କୁହେ ଯେ ଯୁବରାଜ ବିକ୍ରମାଦିତ୍ୟ ମହାରାଜାଙ୍କ ଦେହ ଅସୁସ୍ଥତାର ଟେଲିଗ୍ରାମ ପାଇବାର ପରଦିନ ବିଲାତରୁ କରାଚୀ ଅଭିମୁଖେ ଯାତ୍ରାକରନ୍ତି । ଯେଉଁଦିନ ସେ ବିଲାତ ଛାଡ଼ନ୍ତି, ସେଦିନ ଫେବୃୟାରୀ ୮ ତାରିଖ ରବିବାର । କିନ୍ତୁ ଆଜି ହେଲାଣି ମେ ୧୪ ତାରିଖ । ଏ ବର୍ଷ ଫେବୃୟାରୀ ମାସଟି ଅଣତିରିଶିଆ । ତେଣୁ ଅଙ୍କଶାସ୍ତ୍ରର ହିସାବ ଅନୁସାରେ ଫେବୃୟାରୀ ମାସର ୨୨ଦିନ, ମାର୍ଚ୍ଚ ୩୧ ଦିନ, ଏପ୍ରିଲ ୩୦ ଦିନ, ଆଉ ମେର ୧୪ ଦିନ, ଏପରି ସବୁ ମିଶି ହେଲା ୯୭ଦିନ । ଯୁବରାଜ ଏଇ ଛୟାନବେ ଦିନ ହେଲା ଅନ୍ତର୍ହିତ ହୋଇନାହାନ୍ତି ଯେ ସେ ଯେପରି ଛୟାନବେ ଯୁଗହେଲା ଅନ୍ତର୍ହିତ ହେଲେଣି ବିହାରି । ଆଉ—”

"ନା, ଠିକ୍ ଅଛି ସିଂଙ୍ଗ । କିନ୍ତୁ ଯେଉଁଠାରେ ମିଷ୍ଟର ଜୋନ୍ସ ଏ ବିଷୟରେ ଆଉ ଅଧିକଦୂର ଅଗ୍ରସର ହୋଇ ପାରୁ ନାହାନ୍ତି, ସେଠାରେ ମୁଁ ବା କ'ଣ କରିପାରେ ? ବିଶେଷତଃ ମିଷ୍ଟର ଜୋନ୍ସ ଯେ ମୋର ଗିରଫଦାରୀର ପରୱାନା ନେଇ ମୋତେ ଖୋଜିବାରେ ବ୍ୟସ୍ତ ଅଛନ୍ତି !"

"ସବୁ ଜାଣେ ବାହାର । କିନ୍ତୁ ଉଇଲିୟମ୍ ଜୋନ୍ସ ଭ ମଣିଷ । ସେ ତୁମକୁ ଓ ତୁମର କର୍ମପଦ୍ଧତିକୁ ପ୍ରଶଂସା କରନ୍ତି । ଯେତେହେଲେବି ସେ ସରକାରଙ୍କ ଚାକର । ତେଣୁ ସରକାରଙ୍କ ଆଦେଶକୁ ପାଳନ କରିବାହିଁ ସେ ତାଙ୍କର କର୍ତ୍ତବ୍ୟ ବୋଲି ମନେ କରନ୍ତି । ଏ କ୍ଷେତ୍ରରେ ତାଙ୍କୁ ଭୁଲି ରହିବାକୁ ମୁଁ ଅନୁରୋଧ କରୁଛି । ତୁମେ ସ୍ୱାଧୀନ ଭାବରେ ତୁମର କାର୍ଯ୍ୟ କରିବ ।"

"ବେଶ୍ ମାନିନେଲି । କିନ୍ତୁ –"

"ନୁ । ମଝିରେ କୌଣସି କିନ୍ତୁ ପୂରାଅନ ବାହାର । ଏଥିପାଇଁ ତୁମର ଯାହାକିଛି ଖର୍ଚ୍ଚ ହେବ ଓ ଦରକାର ହେବ, ମୁଁ ପ୍ରତିଶ୍ରୁତି ଦେଉଛି, ନିଶ୍ଚୟ ଯୋଗାଇ ଦେବି । ...ଆହା ବିଚରା ଯୁବରାଜ ବିକ୍ରମାଦିତ୍ୟ । କେଉଁଠାରେ ଆଜି କି ଭାବରେ କ'ଣ କରୁଛନ୍ତି, ତାହା ଭଗବାନଙ୍କୁହିଁ ଜଣା ।"

"କୌଣସି ଧନୀକୁ ଏପାଏଁ ସାହାଯ୍ୟ କରିବା ବା ସହାନୁଭୂତି ଦେଖାଇବା ଯଦିଓ ବାହାରୀ କରିନାହିଁ, ତଥାପି ମହାରାଜାଙ୍କର ଏ ଦାନ ପ୍ରତି ତା'ର ଦୁର୍ଦ୍ଦଶା ସମୟରେ ସାହାଯ୍ୟ ସେ ଏପାଏ ଭୁଲିନାହିଁ । ବେଶ୍ ତାହାହିଁ ହେଉ ମିଷ୍ଟର ଜୁଙ୍ଗ ! ଯୁବରାଜଙ୍କୁ ତାଙ୍କ ରାଜ୍ୟକୁ ଫେରାଇ ଆଣିବାର ସମସ୍ତ ଚେଷ୍ଟା ମୁଁ ଅବଲମ୍ବନ କରିବି । ମୋର କେତୋଟି ପ୍ରଶ୍ନର ଉତ୍ତର ଏ କେସ୍ଟିକୁ ଗ୍ରହଣ କରିବା ପୂର୍ବରୁ ଲୋଡୁଛି ।"

"ବେଶ୍, ପ୍ରଶ୍ନ କରନ୍ତୁ ।"

"ଯୁବରାଜ ଅପହୃତ ହେବା ପରଠାରୁ ମହାରାଜାଙ୍କ ପାଖକୁ କୌଣସି ଚିଠି, କୌଣସି ଦୂତ୍‌ ଦେଇଛନ୍ତି କି ?"

"—ହଁ"

"ସେ ଚିଠିରେ କଣ ଉଲ୍ଲେଖ ଥିଲା—?"

"ଉଲ୍ଲେଖ ଥିଲାଯେ ଯଦି ପାଶ୍‌ୱାର୍ଡ କମ୍ବିନେସନ ଶକୁନ୍ତଳ ମହାରାଜା ଦେଇଦଅନ୍ତି, ତେବେ ଯୁବରାଜ ବାଜମଙ୍କର ମୁକ୍ତି ଅନିବାର୍ଯ୍ୟ ।"

"ପାଶ୍‌ୱାର୍ଡ କମ୍ବିନେଶନ୍‌ ?"

"ହଁ ବାହାର, ପାଶ୍‌ୱାର୍ଡ କମ୍ବିନେଶନ କ'ଣ ତୁମେ ଜାଣନା ।" ତୁମେ ନିଶ୍ଚୟ ଶୁଣିନା ଯେ ଇନ୍ଦୋର ସିଂହାସନର ଉତ୍ତରାଧିକାରୀ ଗଣ ପୁରୁଷାନୁକ୍ରମେ ପାଶ୍‌ୱାର୍ଡ କମ୍ବିନେଶନର ଗୁପ୍ତକାଠି ବ୍ୟବହାର କରି ଆସିଛନ୍ତି । ଯୁବରାଜ ବାଜମାଦତ୍ୟଙ୍କର ପିତା ଯୁବରାଜଙ୍କୁ ତାଙ୍କର ଏହି ନ୍ୟାର୍ଯ୍ୟ ଅଧିକାର ଦାନ କରିଥିଲେ । ଇନ୍ଦୋର ସିଂହାସନର ଉତ୍ତରାଧିକାରୀ କେତେକ ଗୁପ୍ତଧନ ସମେତ କେତେକ ମୂଲ୍ୟବାନ ଇତିହାସ ପ୍ରସିଦ୍ଧ ଓ ଅସାଧାରଣ ଦୈବୀଶକ୍ତି ବିଶିଷ୍ଟ ଅଳଙ୍କାରର ନ୍ୟାଯ୍ୟ ଅଧିକାରୀ । କିନ୍ତୁ ସେହି ଗୁପ୍ତଧନ କେଉଁଠାରେ ରହେ ଓ କେଉଁ ଗୁପ୍ତଦ୍ୱାରା ଉକ୍ତ ଗୁପ୍ତଧନ ଥିବା ସିନ୍ଦୁକ ଖୋଲେ, ତା'ର ଠିକଣା କେବଳ ତାର ନ୍ୟାର୍ଯ୍ୟ ଅଧିକାରୀ ହିଁ ଅବଗତ ଥିଲେ । ଶୁଣାଯାଏ ଏହି ବଂଶର ଜଣେ ମହାରାଣୀ ସତୀ ଯାଇଥିଲେ । ତାଙ୍କ ଜୀବିତାବସ୍ଥାରେ ସେ ତାଙ୍କ ସତୀତ୍ୱର ମହତ୍ତ୍ୱ ଅକ୍ଷୁର୍ଣ୍ଣ ରକ୍ଷା କରିବା ପାଇଁ କେତେକ ଦୈବୀଶକ୍ତି ସମ୍ପନ୍ନ ଅଳଙ୍କାର ବ୍ୟବହାର କରୁଥିଲେ । ସେହି ଅଳଙ୍କାର ମଧ୍ୟରେ ଗୋଟିଏ ମାଳା, କଙ୍କଣ ଓ ସିନ୍ଦୂର ଥିଲା । ସେ ମାଳାଟି ଦେଖିବାକୁ

ସଦ୍ୟ ପ୍ରସ୍ଫୁଟିତ ମଲ୍ଲୀଫୁଲ ପରି । କିନ୍ତୁ ପ୍ରକୃତରେ ତାହା ସୁନାର ଫୁଲ । ସେହି ମାଳାଟିର ଗୋଟିଏ ବିଶେଷ ଗୁଣ ଥିଲା । ତାହା ସଦ୍ୟପ୍ରସ୍ଫୁଟିତ ମଲ୍ଲୀଫୁଲର ସୁଗନ୍ଧ ମଧ୍ୟ ବିତରଣ କରୁଥିଲା । ଏହି ମାଳାର ମଳିନତା କେବେହେଲେ ଅନୁଭୂତ ହେଉ ନଥିଲା । କେବେ ଯଦି ସତୀଙ୍କର ସ୍ୱାମୀ ବିପଦାପନ୍ନ ହେଉଥିଲେ, ତେବେ ମାଳା ମଳିନ ପଡ଼ି ଯାଉଥିଲା ଓ ମାଳାର ଗନ୍ଧ ମଧ୍ୟ ସୂଚାଇ ଦେଉଥିଲା ଯେ, ସତୀଙ୍କର ସ୍ୱାମୀ ବିପଦାପନ୍ନ । କଙ୍କଣ ଓ ସିନ୍ଦୁର ମଧ୍ୟ ଠିକ୍ ଏହି ସୂଚନା ଦେଉଥିଲେ । ଆଉ ସତୀଯଦି କେବେହେଲେ ତାଙ୍କର ସତୀତ୍ୱର ହାନୀ କରୁଥିଲେ, ତେବେ ସେହି ମାଳା, କଙ୍କଣ ଓ ସିନ୍ଦୂର ବିଷାକ୍ତ ସର୍ପ କୀଟର ଆକାର ଧାରଣ କରି ତାଙ୍କୁ ଦଂଶନ କରୁଥିଲା । ଏହିପରି ଭାବରେ ଏ ବଂଶର ତିନିଜଣ ମହାରାଣୀ ପ୍ରାଣ-ତ୍ୟାଗ କରିଛନ୍ତି । ଶୁଣାଅଛି, ମହାରାଣୀ ସତୀ ଯାଇଥିଲେ, ଯବନ କର୍ତ୍ତୃକ ଅତ୍ୟାଚାରିତ ହେବା ଭୟରେ । ତାଙ୍କସହିତ ଏହି ଦୈବଶକ୍ତି ସମ୍ପନ୍ନ ଅସାଧାରଣ ଅଳଙ୍କାର ଗୁଡ଼ିକ ମଧ୍ୟ ଚିତାରେ ପୋଡ଼ି ହୋଇ ନଥିଲା । ତେଣୁ ସେହିଦିନଠାରୁ ଏହା ଏହିବଂଶର ସତୀ ମହାରାଣୀ-ମାନଙ୍କର ପ୍ରଧାନ ଭୂଷଣ ହୋଇ ରହିଅଛି । ମହାରାଣୀ ଏହାକୁ କେଉଁଠୁ ଓ କିପରି ଭାବରେ ପାଇଥିଲେ, ସେ ବିଷୟରେ କୌଣସି ରକମର ଇତିବୃତ୍ତ ନ ଥିଲେ ହେଁ ଏକଥା ନିଶ୍ଚିତ ଯେ ଏହି ଅଳଙ୍କାର ତ୍ରୟ ଯୋଗୁଁ ଏ ବଂଶର ଗୌରବ, ଗରିମା ଓ ତା' ସଙ୍ଗେ ସଙ୍ଗେ ପ୍ରତିପତ୍ତି ଏଯାଏଁ ଅକ୍ଷୁର୍ଣ୍ଣ ରହିଅସିଛି । ଏହାର ଅପହରଣରେ ଏ ବଂଶର ସର୍ବନାଶ ଅବଶମ୍ଭାବୀ । ଏହି ଅସାଧାରଣ ଅଳଙ୍କାରକୁ ଦେଖିବା ଲୋଭରେ ପୃଥିବୀର ବିଭିନ୍ନ ଦେଶରୁ ବହୁ ଗଣ୍ୟମାନ୍ୟ ମହିଳା ଓ ଭଦ୍ରବ୍ୟକ୍ତିଙ୍କର ଏଠାକୁ ଶୁଭାଗମନ ହୁଏ । ଏହାକୁ ଅପହରଣ କରିବା ପାଇଁ ଅତୀତରେ ଯେ ସବୁ ପ୍ରକାର ପ୍ରଚେଷ୍ଟା ନ

ହୋଇଛନ୍ତି, ତାହା ନୁହେଁ । ତେବେ କେହିହେଲେ ଏ ସବୁର ସଂଧାନ ପାଇ ନାହାନ୍ତି । ଯୁବରାଜ ବିକ୍ରମାଦିତ୍ୟଙ୍କୁ ଅପହୃତ କରିବା ଅର୍ଥ, ଏ ସବୁ ଅମୂଲ୍ୟ ସଂପଦ ଲାଭ କରିବା । ଏ ଅମୂଲ୍ୟ ସଂପଦର ମୂଲ୍ୟ ମଧ୍ୟ ଅତୁଳ ବିହାରୀ—"

ସବୁକଥା ଶୁଣିସାରିବା ପରେ ବିହାରୀଲାଲ ଚକ୍ଷୁ ମଧ୍ୟ ଉଜ୍ଜ୍ୱଳ ହୋଇ ଉଠିଲା । କିଛିସମୟ କଣ ଭାବିବା ପରେ କହିଲା, "ବଡ଼ କଷ୍ଟସାଧ୍ୟ ବ୍ୟାପାର ମିଷ୍ଟର ତାରସିଂ । ପୃଥିବୀ ଇତିହାସରେ ଏହାର ସ୍ଥାନ ମଧ୍ୟ ଯଥେଷ୍ଟ ଉପରେ । ଏ ବିଷୟରେ ମୁଁ ଯେ ଆଗରୁ କିଛି ଜାଣି ନଥିଲି; ଏପରି ନୁହେଁ । ଜାଣିଥିଲି, ଏ ବଂଶ ପୁରୁଷାନୁକ୍ରମେ ଏହିପରି ଅତୁଳ ସଂପଦର ଅଧିକାରୀ । କିନ୍ତୁ ପାଶର୍ଓ୍ୱାର୍ଡ କମ୍ବିନେଶନର ଗୁପ୍ତକାଠି ଓ ଏହାର ଅବସ୍ଥିତ କେଉଁଠି ଜାଣି ନଥିଲି । ଦୁଃଖର କଥା ମିଷ୍ଟର ତାର ସିଂ ଯେ ଏହାର ଇତିବୃତ୍ତ ପୃଥିବୀର ସମୁଦାୟ ସ୍ଥାନରେ ବିସ୍ତୃତ ହୋଇ ପଡ଼ିଛି । ସେଥିପାଇଁ ଭୟହୁଏ ପୃଥିବୀର କେଉଁ ସ୍ଥାନରେ କେଉଁ ଦଳ ଯୁବରାଜଙ୍କୁ ଅପହରଣ କରିଛି କିଏ କହିବ ? ଆଚ୍ଛା; ଆପଣ ଆଉ ବ୍ୟସ୍ତ ହୁଅନ୍ତୁ ନାହିଁ । ମଣିଷର ସାଧ୍ୟାତୀତ ବୋଲି କିଛିହେଲେ ଜିନଷ ଗୋଟିଏ ନାହିଁ । ଆପଣ ନିଶ୍ଚିନ୍ତ ରୁହନ୍ତୁ, ମୁଁ ଏହାର ସମସ୍ତ ଭାର ଏଇ ମୁହୂର୍ତ୍ତରୁ ଗ୍ରହଣ କଲି ।"

ସାଶ୍ରୁ ନୟନରେ ବୃଦ୍ଧ ତାର ସିଂ କହି ଉଠିଲେ, "କଲ୍ୟାଣ କରୁଛି, ତୁମେ ଏଥିରେ ଜୟୀ ଓ ଯଶସ୍ୱୀ ହୁଅ ବିହାରୀ ।"

## ଦୁଇ

ଅପରାଧ ଯେଉଁମାନେ କରନ୍ତି ଓ ଯେଉଁମାନଙ୍କ ପାଇଁ ଅପରାଧ ସଂଘଟିତ ହୁଏ, ଅପରାଧ ଶାସ୍ତ୍ର କୁହେ, ସେମାନଙ୍କ ବିଷୟରେ ସେମାନଙ୍କର ଜୀବନଯାତ୍ରାର ଆରମ୍ଭରୁ ଅପରାଧ ସଂଘଟିତ ହେବା ପର୍ଯ୍ୟନ୍ତ ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖରୂପେ ଜାଣିବା ଉଚିତ । କାରଣ ଏପରି ନ କଲେ ପ୍ରକୃତ ଅପରାଧୀ ଓ ଅପରାଧର ପ୍ରକୃତ ସ୍ୱରୂପ ଜାଣି ହୁଏନା । ବିହାରିଲାଲ ଯୁବରାଜ ବିକ୍ରମାଦିତ୍ୟଙ୍କ ବିଷୟରେ ମିଷ୍ଟର ତାରା ସିଂ ଠାରୁ ସବୁ ଶୁଣିଥିଲେ ମଧ୍ୟ, ଏତେବଡ଼ କେଶ୍‌ଟିକୁ ଯେତେବେଳେ ତାଙ୍କୁ ଗ୍ରହଣ କରିବାକୁ ହେଉଛି, ସେ ଯୁବରାଜଙ୍କ ବିଷୟରେ ଆହୁରି ଟିକିନିଖି ଅନୁସନ୍ଧାନରେ ପ୍ରବୃତ୍ତ ହେଲେ ।

ଚାକର ଓ ପରିଚାରିକା ମହଲରେ ଗୁପ୍ତ ଭାବରେ ଅନୁସନ୍ଧାନ କରି ଜାଣିଲେ ଯେ ଯୁବରାଜ ଅତିମାତ୍ରାରେ ଶାନ୍ତ ସ୍ୱଭାବର ବ୍ୟକ୍ତି । ଏପରିକି ଯାହା ହେଉନା କାହିଁକି ରାଜପୁତ୍ରମାନଙ୍କ ସୁଲଭ ନିଷ୍ଠୁରତା ତାଙ୍କଠାରେ ନଥିଲା । ଯେ କୌଣସି ଉତ୍ୟକ୍ତ କାରଣରେ ମଧ୍ୟ ସେ ଆଦୌ ବିଚଳିତ ହୋଇ ପଡ଼ୁ ନଥିଲେ । ଏଥିପାଇଁ ସେ ସର୍ବଜନ ଆଦୃତ ଓ ପ୍ରଶଂସିତ ହେଉଥିଲେ । ସେ ଯେପରି ସୁଦର୍ଶନ, ସେହିପରି ଅନେକଗୁଡ଼ିଏ ଭଲଗୁଣର ଅଧିକାରୀ । ତେଣୁ ତାଙ୍କ ବିଷୟରେ କଣ ବା ସନ୍ଦେହ କରାଯାଇ ପାରେ ?

ଯୁବରାଜ ଅପହୃତ । କିନ୍ତୁ କିପରି ଅପହୃତ ହେଲେ, କିଏ ବା ଅପହୃତ କଲା ? ବିହାରୀଲାଲ ଯେପରି କଣ ଗୋଟାଏ ଉଜ୍ଜ୍ୱଳ ବସ୍ତୁ ଦେଖିଲା । ସେ ଭାବିଲା, ଠିକ୍ କଥା । ଯୁବରାଜଙ୍କ ଅପହରଣ ପାଇଁ ସେ ଯେ ନିଜେ ଦାୟୀ ନୁହନ୍ତି, କିଏ କହିବ ? ଦେଖିବାକୁ ହେବ, ଯୁବରାଜ କେଉଁ ଜିନିଷ ଗୁଡ଼ିକୁ କରିବାକୁ ଭଲ ପା'ନ୍ତି ବା କ'ଣ କରାଗଲେ ତାଙ୍କୁ ବଶ କରାଯାଇ ପାରେ । —ଆନନ୍ଦରେ ସେ ଅସ୍ପଷ୍ଟ ଧ୍ୱନି କରି ଉଠିଲା ।

ଆଲମାରୀର ପ୍ରତ୍ୟେକ ଥାକରେ ବହିଗୁଡ଼ିକ ସଜାଡ଼ି ସଜାଡ଼ି ସେ ଦେଖୁଥିଲା, ଯୁବରାଜ ବାସ୍ତବରେ ବହି ପଢ଼ିବାକୁ ଭଲ ପାଉଥିଲେ । ଅନେକ ସମ୍ଭ୍ରାନ୍ତ ଧନୀଙ୍କର ଗୋଟାଏ ସଉକ, ସେମାନଙ୍କର ଗୋଟାଏ ଖିଆଲ ଯେ ବହୁତ ଗୁଡ଼ାଏ ବହି କିଣିଲେ ଓ ତାକୁ ଆଲମାରି ଗୁଡ଼ିକରେ ସଜାଇ ରଖିଲେ ଜନସାଧାରଣ ନିଶ୍ଚୟ ମନେ କରିବେ ବା ମନେ କରିବାକୁ ବାଧ୍ୟ ହେବେ ଯେ ସେ ଜଣେ ସୁପଣ୍ଡିତ ଓ ଜ୍ଞାନୀ ବ୍ୟକ୍ତି । ବହିର ପ୍ରଥମପୃଷ୍ଠା ପର୍ଯ୍ୟନ୍ତ ଖୋଲା ନ ଯାଉ ସେଥିରେ କିଛି ଯାଏ ଆସେ ନାହିଁ । ଯୁବରାଜ ଯେ ଏ ପ୍ରକାର ସୌଖୀନ ଖିଆଲର ବଶବର୍ତ୍ତୀ ନୁହନ୍ତି କିଏ କହିବ ? ସଠିକ ବିବରଣୀ ଜାଣିବା ପାଇଁ ବହିର ପୃଷ୍ଠା ଗୁଡ଼ିକ ଓଲଟାଇ ଦେଖିଲା ବିହାରୀ । ନା ଯୁବରାଜ ବାସ୍ତବରେ ବହିଗୁଡ଼ିକ ପଢ଼ିଛନ୍ତି । ସେ ମାର୍ଜିନରେ କେତେକ ଉକ୍ତି ଉପରେ ନିଜର ମତାମତ ଦେଇଛନ୍ତି । ଏହାଛଡ଼ା ଲାଲ, ନୀଳ ପେନ୍‌ସିଲରେ ଅନେକ ଗୁଡ଼ିଏ ଜାଗାରେ ଦାଗ କାଟିଛନ୍ତି । ବିହାରୀ ଯେ କେତୋଟି ଦାଗଦିଆ ଉକ୍ତିଗୁଡ଼ିକ ପଢ଼ିଲା, ତାହା ଏଇ—

ସୌନ୍ଦର୍ଯ୍ୟ ଅନ୍ୟାନ୍ୟ ପ୍ରତିଭାପରି ଏକ ଦୁର୍ଲଭ ଜିନିଷ ଏବଂ ଈଶ୍ୱରଙ୍କ ମହତ୍ ଦାନ । ଯେଉଁମାନେ ସୁନ୍ଦର ସେମାନେ ଭାଗ୍ୟବାନ୍ ।

ଜୀବନ ଯେତେବେଳ ଯାଏ ଅଛି, ଦେହ ସେ ପର୍ଯ୍ୟନ୍ତ ସତ୍ୟ ଓ ସଂସାର ନିତ୍ୟ । ତେଣୁ ଜୀବନରେ ଯେତେଗୁଡ଼ିଏ ସୁଯୋଗ ଆସିବ, ତାକୁ ଉପେକ୍ଷା କରିବା ଅର୍ଥ ଆତ୍ମପ୍ରତାରଣା କରିବା- ଏହାହିଁ ପାପ ।

ଯେଉଁମାନେ ସୁନ୍ଦର, ସେମାନଙ୍କର ସାମୟିକ ଅଭାବ ଓ ଅସୁବିଧା ହୋଇପାରେ; ମାତ୍ର ସୁନ୍ଦର ମୁହଁର ଜୟ ସର୍ବତ୍ର ।

ମନୁଷ୍ୟ ବଂଚିଥିବା ପର୍ଯ୍ୟନ୍ତ ତା ମନରେ ଆଶା ଆକାଂକ୍ଷା ଓ କାମନା ଥାଏ । ଦେହର ବିନାଶରେ କେବଳ ଏ ସବୁର ଅବସାନ । ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ସୌନ୍ଦର୍ଯ୍ୟ ଓ କାମନା ରହିଛି, ସେତେଦିନ ପର୍ଯ୍ୟନ୍ତ ତା ମନରେ ଭୋଗ ପିପାସା ଅତୃପ୍ତ ଓ ଚିର-ବିଭୋର ରହିଥିବ ।

ବାଃ, ଚମତ୍କାର ! ଯୁବରାଜଙ୍କର ଜୀବନଦର୍ଶନ ସୁନ୍ଦର ଉପଭୋଗ୍ୟ । ସେ ଆହୁରି କିଛି ତାଙ୍କ ବିଷୟରେ ସଂଗ୍ରହ କରିବା ପାଇଁ ଆଉ କେତେଖଣ୍ଡି ବହିର ପୃଷ୍ଠା ଲେଉଟାଇଲି । —ନା ଦାଗ ଦିଆ ଯାଇଥିବା ଉକ୍ତି ଗୁଡ଼ିକ ମଧ୍ୟରେ ଆଉ ବିଶେଷ କିଛି ପ୍ରଭେଦ ନାହିଁ । କେବଳ ଗୋଟିଏ ସ୍ଥାନରେ ସେ ନିଜର ମତାମତ ଦେଇଛନ୍ତି;– "ଉପଭୋଗ୍ୟ ବସ୍ତୁ ମଧ୍ୟରେ ସଙ୍ଗୀତ ଏକ ଅପାର୍ଥିବ ବସ୍ତୁ । ଏହାର ସଂସ୍ପର୍ଶରେ ଆସିଲେ ମନୁଷ୍ୟ ନିଜର ଯେ କୌଣସି ଅବସ୍ଥାକୁ ଭୁଲି ଯାଇଥାଏ ।"

ବହିଗୁଡ଼ିକ କ୍ଷିପ୍ରତାର ସହିତ ସଜାଇ ରଖିବା ପରେ ସେ ତାଙ୍କର ପ୍ରିୟ କ୍ୟାମେରାକୁ ମଧ୍ୟ ସଜାଇ ରଖିଲି । ନା—ଯୁବରାଜ ବିକ୍ରମାଦିତ୍ୟ ଜଣେ ରସିକ ବ୍ୟକ୍ତି କହିବାକୁ ହେବ । ତାଙ୍କର ଉପରର ଶାନ୍ତ ସଂଯତ ବ୍ୟବହାର ତଳେ ସବୁ ଦିଗରୁ ଜୀବନକୁ ପୂର୍ଣ୍ଣମାତ୍ରାରେ ଉପଭୋଗ କରିବାର ଯେ ସ୍ପୃହା, ତାହାହିଁ ରହିଛି ।

ଏହାହିଁ ହୋଇଥାଏ । ମାନଦଣ୍ଡର ସମତା ରକ୍ଷା କରିବାହିଁ ଜାଗତିକ ଧର୍ମର ନିୟମ । ତେଣୁ ବାହାର ବଗୁର ଓ ଆଚରଣ ଅନୁସାରେ ଯେ ଯେତେ ମାତ୍ରାରେ ଧୀର ଓ ନମ୍ର, ଅନ୍ତର ଭିତରେ ଆଇନଭଙ୍ଗ କରିବା, ଉଦ୍ଦାମ ସ୍ୱଭାବ ବିଶିଷ୍ଟ ହେବା ଓ ଦୋଷା-ନ୍ୱେଷୀ ହେବା ତାର ପ୍ରକୃତିଗତ— ଯେପରି ସମୁଦ୍ର ଓ ତା'ର ଢେଉ । କୂଳରେ ଢେଉ ଯେତେମାତ୍ରାରେ ପିଟିହୁଏ ଓ ବେଳା-ଭୂମିକୁ ଚଞ୍ଚଳ ଓ ଆନ୍ଦୋଳିତ କରେ, ସମୁଦ୍ରର ଗଭୀର ଜଳ ସେତେମାତ୍ରାରେ ଶାନ୍ତ । ମାତ୍ର ସମୁଦ୍ରର ଗଭୀର ଜଳରେ ଅନ୍ତର୍ମୁଖୀ ସ୍ରୋତର ଯେଉଁ ବେଗ, ସମୁଦ୍ରର ଅଗଭୀର ଜଳ ସେହି ପରିମାଣରେ କମ୍ ବେଗ ବିଶିଷ୍ଟ ।—

ଏହି ଉକ୍ତି ବା ପ୍ରମାଣ ଗୁଡ଼ିକ ସତ୍ୟ ହେଲେ, ଯୁବରାଜ ବିକ୍ରମାଦିତ୍ୟ ଯେ କେଉଁ ଧରଣର ବ୍ୟକ୍ତି, ତାହା ବୁଝିବାକୁ ବାହାରର ବାକୀ ରହିଲା ନାହିଁ ।

ବିହାରୀ ତାଙ୍କ ବିଷୟରେ ଆଉ ଅଧିକ ଅନୁସନ୍ଧାନ କରି କେତେକ ଉପାଦେୟ ତଥ୍ୟ ସଂଗ୍ରହ କରିସାରିବା ପରେ କାର୍ଯ୍ୟ ତ୍ୟାଗକଲା ।

## ତିନି

ଭୂଗର୍ଭସ୍ଥ ଗୋଟିଏ କକ୍ଷ । ବିକ୍ରମାଦିତ୍ୟ ବସି ବସି କେତେକଣ ଭାବି ଚାଲିଥିଲେ । ଭାବୁଥିଲେ ବାସ୍ତବରେ ଧନୀ ହେବା ବିପଦଜନକ । କିନ୍ତୁ କିଏ ହେବଲ ତାଙ୍କର ସମସ୍ତ ଧନ ବିନିମୟରେ ତାଙ୍କୁ ମୁକ୍ତି ଦଅନ୍ତା କି— ।

ତାଙ୍କର ଭାବନା ମଝିରେ କେତେବେଳେ ଯେ କବାଟ ଖୋଲି ଯାଇଛି ଓ ତାଙ୍କ ସାମନାରେ କୁତ୍ସିତ ଦର୍ଶନ କାଫ୍ରି ଛିଡ଼ା ହୋଇଛି, ତାଙ୍କୁ ଜଣାନାହିଁ । ବିକ୍ରମଙ୍କୁ ଅଧିକକ୍ଷଣ ଭାବବିହ୍ୱଳ ଦେଖି ହିନ୍ଦୁସ୍ଥାନୀ ଲୋକଟି ହସି ଉଠିଲା । ତା ପରେ ଗମ୍ଭୀର ହୋଇ କହିଲା, "ଭାବୁଛ ଯୁବରାଜ ସାହେବ, ଯେ ତୁମର ସମସ୍ତ ଧନର ବିନିମୟରେ କିଏ ତୁମକୁ ମୁକ୍ତ ଦିଅନ୍ତା କି ! କିନ୍ତୁ ଏ ଦୁର୍ଭେଦ୍ୟ କାରାକକ୍ଷର ସଂଧାନ କିଏ ପାଇବ ନା ତୁମକୁ ମୁକ୍ତ ଦେବ ? ଶୁଣ ବିକ୍ରମାଦିତ୍ୟ, ତୁମ ଓ ଆମ ଭିତରେ ତଫାତ୍ ବା କ'ଣ ? ଲକ୍ଷ ଲକ୍ଷ ଗରୀବ ପ୍ରଜାର ତଣ୍ଟି ଚିପି, ରକ୍ତ ଶୋଷି, ତମେ ଧନୀ । ତମ ପରି ଧନୀଙ୍କ ତଣ୍ଟି ଚିପି ଆମେ ମଧ୍ୟ ଧନୀବାସ ଉପଯୁକ୍ତ । ଯେଉଁ ଗୁପ୍ତଧନ ପାଇଁ ତୁମ ସହିତ ଆମର ଶତ୍ରୁତା ତାହା ନ ପାଇଲେ ତୁମର ଜୀବନ ଯେ ବିପଦାପନ୍ନ ତା ତୁମେ ଭୁଲି ଯାଉଛ କାହିଁକି ?"

ଶାନ୍ତ ଭାବରେ ଯୁବରାଜ କହିଲେ, "ବିଶ୍ୱାସ କର ମୁଁ ସେ ପାଶର୍ୱାର୍ଡ କମ୍ବିନେଶନର କଥା ଜାଣେନି ।"

"ତୁମର ସେ ସୁନ୍ଦର ଚେହେରାର ଅବସ୍ଥା କ'ଣ ହେଲାଣି ଦେଖିଲଣି ? ଆଉ କାହିଁକି ସେ ଜିଦ୍ ? ତୁମଠାରୁ ସେହି ଏକା ପ୍ରକାର କଥା ଶୁଣି ଶୁଣି ମୋର ଧୈର୍ଯ୍ୟଚ୍ୟୁତ ଘଟିଲାଣି । ସିଧା ଅଙ୍ଗୁଠିରେ ଘିଅ ବାହାରେ ନାହିଁ—ବେଶ୍— ।"

ସେ ହାତତାଳି ଦେଲା । ସଙ୍ଗେ ସଙ୍ଗେ କଳା ପରିଚ୍ଛଦରେ ଭୂଷିତ ଜଣେ କାଫ୍ରି ପ୍ରବେଶ କଲା । ତାର ମୋଟା ଓଠ, ଲାଲ ଆଖି, କୁଞ୍ଚ କୁଞ୍ଚିଆ ଚିକ୍କଣ କଳା ବାଳ ଓ ଚାହିଁବାର ଭଙ୍ଗୀ ଦେଖି ଯୁବରାଜ ବିକ୍ରମାଦିତ୍ୟ ଆଖି ବୁଜିଦେଲେ । ହିନ୍ଦୁସ୍ଥାନୀଟି ପୁନର୍ବାର ବିକୃତ ହସ ହସି ଯୁବରାଜଙ୍କୁ ସମ୍ବୋଧନ

କରି କହିଲା, "ଦେଖନ୍ତୁ ଯୁବରାଜ, ଆଜଠାରୁ ଏ ଭୂମିର ଶାସନକର୍ତ୍ତା । ତଥା କି ଉପାୟରେ ଅଦାୟ କରିବାକୁ ହୁଏ, ସେ ଜାଣେ ।" ଏହାକହି କାଫ୍ରି ଭାଷାରେ, ତାଙ୍କୁ ସମ୍ବୋଧନ କରି ହିନ୍ଦୁ ସ୍ୱାମୀ ତାଙ୍କୁ ପଚାରିଲା—"ରାଣୀ ମା'ଙ୍କର ଆଦେଶ କଣ ?"

"ତାଙ୍କୁ ଲମ୍ବା ପଲମ ଯୁଆଙ୍କ ଉପରେ ଲଦିବାପାଇଁ ରାଣୀମା ବାରମ୍ବାର ମନା କରିଛନ୍ତି । ନହେଲେ ଗୁଳିକାଠା ଠିକ୍ ଦେଖନ୍ତି । ତେବେ ବି ଆମ ଦେବତା ମାମ୍ବୋଜାମ୍ବୋଙ୍କର ଆଦେଶ ଆଣିଛୁ । ତେଣୁ ସେଇଆଡୁ ଏକାଥରେ ପୋଷାକ ପିନ୍ଧି ଆସିଛୁ ।" ଏହାକହି ସେ ତାର ପୋଷାକ ଭିତରୁ ଏକ ଦାଢ଼ୀ ବାହାର କଲା । ହାତରେ ଖଣ୍ଡେ ବେତ ଧରି ମାମ୍ବୋଜାମ୍ବୋଙ୍କୁ ସ୍ମରଣ କରି ବିକ୍ରମଙ୍କ ଉପରେ ବେତ ଚଳାଇଲା । ମୁହୁର୍ମୁହୁଃ ଆଘାତରେ ବିକ୍ରମଙ୍କ ଦେହରୁ ରକ୍ତ ଝରିବାକୁ ଲାଗିଲା ଓ ବିକଳଭାବରେ ସେ ଚିତ୍କାର କରିବାକୁ ଲାଗିଲେ । ନିଜର ମନ ଶାନ୍ତ ହେବାପରେ ସେ ବେତ ଚଳାଇବା ବନ୍ଦ କଲା । ବିକ୍ରମଙ୍କ ହାତଗୋଡ ଭଲରୂପେ ବାନ୍ଧିଦେଇ ତାଙ୍କ ଦେହରେ ଗୋଟିଏ ବାଲିର ପୋଷାକ ପିନ୍ଧାଇ ଦେଲା । ଫଟା ମାଂସ ଉପରେ ବାଲିର ପୋଷାକ ଫୋଡ଼ି ଫୋଡ଼ି ହୋଇ ତାଙ୍କୁ ଅଧିକ ଯନ୍ତ୍ରଣା ଦେଲା । ଯୁବରାଜ ବିକ୍ରମାଦିତ୍ୟ ମର୍ମଭେଦୀ ଯନ୍ତ୍ରଣାରେ ଚିତ୍କାର କରିବାକୁ ଲାଗିଲେ । ତାଙ୍କ ଯନ୍ତ୍ରଣା ଦେଖି ଦୁହେଁ ଅତ୍ଯନ୍ତ ଜୋରରେ ହସିଉଠିଲେ ଓ ତାଙ୍କୁ ସେହିପରି ଅବସ୍ଥାରେ ଛାଡ଼ିଦେଇ ଚାଲିଗଲେ ।

ଯନ୍ତ୍ରଣାରେ ଛଟପଟ ହୋଇ କେତେବେଳେ ଯେ ବିକ୍ରମ ଅଜ୍ଞାନ ହୋଇପଡ଼ିଲେ ତାଙ୍କୁ ଜଣାନାହିଁ । କିଛି ସମୟ ପରେ ଚେତାହେବାରୁ ସେ ଦେଖିଲେ ତାଙ୍କ ପାଖରେ କିଏ ଯେପରି ପାଣି ଦେଉଛି । ଅନୁଭବ କଲେ, ତାଙ୍କ ଦେହରେ ସେହି ବାଲିର

ପୋଷାକଟି ମଧ୍ୟ ନାହିଁ । ତାଙ୍କୁ ଜଣାଗଲା କେହି ଯେପରି ତାଙ୍କ ଉପରକୁ ଝୁଙ୍କି ପଡୁଛନ୍ତି । ସେ ଚାହିଁବାକୁ ଚେଷ୍ଟା କଲେ । କିନ୍ତୁ ପାରିଲେନି । ଆଖିପତା ଉପରେ ଗଭୀର ଯନ୍ତ୍ରଣା ଅନୁଭବ କଲେ । ଶୁଶ୍ରୂଷାକାରୀ ପ୍ରଶ୍ନ କଲେ—"ଭଲ ଲାଗୁଛି ?"

"ଯୁବରାଜ ଉତ୍ତର ଦେଲେନାହିଁ । ସେ ପୁଣି ପ୍ରଶ୍ନକଲେ—

"ଆମେମାନେ ବନ୍ଧୁ । ଭୟକରନ୍ତୁ ନାହିଁ ।"

ଯୁବରାଜ ତେବେ ବି ନିରୁତ୍ତର । ଯୁବରାଜଙ୍କର କଥା କହିବାର ଶକ୍ତିଟିକକ ମଧ୍ୟ ନଥିବାର ଦେଖି, ଶୁଶ୍ରୂଷାକାରୀ ତାଙ୍କ ସଙ୍ଗୀଙ୍କୁ କଣ ଯେପରି ଆଣିବାକୁ କହିଲେ । ସଙ୍ଗୀ ତାଙ୍କର ପାଖରେ ଥିବା ଗୋଟିଏ ବୋତଲରୁ କଣ ବୁନ୍ଦାଏ ଯୁବରାଜଙ୍କ ପାଟିରେ ଦେବାରୁ ସେ ବହୁକଷ୍ଟରେ ଆଖିମେଲି ଚାହିଁଲେ । ଶୁଶ୍ରୂଷାକାରୀ ଆଶ୍ୱାସନା ଦେଇ କହିଲେ,"ଦୟାକରି ମୋର କେତେଗୁଡ଼ିଏ ପ୍ରଶ୍ନର ଉତ୍ତର ଦିଅନ୍ତୁତ । ଧନ ନା ଜୀବନ କେଉଁଟିକୁ ଆପଣ ଶ୍ରେୟ ମନେ କରନ୍ତି ?" ବହୁ କଷ୍ଟରେ ଯୁବରାଜ କହିଲେ, ଆପଣ ବିଶ୍ୱାସକରନ୍ତୁ ଧନ ପ୍ରତି ମୋର ମମତାନାହିଁ । କିନ୍ତୁ ମୁଁ ପାଟ୍ୱାର୍ଡ କମ୍ବିନେଶନର କୌଣସି ସୂଜ ଜାଣେନି । ଶୁଣିଛି, ସାତତାଳ ପଙ୍କତଳେ ପାତାଳ-ପୁରୀରେ ମାଛ ପେଟ ଭିତରେ ଫରୁଆ, ଫରୁଆ ଭିତରେ ଜୀବନ ରହିଲାପରି, ସେ ସବୁ ଅଲଙ୍କାର ରଖାଯାଇଛି । ତାକୁ ଆଣିବାକୁ ହେଲେ କୁଆଡ଼େ ବହୁ ଅଭ୍ୟାସ କରିବାକୁ ହୁଏ । ତା'ଛଡ଼ା ସତୀର ଇଚ୍ଛାରେ ସତୀ ଜନ୍ମପରେ ସତୀହିଁ ମାଲିକ । ମୁଁ ବା କଣ କରିପାରେ ?" ଏତିକି କହି ପୁଣି ସେ ଅଜ୍ଞାନ ହୋଇପଡ଼ିଲେ । ହୁରନ୍ତୁ ଯେପରି କାହାର ପାଦଶବ୍ଦ ଶୁଣାଗଲା । ଶୁଶ୍ରୂଷାକାରୀ ଯୁବରାଜ ବିକ୍ରମାଦିତ୍ୟଙ୍କ ଦେହରେ ସେଇ ବାଳକ ପୋଷାକଟିକୁ

ଘୋଡ଼ାଇ ଦେଇ, ତାଙ୍କ ସଙ୍ଗୀଙ୍କ ସହିତ ସେଇ ସ୍ୱଳ୍ପ ଅନ୍ଧକାର ଜଙ୍ଗଲ ଭିତରେ ଲୁଅାଡ଼େ ଅଦୃଶ୍ୟ ହୋଇଗଲେ ।

ବିକ୍ରମାଦିତ୍ୟଙ୍କର ଜ୍ଞାନ ଫେରି ଅସୁଥିଲା । ସେ ଯେପରି ତାଙ୍କ ପାଖରେ ଶୁଣିବାକୁ ପାଇଲେ, ପରିଚିତ ଗଳାରେ କିଏ ଯେପରି କହୁଛି, "ମୁନ୍ନୁ, ତୁମର ଜାଣିବା ଉଚିତ ଥିଲା, ବିକ୍ରମାଦିତ୍ୟ ଜଣେ ଯୁବରାଜ । ସେ ଜଣେ ରାଜପୁତ୍ର । ଅତ୍ୟାଗ୍ରହର ସେ କେବେ-ହେଲେ ସହନାହାନ୍ତି । ତେଣୁ ହଠାତ୍ ଏତେ ଗୁଡ଼ାଏ ସହି ସେ ଯେପରି ଭାବରେ ଅଜ୍ଞାନ ହୋଇ ପଡ଼ିଛନ୍ତି, କିଏ ଜାଣେ ଏ ପର୍ଯ୍ୟନ୍ତ ସେ ଜୀବିତ କି ମୃତ ! ଅଚ୍ଛା, ତାଙ୍କୁ ଅାରଣ୍ଟୁଲିରୁ ଛୁଦାଏ ଦିଅ । ତାଙ୍କୁ କୌଣସି ଉପାୟରେ ଅଜ୍ଞାନ କରି ରଖି ତାଙ୍କର ସ୍ମୃତିଶକ୍ତି ଲୋପ କରିଦିଅ । ସେ ବୁଦ୍ଧିହୀନ ପାଗଳ ହୋଇ ଏହିପରି ଅବସ୍ଥାରେ ରହିଥାନ୍ତୁ । ଅଉ ମୁନ୍ନା—ତୁମମାନଙ୍କର କାମରେ ମୁଁ ଆଦୌ ସନ୍ତୁଷ୍ଟ ନୁହେଁ । ତେଣୁ ବର୍ତ୍ତମାନ ପାଇଁ ରାଣୀ ମା' ବା ମୁଁ କିଛି ପାରିଶ୍ରମିକ ତୁମମାନଙ୍କୁ ଦେଇ ପାରୁନାହୁଁ । ତୁମେମାନେ ଶଠି-ଲେଖି ଯୁବରାଜଙ୍କ ବାବାଙ୍କଠାରୁ ଯଦି ପାରିଶ୍ରମିକ ଅଦାୟ କରିନିଅ, ବେଶ୍ ହେବ । ଦେଖ ବିକ୍ରମର ବାବା ବଡ଼ ଶୃଙ୍ଖଳ । ତେଣୁ ବିକ୍ରମର ଦସ୍ତଖତ ନ ଦେଖିଲେ ସେ ଫଟା ପାହୁଲାଏ ସୁଦ୍ଧା ବାହାର କରିବ ନାହିଁ ।"

ହାତଯୋଡ଼ି ମିନତିଭରା କଣ୍ଠରେ ମୁନ୍ନା କହିଲା, "ହଜୁର ତାଙ୍କର ସ୍ମୃତିଶକ୍ତି ଲୋପ କରିଦେଲେ ଅାପଣଙ୍କର ମହତ ଉଦ୍ଦେଶ୍ୟ ସାଧିତ ହେବ କିପରି ? ଶୁଣିଛି, ଯୁବରାଜ ବିକ୍ରମାଦିତ୍ୟ ମଦ ଅାଦୌ ସ୍ପର୍ଶ କରନ୍ତି ନାହିଁ । ତେଣୁ ତାଙ୍କୁ ମଦ ଦେଇ ତାଙ୍କର ମାତାଲ ଅବସ୍ଥାରେ ତାଙ୍କ ଠାରୁ ସବୁକଥା ଅଦାୟ କରିନେବା ପ୍ରକୃତ ବୁଦ୍ଧିମାନର କାମ ହେବ ।"

“ସାବାସ୍ ମୁନ୍ନା । ସେଇଥି ପାଇଁ କେବଳ ତୁମର ହଜାର ଦୁଷ୍କର୍ମ ସତ୍ତ୍ୱେ ମୁଁ ତୁମକୁ ବିଶ୍ୱାସ କରିଛି ଓ ତୁମ ପରାମର୍ଶରେ ସବୁ କିଛି କରି ଆସିଛି ।”

ବୁଢ଼ୀଙ୍କର କଣ୍ଠସ୍ୱର ପରିଚିତ । କିନ୍ତୁ ଶତ ଚେଷ୍ଟା ସତ୍ତ୍ୱେ ସେ ଅଦୌ ସ୍ମରଣ କରି ପାରିଲେ ନାହିଁ, ସେମାନେ କିଏ । ପ୍ରଥମ ବ୍ୟକ୍ତି ତାପରେ ତୁନି ତୁନି କରି ମୁନ୍ନାକୁ କଣ ଯେପରି ଆଦେଶ ଦେଇ ଚାଲିଗଲେ । ଯୁବରାଜ ବିକ୍ରମାଦିତ୍ୟ ତାଙ୍କ ଅଡ଼କୁ ଆଗେଇ ଆସୁଥିବା ପଦଶବ୍ଦ ଶୁଣିବାକୁ ପାଇଲେ । ଆଖିବୁଜି ନିଶ୍ଚଳ ଭାବରେ ସେ ପଡ଼ି ରହିଲେ । ମୁନ୍ନା ଯୁବରାଜଙ୍କ ପାଖକୁ ଆସି ଦେଖିଲା, ସେ ଅଚେତ ଭାବରେ ପଡ଼ି ରହିଛନ୍ତି । ସେ ତାଙ୍କ ପାଟିରେ ଗୋଟିଏ ବୁନ୍ଦା ଟ'ରାଣ୍ଟୁଲା ଢାଳିଲା । ଯୁବରାଜଙ୍କ ଭିତରେ ଉକ୍ତ ରସ ବାଜିବାକ୍ଷଣି ସେ ଅନୁଭବ କଲେ ସେ କ୍ରମଶଃ ସଚେତନ ହୋଇ ଉଠୁଛନ୍ତି । କିନ୍ତୁ କି ଜ୍ୱାଳା ଏଇ ଟାରାଣ୍ଟୁଲାର ! ମନେ ହେଉଛି ତାର ଯିବା ବାଟରେ ସେ ଯେପରି ସବୁକିଛି ଜାଳିପୋଡ଼ି ଦେଇ ଯାଉଛି । ମନେ ହେଉଛି ଏହାର ଜ୍ୱାଳାରେ ସେ ଯେପରି ହତ ଚୈତନ୍ୟ ହୋଇଯିବେ । ତଥାପି ସବୁ କିଛି କଷ୍ଟକୁ ଆଖିବୁଜି ସହ୍ୟକରି ସେ ପଡ଼ି ରହିଲେ । ଯୁବରାଜଙ୍କର ଚେତା ହେବାର କୌଣସି ଲକ୍ଷଣ ନ ଦେଖି ମୁନ୍ନା ସେଇ ବାଳର ପୋଷାକଟିକୁ ଉଠାଇ ନେଇ ଟାରାଣ୍ଟୁଲାର ଆଉ ଟୋପାଏ ରସ ତାଙ୍କ ପାଟିରେ ଦେଲା । ଯୁବରାଜ ଜ୍ଞାନ ହରାଇ ପଡ଼ି [illegible]

# ଚାର

ମିଷ୍ଟର ଉଇଲିୟମ୍ ଜୋନ୍ସ୍ ଘରୁ ବାହାରି ତାଙ୍କ ଅଫିସକୁ ମାତ୍ର ଏଇ ପାଞ୍ଚମିନିଟ୍ ହେବ ଯାଇଛନ୍ତି କି ନାହିଁ । ମିସେସ୍ ଜୋନ୍ସ୍ ତାଙ୍କର ସୁସଜ୍ଜିତ ଲାଇବ୍ରେରୀର ବଡ଼ ହଲଟିରେ ବସି ବ୍ଲେକ୍ସିରଙ୍କର କ୍ରାଇମ୍ ଆଣ୍ଡ୍ ପନିସ୍‌ମେଣ୍ଟ ଉପରେ ଲେଖା ଖଣ୍ଡିଏ ଡିଟେକ୍ଟିଭ ବହି ପଢ଼ିବାକୁ ଉଦ୍ୟମ କରୁଛନ୍ତି । ପରିଚାରିକା ଆସି ସମ୍ବାଦ ଦେଲା. କେହିଜଣେ ଅଟିଷ୍ଟ ମିସେସ୍ ଜୋନ୍ସ୍‌ଙ୍କ ସହିତ ଦେଖା କରିବାକୁ ଚାହୁଁଛନ୍ତି । ମିସେସ୍ ଜୋନ୍ସ୍ ତାଙ୍କୁ ତାଙ୍କ ଡ୍ରଇଂରୁମ୍‌ରେ ବସାଇବାକୁ ଆଦେଶଦେଇ, ଭଦ୍ରବ୍ୟକ୍ତିଙ୍କ ସହିତ ଦେଖା କରିବାକୁ ଡ୍ରଇଂରୁମ୍‌କୁ ଆସିଲେ । କିନ୍ତୁ ଡ୍ରଇଂରୁମ୍‌ରେ ଯାହାକୁ ଦେଖିଲେ, ତାଙ୍କୁ ଦେଖି ସେ ନିଜର ବିସ୍ମୟ ଦମନ କରି ନପାରି କହିଉଠିଲେ, "ଗୁଡ୍ ଗଡ୍ ।" ଭଦ୍ରବ୍ୟକ୍ତି ତାଙ୍କ ଅଭିବାଦନ ଜଣାଇ ସମ୍ଭ୍ରମ ସହକାରେ ପ୍ରଶ୍ନକଲେ, 'କଣ କହିଲେ ?'

ନିଜର ବିସ୍ମୟକୁ ଦମନ କରି କ୍ଷୀଣହସି ମିସେସ୍ ଜୋନ୍ସ୍ କହିଲେ, "କିଛିନୁହେଁ । ଆପଣଙ୍କର ପରିଚୟଟି ଜାଣିପାରେ କି ?"

ଅଗନ୍ତୁକ କହିଲେ, "ନିଶ୍ଚୟ ମୁଁ ମିଷ୍ଟର ଜାକ୍ସନ୍‌ଙ୍କର ଜଣେ ସହକର୍ମୀ । ଆପଣଙ୍କ ସହିତ ମିଷ୍ଟର ଜାକ୍ସନ୍ ଚୁକ୍ତିକରି ଯାଇଥିଲେ ଯେ, ସେ ତାଙ୍କର ଜଲରଙ୍ଗ ପେଣ୍ଟିଂ ଓ ଅଉ କେତେକ ପୁରୁଣା ଅଟିଷ୍ଟଙ୍କର ପେଣ୍ଟିଙ୍ଗ୍ ଆଣି ଆପଣଙ୍କୁ ଦେଖାଇବେ । ସେ

ଅସୁସ୍ଥ ଥିବାରୁ ଆସିପାରିଲେ ନାହିଁ । ମୋତେ ପଠାଇଛନ୍ତି । ଆପଣ ଇଚ୍ଛାକଲେ ମୁଁ ଆପଣଙ୍କୁ ସେଗୁଡ଼ିକ ଦେଖାଇବି । ଏଇ ମୋର ପରିଚୟ ପତ୍ର ।"

"ଆପଣଙ୍କର ପରିଚୟ ପତ୍ର । ବେଶ୍—ଦେଖିଲି । ଆପଣ ଜଣେ ଭାରତୀୟ, ନା ?"

'ହଁ, ମୋ ନା ବିଶ୍ୱକର୍ମା । ଏଇ ଯେ ଦେଖନ୍ତୁ ।" ଏହାକହି ସେ ଅନେକ ଗୁଡ଼ିଏ ଚିତ୍ର ଦେଖାଇଲେ । କେତେଗୁଡ଼ିଏ ଚିତ୍ରର ଭାବାର୍ଥ ମିସେସ୍ ଜୋନ୍ସ ବୁଝି ନପାରିବାରୁ ବିଶ୍ୱକର୍ମା ସେ ଚିତ୍ର ଗୁଡ଼କର ଐତିହାସିକ ତତ୍ତ୍ୱ ଗୁଡ଼ିକ ବୁଝାଇବାରେ ଲାଗିଲେ ।

"ଏଇ ଯେ ଚିତ୍ରଟି ଦେଖୁଛନ୍ତି ଏହା ଗୌତମ ବୁଦ୍ଧଙ୍କର ପ୍ରବ୍ରଜ୍ୟା ମୂଳକ । ବୁଦ୍ଧଦେବ ଜଣେ ରାଜପୁତ୍ର । କିନ୍ତୁ ସଂସାର ଅନିତ୍ୟ ଦେଖି ସେ ତାଙ୍କର ସ୍ତ୍ରୀ; ପୁତ୍ର, ରାଜ୍ୟ, ଧନ, ସବୁ କିଛିକୁ ପରିତ୍ୟାଗ କରି ଚାଲି ଯାଉଛନ୍ତି । ଏଇ ଦେଖନ୍ତୁ, ଯିବାର ପୂର୍ବ ମୁହୂର୍ତ୍ତରେ ମଧ୍ୟ, ବୁଦ୍ଧ ଯେ ସଂସାରତ୍ୟାଗୀ ହେଉଛନ୍ତି ତାର କିଛିମାତ୍ର ଆଭାସ ନ ପାଇ ସମସ୍ତ ରାଜପୁରୀ କିପରି ସୁଖନିଦ୍ରାରେ ଅଭିଭୂତ । ଏଇ ଦେଖନ୍ତୁ ବୁଦ୍ଧ କିପରି ତାଙ୍କର ଶୁଭକାମନା ସମସ୍ତଙ୍କ ଉଦ୍ଦେଶ୍ୟରେ ଜଣାଇ, ନବଜାତ ପୁତ୍ର ରାହୁଲ ଓ ସ୍ତ୍ରୀ ଯଶୋଧାରାଙ୍କ କଲ୍ୟାଣ ବାଞ୍ଛା କରି ଚାଲିଯାଉଛନ୍ତି ।" ମୁଗ୍ଧ ଦୃଷ୍ଟିରେ ପ୍ରଶଂସାମାନ ଆଖିରେ ସେଇଆଡ଼କୁ ମିସେସ ଜୋନ୍ସ ଚାହିଁ ରହିଛନ୍ତି ।

ବିଶ୍ୱକର୍ମା ପୁଣି ଗୋଟିଏ ପେଟିଙ୍ଗ୍ ଖୋଲିଲେ । କହିଲେ, "ଏଇ ଯେ ଏଇଟି ଦେଖନ୍ତୁ ମିସେସ୍ ଜୋନ୍ସ୍, ପୁତ୍ରହରା କୃଷାଗୌତମୀଙ୍କୁ ଦେଖନ୍ତୁ । ଏକମାତ୍ର ପୁତ୍ରକୁ ହରାଇ ସେ କିପରି

ପାଗଳିନୀ ହୋଇଯାଇ ବୁଦ୍ଧଦେବଙ୍କୁ ତାଙ୍କ ପୁତ୍ରର ପ୍ରାଣଭିକ୍ଷା ମାଗୁଛନ୍ତି । ବୁଦ୍ଧଦେବ ନିର୍ଲିପ୍ତ ଭାବରେ ତାଙ୍କର ଉପଦେଶ କୃଷ୍ଣାଗୌତମୀଙ୍କୁ ଦେବାସତ୍ତ୍ୱେ ମଧ୍ୟ, ସେ ଆଦୌ ବୁଝୁନାହାନ୍ତି । ଗୌତମଙ୍କୁ ବାରମ୍ବାର ଅନୁରୋଧ କରୁଛନ୍ତି ତାଙ୍କର ପୁତ୍ରକୁ ପୁନର୍ଜୀବନ ଦେବାକୁ । ବୁଦ୍ଧ କହୁଛନ୍ତି, 'ଯାଅଗୌତମୀ—ତୁମର ଇଚ୍ଛାହିଁ ପୂର୍ଣ୍ଣହେଉ । ତୁମେ ମୁଠାଏ ଶୋରିଷ ଯେଉଁଘରୁ କିଏ ମରି ନଥିବ ସେଇ ଘରୁ ଆଣ । ମୁଁ ତୁମର ପୁଅକୁ ବଞ୍ଚାଇ ଦେଉଛି ।' ହୁଏତ ଗୌତମ ବୁଦ୍ଧଙ୍କ ବିଷୟରେ ଯାହା ଶୁଣାଯାଏ ସେଥିରୁ ତାଙ୍କୁ ଅଲୌକିକ ଶକ୍ତି ସମ୍ପନ୍ନ ମନେକରି ତାଙ୍କ ବିଷୟରେ ଅନେକ ଅଦ୍ଭୁତ ଆଖ୍ୟାନ ମଧ୍ୟ କୁହାଯାଇ ପାରିଥାନ୍ତା । କିନ୍ତୁ ଆପଣ ଜାଣିରଖନ୍ତୁ ମିସେସ୍ ଜୋନ୍ସ୍, ବୁଦ୍ଧ ହେଲେ ଜ୍ଞାନ ବା ପ୍ରଜ୍ଞାର ଅବତାର । ତେଣୁ ତାଙ୍କ ବିଷୟରେ କୌଣସି ପ୍ରକାରର ଅଲୌକିକ କଥା କହିବା ଅର୍ଥ ବୁଦ୍ଧଙ୍କର ପ୍ରତାରଣା କରିବା । ହଁ, ଶୁଣନ୍ତୁ । କୃଷ୍ଣାଗୌତମୀ ମୃତ୍ୟୁହୀନ ବା ଅମର ପରିବାରର ସଂଧାନ ପାଇଲେନି । ତେଣୁ ସେ ମୁଠାଏ ଶୋରିଷ ଆଣିପାରିଲେ ନାହିଁ । ନିଜର ଭୁଲ ମଧ୍ୟ ବୁଝିଲେ । 'ବୁଦ୍ଧଂ ଶରଣଂ ଗଚ୍ଛାମି ସଂଘଂ ଶରଣଂ ଗଚ୍ଛାମି, ସଂଘଂ ଶରଣ ଗଚ୍ଛାମି କହି ବୁଦ୍ଧଙ୍କର ଦୀକ୍ଷା ନେଲେ । ଏଇ ଦେଖନ୍ତୁ ମିସେସ୍ ଜୋନ୍ସ୍ । କି ସୁନ୍ଦର, କି ଅପାର୍ଥିବ ଏ ଚିତ୍ରଟି ! ମାଡ଼ୋନାଙ୍କୁ ଘେରି ରହସ୍ୟଥିଲା ପରି, ଏ ଭାରତୀୟ ଚିତ୍ରରେ ଆପଣ ସେ ଛଳନା, ସେ ପ୍ରବଞ୍ଚନା ପାଇବେ ନାହିଁ ।"

କି... ଶୁକର୍ମୀଙ୍କ ଉକ୍ତିରେ ପୁଲକିତ ହୋଇ ମିସେସ୍ ଜୋନ୍ସ୍ ...ଥ ବାସ୍ତବରେ ଆପଣଙ୍କ ଭାରତୀୟ ଚିତ୍ର ସତ୍ୟର ସୁନ୍ଦର ଜଣେ ସ...ଣ୍ଟି କରିପାରନ୍ତି । ମୋ ଡ୍ରଇଂରୁମ ପାଇଁ ଅଗ ଚିତ୍ରଟି ଯାଇଥିଲେ

ସରଣୀ ଅ...

ଓ ଏ ଛବିଟି ଲଗିଲ । ଆଉ ଗୋଟିଏ ଛବି ଦେଖାନ୍ତୁ ମିଷ୍ଟର ବିଶ୍ କରମ୍ ।"

ମାଡ଼ାମ୍‌ଙ୍କର ସମ୍ବୋଧନରେ ଈଷତ୍ ହସି ବିଶ୍ବକର୍ମା କହିଲେ, "ମୋ' ନାଁ ବିଶ୍ବକର୍ମା ମାଡ଼ାମ୍ । ଆପଣଙ୍କ ଇଂରାଜୀ ନାମ ଗୁଡ଼ିକର କୌଣସି ଅର୍ଥ ନଥାଏ । କିନ୍ତୁ ଭାରତୀୟ ନାମଗୁଡ଼ିକ ଅର୍ଥହୀନ ନୁହେଁ । ମୋ' ନାଁର ଅର୍ଥ ହୁଏ ।"

"ହଁ ମୁଁ ମୋର ଅଜ୍ଞତା ମାନୁଛି ହଁ, ଅନ୍ୟ କିଛି ଛବିର କଥା କହୁଥିଲ ନା ?"

"ଏଇ ଦେଖନ୍ତୁ । ଏଇଚିତ୍ରଟିର ନାମ ହେଉଛି, 'ସ୍ତନ୍ୟପାନ' । ଦେଖନ୍ତୁ ମାଡ଼ାମ୍ । ମା' କିପରି ପୂର୍ଣ୍ଣ ଓ ଶାନ୍ତ ଚିତ୍ତରେ ତାର ଶିଶୁକୁ ସ୍ତନ୍ୟପାନ କରାଇବାପାଇଁ ଚାହୁଁଛି । ସନ୍ତାନର ମୁଷ୍ଟିବଦ୍ଧ । ଆଖିରେ ଆନନ୍ଦର ଆତିଶଯ୍ୟ ଓ ଗଭୀର ଆଗ୍ରହ । ପୁଲକରେ ମା'ର ମନ ଯେପରି ଫାଟିପଡୁଛି । ତାର ସ୍ତନରୁ ଶିଶୁ ପାଇଁ ଆପଣା ମନକୁ ଦୁଗ୍ଧ ଝରୁଛି । ପାଶ୍ଚାତ୍ୟ ସଭ୍ୟତାରେ ଏ ଚିତ୍ର ଆପଣ ଦେଖିବାକୁ ପାଇବେ ନାହିଁ ମାଡ଼ାମ୍ । କିନ୍ତୁ ଯା' ପଛରେ ଗୋଟିଏ କରୁଣ ଇତିହାସ ଲୁଚି ରହିଛି । ଯେଉଁ ଭଦ୍ରଲୋକ ଏ ଛବି ଆଙ୍କିଥିଲେ, ସେ ଶିଶୁମୁହଁରେ ହସ ଓ ଉଚ୍ଛ୍ୱାସ ଦେଇଥିଲେ ମଧ୍ୟ ତାର ମୁହଁ ପାଇଁ ମା'ର ଦୁଗ୍ଧ ଦେଇ ନ ଥିଲେ । ସେ ନିଜେ ଏସବୁ ସୁନ୍ଦର ସୃଷ୍ଟିର ସ୍ରଷ୍ଟା ଥିଲେ ମଧ୍ୟ, ତାଙ୍କର ପାରିବାରିକ ଜୀବନ ଏତେ ସୁଖମୟ ନଥିଲା । ତାଙ୍କର ସନ୍ତାନ ସନ୍ତତି ନଥିଲେ । ତେଣୁ ତାଙ୍କ ଘରେ ଏତେ ଦରଦ । ତାଙ୍କର ସ୍ତ୍ରୀ ଏଇ ସ୍ତନ୍ୟଧାରଟି ମାଟି ମୁହଁକରେ ମୋଟା କରି ବସାଇ ଦେଇଛନ୍ତି ।"

"ଚମତ୍କାର ।" ମିସେସ୍ ଜୋନ୍ସ୍ କହିଉଠିଲେ । "ମୋର ଡ୍ରଇଂରୁମ୍‌ରେ ଏଟିକୁ ମଧ୍ୟ ସ୍ଥାନ ଦିଅନ୍ତୁ ।"

ବିଶ୍ୱକର୍ମା ମିସେସ୍ ଜୋନ୍ସ୍ ଙ୍କର ଡ୍ରଇଂରୁମ୍‌କୁ ଚମତ୍କାରଭାବରେ ସଜାଇ ଦେବାପରେ, ମିସେସ୍ ଜୋନ୍ସ୍ ତାଙ୍କୁ ଏସବୁର ଦାମ୍ ପଚାରିଲେ । ଉତ୍ତରରେ ବିଶ୍ୱକର୍ମା କହିଲେ, "ମୁଁ ତ ମିସେସ୍ ଜୋନ୍ସ୍ ଙ୍କ ଠାରୁ ଏସବୁ ପାଇଁ ଦାମ୍ ଦେଇ ନେବି ମାଡ଼ାମ୍ । କିନ୍ତୁ ମୋ ପାଇଁ ଆପଣ ଗୋଟିଏ କାମ କରିପାରିଲେ କୃତଜ୍ଞ ହେବି ।"

ବିଶ୍ୱକର୍ମାଙ୍କ ସୁନ୍ଦର ଚେହେରା, ବ୍ୟବହାରରେ ଆଗରୁ ଖୁବ୍ ଖୁସି ହୋଇ ଯାଇଥିଲେ ମିସେସ୍ ଜୋନ୍ସ୍ । ସେ ତାଙ୍କର ପ୍ରାର୍ଥନା ପୂରଣ କରିପାରିବେ ବୋଲି ଖୁବ ଗର୍ବ ଖୁବ ଖୁସି ଅନୁଭବ କରି କହିଲେ, "କଣ ଆପଣଙ୍କର ଇଚ୍ଛା-ମିଷ୍ଟର ବିଶ୍ କରମ୍ ।"

"ଦୟାକରି ଅନୁମତି ଯଦି ଦିଅନ୍ତି, ତେବେ ଆପଣଙ୍କୁ କେତେକ ମୂଲ୍ୟବାନ ପଥର ଓ ସୁଗନ୍ଧଦ୍ରବ୍ୟ ଦେଖାନ୍ତି ।"

ମିସେସ୍ ଜୋନ୍ସ୍ ଏଥିରେ ଅତିମାତ୍ରାରେ ଖୁସିହୋଇ କହିଲେ, "ଓ, ସିଓର, ସିଓର ।" ଭାରତୀୟ ସୁଗନ୍ଧଦ୍ରବ୍ୟ ଅନେକଦିନ ତଳେ ମିଷ୍ଟର ଜୋନ୍ସ୍ ମୋତେ ମୋର ବାର୍ଥ ଡେ'ରେ ଉପହାର ଦେଇଥିଲେ । ଭାରି ସୁନ୍ଦର ସେ ଜିନଷ । ସେଇ ଜିନଷ ଆପଣ ଆଣିଛନ୍ତି ତ ? ଦେଖି ।"

ବିଶ୍ୱକର୍ମା କେତେକ ସୁଗନ୍ଧଦ୍ରବ୍ୟ ତାଙ୍କୁ ଦେଖାଇଲେ । ସେ ହାତରେ ମାରି ସବୁଗୁଡ଼ିକୁ ଆଘ୍ରାଣ କରିବାକୁ ଲାଗିଲେ । ଶେଷଥର ମୃଗନାଭୀ କସ୍ତୁରୀ ଅଘ୍ରାଣ କରୁ କରୁ ତାଙ୍କର ଯେପରି ମନେହେଲା, ଜ୍ଞାନଶକ୍ତି ତାଙ୍କର ଯେପରି ଲୋପ ପାଇ ଆସୁଛି । ଆଖି ଆଗରେ ଘନଅନ୍ଧାର ଜମାଟ ବାନ୍ଧି ଉଠୁଛି । କଣ ବୁଝିପାରି-ବା ଆଗରୁ ପଦଟିଏ କଥା କହିବା ଆଗରୁ, ସେ ସଂପୂର୍ଣ୍ଣ ରୂପେ ଜ୍ଞାନଶକ୍ତି ହରାଇ ଚଟାଣରେ ବିଛାହୋଇଥିବା ଦାମୀ କାର୍ପେଟ୍

ଉପରେ ଢ଼ଳି ପଡ଼ିଲେ । ତାଙ୍କର ପ୍ରାଣହୀନ ଦେହ ଅଡ଼ୁଲି ଅନାଇ ଅଲ୍ଫ୍ରେଡ୍ ତାଙ୍କର ପ୍ରାଣହୀନ ଦେହକୁ ସୋଫାଉପରେ ରଖାଇଲେ । ବିଶ୍ୱକର୍ମା କ୍ଷିପ୍ରଗତିରେ ମିଷ୍ଟର ଜୋନ୍‌ସ୍‌ଙ୍କ ଅଫିସ୍ ଘରେ ପ୍ରବେଶ କରି ଦ୍ୱାର ବନ୍ଦ କଲେ ।

ମିଷ୍ଟର ଉଇଲିୟମ୍ ଜୋନ୍‌ସଙ୍କ ଅଫିସ୍ ଘରଟି କେବଳ ଅଲମାରୀରେ ଭର୍ତ୍ତି । ଉକ୍ତ ଅଲମାରୀରେ ସ୍ତରସ୍ତର ହୋଇ ସେ ଏପର୍ଯ୍ୟନ୍ତ, ଯେତେଗୁଡ଼ିଏ କେସର୍ ଭାର ଗ୍ରହଣ କରିଛନ୍ତି, ସବୁର ରେକର୍ଡ ସଜ୍ଜିତ ହୋଇରହିଛି । ବିଶ୍ୱକର୍ମା କ୍ଷିପ୍ରତାର ସହିତ ସବୁ ରେକର୍ଡ ଗୁଡ଼ିକ ଦେଖିବାରେ ଲାଗିଲେ । ଅନ୍ୟୂନ କୋଡ଼ିଏ ରେକର୍ଡ ଦେଖିସାରିବା ପରେ ସେ ବ୍ୟସ୍ତ ହୋଇ ପଡ଼ିଲେ । ସମୟ ଯେ ଅତି ଅଳ୍ପ । ହୁଏତ ଯେକୌଣସି ମୁହୂର୍ତ୍ତରେ ମିସେସ୍ ଜୋନ୍‌ସ୍‌ଙ୍କର ଜ୍ଞାନ ଫେରି ଆସିପାରେ । ହୁଏତ ଚାକରମାନେ କେହିହେଲେ ମିସେସ୍ ଜୋନ୍‌ସ୍‌ଙ୍କୁ ଏପରି ଅବସ୍ଥାରେ ପଡିରହିଥିବାର ଦେଖି ପାଟିଗୋଳ କରିପାରନ୍ତି । ଏ ଯେ ଖୁବ୍‌କମ୍ କୋଡ଼ିଏହଜାର ରେକର୍ଡର ବ୍ୟାପାର । ବିଶ୍ୱକର୍ମାଙ୍କର ଯେପରି ଧୈର୍ଯ୍ୟଚ୍ୟୁତି ଘଟିଲା । ତଥାପି ରେକର୍ଡ ପରେ ରେକର୍ଡ ଅନୁସନ୍ଧାନ କରିବାରେ ଲାଗିଲେ ଏବଂ ଅଳ୍ପସମୟ ପରେ ଆପଣାମନକୁ ଅସ୍ପଷ୍ଟ ଆନନ୍ଦ କରିଉଠିଲେ ।

ଫାଇଲଟିକୁ ଖୋଲିପଢ଼ିଲେ, ଲେଖାଅଛି—

"ଏପରି ଏକଧରଣର ଅପରାଧୀ ଅଛନ୍ତି, ଯେଉଁମାନେ ବାହାରୁ ଦେଖିବାକୁ ଅତି ସୁନ୍ଦର । ଏମାନଙ୍କ ବ୍ୟବହାର ମଧ୍ୟ ଅତି ମାର୍ଜିତ ଓ ଭଦ୍ର । କୌଣସି ରକମର ଅପରିଷ୍କାରକୁ ମନେ ପ୍ରାଣେ ଘୃଣା କରନ୍ତି ଓ ଯେ କୌଣସି ଉତ୍ତର ଦୃଢ଼ତାରେ ଦେଇ ଚାଲନ୍ତି । ଏମାନଙ୍କ ଧୈର୍ଯ୍ୟଶକ୍ତି ମଧ୍ୟ ଅସୀମ । ଏମାନଙ୍କ କ୍ଷିପ୍ର କା

ଉତ୍ତେଜିତ ହେବାର ପ୍ରାୟଶଃ ଦେଖାଯାଏ ନାହିଁ । ମାତ୍ର ଏମାନଙ୍କ ଦ୍ୱାରା ହିଁ ଅସାଧାରଣ ରକମର ଅପରାଧ ସଂଘଟିତ ହୋଇଥାଏ । ଏମାନେ ସାଧାରଣ ଓ ଖ୍ୟାତିସମ୍ପନ୍ନ ନାଗରିକର ଜୀବନଯାପନ କରୁଥିବାରୁ ଏମାନେ ସାଧାରଣତଃ ଅପରାଧୀ ବୋଲି ଧରାପଡ଼ନ୍ତି ନାହିଁ । ଏମାନଙ୍କୁ ଶାସ୍ତି ଦେବାର ଉପାୟ ମଧ୍ୟ ଆଇନ୍ ଏଯାଏ କରିନାହିଁ । ମାତ୍ର ଏହିଧରଣର ଭଦ୍ର ଓ ଧଣ୍ଡା ଠକ ମାନଙ୍କ ଛାଡ଼ିଗଲେ ଚଳିବ ନାହିଁ । ଆଇନ୍‌ର ବାହାରେ ରହି ଏମାନଙ୍କୁ ଉପଯୁକ୍ତ ଶାସ୍ତି ଦିଆଗଲେ ଏମାନଙ୍କ ପ୍ରତି ଜନସାଧାରଣଙ୍କର ଯେ ମନୋଭାବ ଅଛି, ତାହା ଅନେକ ବଦଳିଯାନ୍ତା ଓ ଦୁନିଆ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ହୁଅନ୍ତା ।” ଏହା ମିଷ୍ଟର ଜୋନ୍‌ସ୍ ଅପଣା ହାତରେ ହିଁ ଲେଖିଛନ୍ତି, ଓ ଏହି ସଂକ୍ରାନ୍ତରେ ଯେଉଁ କେତେଜଣ ସମ୍ଭ୍ରାନ୍ତ ମହାମାନ୍ୟ ନାଗରିକଙ୍କର ନାମ ଉଲ୍ଲେଖ କରିଛନ୍ତି, ତାହା ପଢି ବିଶ୍ୱକର୍ମା ସ୍ତବ୍ଧ ହେଲେ ।

କହି ପୁଣି ଆଉ ଗୋଟିଏ ଫାଇଲ୍ ବାହାର କରି ପଢିଲେ, ଅନେକ ଏକ ଧରଣର ଅପରାଧୀ ଅଛନ୍ତି, ଯେଉଁମାନେ କୌଣସି ନା କୌଣସି ବିଶିଷ୍ଟ ଗୁଣର ଅଧିକାରୀ । ଏହି ଧରଣର ଅପରାଧୀ ସେଇ ଭିତରେ ପୃଥିବୀ ବିଖ୍ୟାତ ସଂଗୀତଜ୍ଞ, ଚିତ୍ରକର, ରସାୟନ ବିତ୍, ମନସ୍ତତ୍ତ୍ୱବିତ୍ ଇତ୍ୟାଦି ଥାନ୍ତି । ଏମାନେ ସେମାନଙ୍କର ବିଶିଷ୍ଟ ଗୁଣଦ୍ୱାରା ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନ ଭାଜନ ହୁଅନ୍ତି ଏବଂ ନିପୁଣତାର ସହିତ ସେମାନଙ୍କର ଗୁଣ ଦ୍ୱାରା ଅନ୍ୟକୁ ବଶୀଭୂତ କରି ନିଜର ଅଭୀଷ୍ଟ ସାଧନ କରିଥାନ୍ତି । ଏମାନଙ୍କ ବିରୁଦ୍ଧରେ ଅନେକ ଗୁଜବ ଉଠିଲେ ମଧ୍ୟ ଯଥେଷ୍ଟ ପ୍ରମାଣ ନଥାଏ । ବା ଏମାନଙ୍କ ସହିତ ଏପରି ଖ୍ୟାତିସମ୍ପନ୍ନ ବ୍ୟକ୍ତିଗଣ ସଂପୃକ୍ତ ଥାନ୍ତି ଯେ, ଏମାନଙ୍କ ବିରୁଦ୍ଧରେ ପ୍ରମାଣ ପାଇଲେ ମଧ୍ୟ, ସେମାନଙ୍କୁ ଦଣ୍ଡ ଦିଆଯାଇ

ପାରେ ନାହିଁ ।” ଏହି ସଂପର୍କରେ ମିଷ୍ଟର ଜୋନ୍ସ କେତେକଙ୍କ ନାମୋଲ୍ଲେଖ ମଧ୍ୟ କରିଥିଲେ । ବିଶ୍ୱକର୍ମା କେତେକ ନାମ ଓ ଘଣ୍ଟଣୀ ଟିପିନେଇ ଫାଇଲ୍ ଗୁଡ଼ିକ ଯଥାସ୍ଥାନରେ ରଖି କକ୍ଷତ୍ୟାଗ କଲେ । ମାଡ଼ାମ୍ ଜୋନ୍ସ୍ ସେପର୍ଯ୍ୟନ୍ତ ବି ଅଚେତ ଥିଲେ ।

## ପାଞ୍ଚ

ଟାରଣ୍ଟୁଲ୍ଲ ରସ ପାନକରି ଉନ୍ମତ୍ତ କାଫ୍ରିମାନେ ଦଳ ଦଳ ହୋଇ ଆମୋଦ କରିବାରେ ଲାଗିଥିଲେ । ସେମାନେ ସମସ୍ତେ ଭୀଷଣାକାର ଓ ପ୍ରାୟ ଉଲଗ୍ନ । ବୀଭତ୍ସ ମୂର୍ତ୍ତିଧାରୀ ନରନାରୀ ଗଣ ଜଘନ୍ୟ ଭଙ୍ଗୀରେ ହସ୍ତ ପ୍ରସାରିତ କରି ନାଚୁଥିଲେ । ସେମାନଙ୍କର ଦୈନ୍ୟ ଓ କ୍ଷୁଧାକ୍ଳିଷ୍ଟ ଦେହ ଭୟାବହ ଦେଖାଯାଉଥିଲା । ସେମାନଙ୍କ ମୁହଁରୁ ଖାଲି ଶୁଣାଯାଉଥିଲା, 'ଦିଅ-ଆଉ ଦିଅ'

ଅଳ୍ପ ଦୂରରେ ଆଉ ଦଳେ ଅପେକ୍ଷାକୃତ କଦାକାର ଅଥଚ ସୁସ୍ଥ ସବଳ ଲୋକ ଗୋଟିଏ ଷଣ୍ଢକୁ ଘେରି ଆମୋଦରେ ପ୍ରବୃତ୍ତ ଥିଲେ । ଷଣ୍ଢଟି କଳାରଙ୍ଗର ଓ ପ୍ରକାଣ୍ଡ ଆକାରର । ମଝିରେ ଷଣ୍ଢଟିକୁ ରଖି ନରନାରୀର ଦଳଟି ତାକୁ ଗୋଲକାର ଭାବରେ ଘେରି ରହିଥିଲେ । ଷଣ୍ଢଟି ଉନ୍ମତ୍ତ ହୋଇ ଏପାଖରୁ ସେପାଖକୁ ଦଉଡ଼ୁଥିଲା ଓ ପ୍ରତ୍ୟେକ ଥର ତାର ସିଙ୍ଗରେ ଭୂମି, ଉତ୍କ୍ଷିପ୍ତ ନରନାରୀ ଦଳଟିକୁ ପାଦରେ ଦଳି ଦେବାକୁ ଚେଷ୍ଟା କରୁଥିଲା । କିନ୍ତୁ ଦୁର୍ବୃତ୍ତ ଦଳ, ଆଗରୁ ସାବଧାନତା ଅବଲମ୍ବନ କରି ଷଣ୍ଢର ସିଙ୍ଗ ଉପରର ଖୋଳ ବାହାର କରି ଦେଇଥିଲେ ଓ ତାହା ଲାଇ-

ଦେଖାଯାଉଥିଲା । ତେଣୁ ତାର ଅଙ୍ଗ ସିଙ୍ଗରେ ଭୂଷି ମାରିବାର ସ୍ଥାନ ନ ଥିଲା । ପଛ ଦୁଇଗୋଡ଼ରେ ନିଷ୍ଫଳ ଆକ୍ରୋଶରେ ଭୂଇଁ ଖୋଳି ଏପାଖରୁ ସେପାଖ ଦଉଡ଼ ବାହାରକୁ ପଳାଇଯିବାର ଉଦ୍ୟମ କରୁଥିବା ସମୟରେ ତୀକ୍ଷ୍ଣମୁନ ଅସ୍ତ୍ରର ସାହାଯ୍ୟରେ ତାହାକୁ ସେହି ନରନାରୀର ଦଳ ଭୂଷି ଆହୁରି ମରଣ ଚଞ୍ଚଳ କରି ତୋଳୁଥିଲେ । ସେମାନଙ୍କର କଣ୍ଠରୁ ବୀଭତ୍ସ ଉଲ୍ଲାସର ଧ୍ୱନୀ ନିସୃତ ହେଉଥିଲା ।

ଆଉ ଅଳ୍ପଦୂରରେ ଗାଢ଼ କୃଷ୍ଣବର୍ଣ୍ଣର ପୋଷାକରେ ଭୂଷିତ ହୋଇ ମୁହଁରେ ନକଲି ଦାଢ଼ୀ ପିନ୍ଧି ଦଳେ ଲୋକ ସେମାନଙ୍କର ଦେବତା ମାମ୍ବୋ ଜାମ୍ବୋଙ୍କର ଅନୁଚର ବୋଲି ନିଜକୁ ପରିଚୟ ଦେଉଥିଲେ । ଏମାନେ ଅପେକ୍ଷାକୃତ ଶାନ୍ତ ଦେଖାଯାଉଥିଲେ । ଏମାନେ ମଧ୍ୟ ଗୋଲାକାର ହୋଇ ବସି ରହିଥିଲେ । ସେହି ଗୋଲାକାର ସ୍ଥାନର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରଚଣ୍ଡ ଶିଖାଟେକ ନିଆଁ ଜଳୁଥିଲା ଓ ସେହି ନିଆଁରେ ପିତ୍ତଳର ଅମସୃଣ ଗୋଟିଏ ପାତ୍ର ଉତ୍ତପ୍ତ କରା ଯାଉଥିଲା । ସେମାନଙ୍କ ମଧ୍ୟରେ ଜଣେ ବୟସ୍କ ପୁରୋହିତ ଥିଲେ । ସେ ମନ୍ତ୍ରପଢି ଆହୁତି ଦେଉଥିଲେ ଓ ଆଶ୍ଚର୍ଯ୍ୟର କଥା ସେହି ପାତ୍ରଟି ପ୍ରତିଥର ଅଧିକରେ ଲାଲ ହୋଇ ଉଠୁଥିଲା । ନିକଟରେ ଗୋଟିଏ କାଫ୍ରି ଯୁବତୀ ହାତଗୋଡ ବନ୍ଧା ଅବସ୍ଥାରେ ପଡିରହିଥିଲା । ପୂଜାର ବିଧି ଅନୁସାରେ ଜଣେ ସୁନ୍ଦରୀ ଯୁବତୀଙ୍କୁ ଉତ୍ସର୍ଗ କରାଯିବାର କଥା । ମାତ୍ର ଏମାନଙ୍କର ଉତ୍ସବର ବିଧି ଅଲଗାଥିଲା । ସେମାନଙ୍କର ବିଧି ଥିଲା ପୂର୍ଣ୍ଣାହୁତି ସମୟରୁ ପାତ୍ରଟି ଯେତେବେଳେ ସଂପୂର୍ଣ୍ଣ ଲାଲ୍ ହୋଇ ଯାଇଥିବ, ସେତେବେଳେ ଉକ୍ତ ପାତ୍ରଟିକୁ ଉକ୍ତ ଯୁବତୀର ମୁଣ୍ଡରେ ଥୋଇଦେବା । ତାପରେ ଯୁବତୀଟି ପୁରାପୁରି ପୋଡ଼ି ହୋଇଯିବ । ଠିକ୍ ସେହି ସମୟକୁ ଉକ୍ତ ଟାବାଣ୍ଟୁ ପାନକାରୀ ଦଳ ବେହୋସ୍ ହୋଇ ପଡିଥିବେ ।

ବହୁଜଣ ଭାରତୀୟ ବୁଦ୍ଧଙ୍କର ଦୀକ୍ଷାନେଇ ଶ୍ରମଣ ଭାବରେ ପ୍ରବର୍ଯ୍ୟା ଆରମ୍ଭ କରିଥିଲେ । ସେମାନେ ବର୍ମା, ଚୀନ, ଜାପାନ, ଇଣ୍ଡୋନେସିଆ ଓ ଅନ୍ୟାନ୍ୟ ସ୍ଥଳପଥ ଅତିକ୍ରମ କରି ପ୍ରତ୍ୟେକ ସ୍ଥାନରେ ନିଜର ମତବାଦ ପ୍ରଚାର କରି ପରିଶେଷରେ ଜଳପଥରେ ଭ୍ରମଣ କରିଥିଲେ । ଶୁଣାଯାଏ ବୁଦ୍ଧଙ୍କର ଦନ୍ତର ଦର୍ଶନ ପାଇଁ ସେମାନେ ବର୍ମା ଯାଇଥିଲେ । କିନ୍ତୁ ସେଠାରେ ଶୁଣିଲେ ବୁଦ୍ଧଙ୍କର ଦନ୍ତ ସହିତ କେତେକ ଉପାଦେୟ ପୁସ୍ତକ ମଧ୍ୟ ରହିଥିଲା । ସେହି ପୁସ୍ତକ ଓ ଦନ୍ତର ସଂଧାନରେ ସ୍ଥଳପଥ, ଜଳପଥ ଇତ୍ୟାଦି ଦେଇ ଶ୍ରମଣ ଏଇଠି ଆସି ଅଫ୍ରିକାରେ ପହଞ୍ଚିଲେ । ଏହିଠାରେହିଁ ଶ୍ରମଣଙ୍କ ସହିତ ରାଣୀମା'ଙ୍କର ଦେଖାହୁଏ । ପ୍ରଥମ ଦେଖାରେ ହିଁ ରାଣୀମା' ଶ୍ରମଣଙ୍କୁ ଭଲ ପାଇ ବସନ୍ତି । ଶ୍ରମଣ ବାସ୍ତବରେ ଥିଲେ ଜିତେନ୍ଦ୍ରିୟ । ଅନେକଥର ରାଣୀମା' ବହୁ ଅଭ୍ୟାସ, ବହୁ କୌଶଳ କରି ତାଙ୍କୁ ଭଲ ପାଇବାକୁ ଚେଷ୍ଟା କରିଛନ୍ତି । ମାତ୍ର ଶ୍ରମଣ ଅଟଳ । ରାଣୀମା' ତାଙ୍କର ପ୍ରେମ ପାଇ ନଥିଲେ ମଧ୍ୟ ମନ୍ତ୍ରର ପ୍ରଭାବରେ ଶ୍ରମଣଙ୍କୁ ତାଙ୍କ ରାଜ୍ୟରୁ ଯିବାକୁ ଦେଇ ନ ଥିଲେ । ସମୟ କ୍ରମେ ଶ୍ରମଣଙ୍କର ମୃତ୍ୟୁ ସେହିଠାରେ ହିଁ ହୁଏ । ରାଣୀମା' ଜାଣିଥିଲେ ନବଜାତ ଶିଶୁ ଉପରେ ତାର ପୂର୍ବପୁରୁଷର ଗୁଣ, ସ୍ୱଭାବ ଓ ପରମ୍ପରା ସବୁକିଛି ପଡ଼ିଥାଏ । ତାଙ୍କର ଅନ୍ତର ମଧ୍ୟ ବିଶ୍ୱାସ ଥିଲା, ଶ୍ରମଣ ଠିକ୍ ଏକ ରୂପନେଇ ଦିନେ ଜନ୍ମହେବ ଓ ରାଣୀମା' ତାଙ୍କୁ ପାଇବେ । ଶ୍ରମଣଙ୍କର ସାମଞ୍ଜସ୍ୟ କାଳେ ଭୁଲିଯିବେ ଏହି ଭୟରେ ସେ ଏ ପର୍ଯ୍ୟନ୍ତ ଶ୍ରମଣଙ୍କର ସେଇ ନିର୍ଜୀବ ଅଥଚ ସୁନ୍ଦର ଦେହଟିକୁ ମନ୍ତ୍ରପୂତ କରି ଏଯାଏ ସାଇତି ରଖିଛନ୍ତି ଓ ପ୍ରତି ନବବର୍ଷରେ ତପସ୍ୟାରୁ ଥରେ ଉଠି ତାଙ୍କୁ ଅର୍ଚ୍ଚନା କରିଯାନ୍ତି ଓ ଦର୍ଶନ ମଧ କରନ୍ତି । —ସେହି ରାଣୀମା' ଆସୁଛନ୍ତି । —ପବନରେ ବି ତାଙ୍କ

ଆସିବାର ସମ୍ବାଦ ଶୁଣା ଯାଉଛି । ସବୁ ଯେପରି ବଦଳିଗଲା ପରି ଲାଗୁଛି । ଏ କଥା ଭାବିଲା ବେଳକୁ ସେଇ କିମ୍ଭୂତ କିମାକାର ଲୋକ ଗୁଡ଼ିକଙ୍କ ମନରେ ଯେପରି ଗୋଟାଏ ଶିହରଣ, ଭୟ, ଆବେଗ, ଆଶଙ୍କା ଖେଳି ଯାଉଛି । ଏହି ଅଦ୍ଭୁତ ଲୋକଗୁଡ଼ାକ ତଥାପି କୁଣ୍ଠିତ ହୋଇ ରାଣୀମା'ଙ୍କ ଆଗମନର ପ୍ରତୀକ୍ଷା କରି ବସିଛନ୍ତି । କାରଣ ରାଣୀମା'ଙ୍କର ଆଦେଶ ସେ ଶୁଣିବାକୁ ଓ ମାନିବାକୁ ହେବ ।

ଶୁଣାଯାଏ ରାଣୀମା' କୁଆଡ଼େ ସତୀ । ତେଣୁ ସତୀତ୍ୱର ଆଦର୍ଶ ସ୍ୱରୂପ ତାଙ୍କର ଈପ୍ସିତ ସ୍ୱାମୀଙ୍କୁ ସେ ଏଯାଏଁ ଅପେକ୍ଷା କରି ବସିଛନ୍ତି । ଶୁଣାଯାଏ ରାଣୀମା' ସିଦ୍ଧତପା । ଏହି ସିଦ୍ଧ-ତପାଙ୍କୁ କୁଆଡ଼େ ତାଙ୍କର ଗୁରୁ ଭବିଷ୍ୟତ ବାଣୀ ଶୁଣାଇଛନ୍ତି । ସତୀ ମଥାର ସିନ୍ଦୂର, ହାର ଓ କଙ୍କଣ ସେ ଯଦି ସଂଗ୍ରହ କରି ପାରନ୍ତି ତେବେ ତାଙ୍କର ଈପ୍ସିତଙ୍କୁ ପାଇବା ତାଙ୍କ ପକ୍ଷରେ ସମ୍ଭବ ହେବ । ତେଣୁ ଏହି ସତୀଙ୍କ ପ୍ରତି ଏହି ଅଦ୍ଭୁତ ଲୋକଗୁଡ଼ାଙ୍କର ସମ୍ମାନ ମଧ୍ୟ ଅତୁଟ । ରାଣୀମା' ସତୀ, ସାଧ୍ୱୀ । ତେଣୁ ତାଙ୍କର ଆଦେଶ ଅକ୍ଷରେ ଅକ୍ଷରେ ପାଳନୀୟ ।

## ଛଅ

ଯୁବରାଜ ବିକ୍ରମାଦିତ୍ୟଙ୍କର ଜ୍ଞାନ ଫେରି ଆସୁଥିଲା । ସେ ଭାବୁଥିଲେ ଅନେକ କଥା । ଭାବୁଥିଲେ କାହିଁ ଇନ୍ଦୋର, ତାଙ୍କର ରାଜପ୍ରସାଦ - ଦାସଦାସୀ, ଆଦର—ଆପ୍ୟାୟନ; କାହିଁ ଲଣ୍ଡନର ସମ୍ଭ୍ରାନ୍ତ ହୋଟେଲ, ବନ୍ଧୁ—ପରିଜନ, ଆମୋଦ ପ୍ରମୋଦ, କୁଆଡ଼େ ଗଲା ସେ ସବୁ ? ଅଲ୍ଲାଉଦ୍ଦିନର ଲ୍ୟାମ୍ପ ପରି କଣ ସବୁ ତେବେ ମାଜିକ୍ ? ଏଇ ଭୂଗର୍ଭର କ୍ଷୀଣ ଆଲୋକ, ଅରୁଚିକର ଖାଦ୍ୟ ପାନୀୟ, ଶ୍ୱାସରୁଦ୍ଧକାରୀ ବାୟୁ ପ୍ରବାହ, ଏ ଫେର କ'ଣ ?

କ୍ରମଶଃ ତାଙ୍କର ମନେପଡ଼ିଲା । ସେ ଆଜକୁ କେତେଦିନର କଥା ଠିକ୍ ମନେନାହିଁ ତାଙ୍କର । ମନେରଖିବାର କୌଣସି ଉପାୟ ମଧ୍ୟ ନାହିଁ । ବାବାଙ୍କର ଅସୁସ୍ଥତାର ଜରୁରୀ ଟେଲିଗ୍ରାମ ପାଇ ସେ ବିଲାତ ଛାଡ଼ିବାର ସମସ୍ତ ଯୋଗାଡ଼ କରିଥିଲେ । ତାଙ୍କର କେତେକ ବିଶିଷ୍ଟ ବନ୍ଧୁ ସର୍ବୋପରି ବରୋଦାର ଲାଲସାହେବ ବିଲାତ ଛାଡିବା ପୂର୍ବରୁ ଟେମସ୍ ନଦୀରେ ଥରେ ନୌକା ଭ୍ରମଣ କରି ଆସିବାକୁ ଯୁବରାଜ ବିକ୍ରମାଦିତ୍ୟଙ୍କୁ ନିମନ୍ତ୍ରଣ କରିଥିଲେ । ଯୁବରାଜ ନାହିଁ କରୁଥିଲେ ମଧ୍ୟ, ତାଙ୍କର ସନିର୍ବନ୍ଧ ଅନୁରୋଧ ଏଡ଼ି ନ ପାରି ସେମାନଙ୍କ ସହିତ ନୌକା ବିହାର କରିବାକୁ ଯାଇଥିଲେ ।

ଟେମସ୍ ନଦୀର ଶାନ୍ତ ଓ ଗଭୀର ଜଳରେ ସେମାନେ ନୌକା ଭ୍ରମଣ କରୁଥିବା ସମୟରେ ଦେଖାଗଲା, ଆଉ ଦଳେ ସୌଖୀନ

ଯୁବକ ଯୁବତୀ ଅନ୍ୟ ଗୋଟିଏ ନୌକାରେ ମଧ୍ୟ ବିହାର କରୁଥିଲେ । ସେମାନଙ୍କର ନୌକା ଅପେକ୍ଷାକୃତ ସୁନ୍ଦର ଓ ବୃହତ୍ ଥିଲା । ଉକ୍ତ ଦଳଟିରେ ଏକସ୍ଥାନରେ ଦଳେ ଫ୍ଲାସ୍ ଖେଳିବାରେ ବ୍ୟାପୃତ ଥିଲେ ଓ ଅନ୍ୟ କେତେଜଣ ଏମାନଙ୍କୁ ଖେଳରୁ ବିରତ କରିବା ଲାଗି ସୁନ୍ଦର ସ୍ୱରରେ ଗୀତ ଗାଉଥିଲେ । ପାନୀୟ ଇତ୍ୟାଦିର ବ୍ୟବସ୍ଥା ମଧ୍ୟ ରହିଥିଲା । ଟେଲିସ୍କୋପ ସାହାଯ୍ୟରେ ବହୁଦୂରରୁ ମଧ୍ୟ ପରସ୍ପର ପରସ୍ପରକୁ ଭଲ ଭାବରେ ଦେଖିବାକୁ ପାଉଥିଲେ । ପରସ୍ପର ପରସ୍ପରକୁ ହସ୍ତର ସଙ୍କେତ ଦ୍ୱାରା ନିକଟବର୍ତ୍ତୀ ହେବାକୁ ଜଣାଉଥିଲେ । କ୍ରମଶଃ ପରସ୍ପର ପରସ୍ପର ନିକଟକୁ ନୌକା ବାହି ଆଣିଥିଲେ ଓ ଦୁଇଟିଯାକ ନୌକା ଏକାଠି ହେବାରୁ ପରସ୍ପର ପରସ୍ପରକୁ ଅଭିବାଦନ ଜଣାଇଥିଲେ । ଅଭିବାଦନର ପର୍ବ ସାଙ୍ଗ ହେବାପରେ ଉଭୟ ଉଭୟଙ୍କୁ ପରିଚୟ ପ୍ରଦାନ କରିଥିଲେ । ଉକ୍ତ ଅପେକ୍ଷାକୃତ ସୁନ୍ଦର ଓ ବୃହତ୍ ନୌକାଟିରେ ଜଣେ ଅତି ସୁନ୍ଦରୀ ଓ ଷୋଡ଼ଶୀ ତରୁଣୀ ଥିଲେ । ତାଙ୍କୁ ଦେଖିବା ମାତ୍ରେକେ ଯୁବରାଜ ବିକ୍ରମାଦିତ୍ୟ ଆକୃଷ୍ଟ ହୋଇ ପଡ଼ିଥିଲେ । ଆଗରୁ ଉକ୍ତ ନୌକାକୁ ଯିବେନାହିଁ ବୋଲି ସିଦ୍ଧାନ୍ତ କରି ସାରିଥିଲେ ମଧ୍ୟ, ଯେତେବେଳେ ତାଙ୍କର ଗୀତ ଶୁଣିବା ପାଇଁ ଉକ୍ତ ତରୁଣୀ ଅନ୍ୟାନ୍ୟମାନଙ୍କ ସହିତ ବିକ୍ରମାଦିତ୍ୟଙ୍କୁ ନିମନ୍ତ୍ରଣ କରିଥିଲେ, ଯୁବରାଜ ତାହା ପ୍ରତ୍ୟାଖ୍ୟାନ କରି ନଥିଲେ । ତାଙ୍କର ସ୍ୱଭାବ ସୁଲଭ ଧୀର ଓ ନମ୍ର ଭାବରେ ଉକ୍ତ ନୌକାକୁ ଯାଇଥିଲେ । ଯୁବରାଜଙ୍କ ସହିତ ବରୋଦାର ଲାଲ୍ ସାହେବ ଓ ଅନ୍ୟ ଦୁଇଜଣ ସାହେବବନ୍ଧୁ ମଧ୍ୟ ଯାଇଥିଲେ ।

ପାନାହାର ପରେ କିଛି ସମୟ ଫ୍ଲାସ୍ ଖେଳ ଚାଲିଲା । ଯୁବରାଜ ବିକ୍ରମାଦିତ୍ୟ ବହୁ ବାଜି ଜିତିଲେ । ତାଙ୍କୁ ଖୁସି କରିବା

ପାଇଁ ଉକ୍ତ ତରୁଣୀ ସ୍ୱହସ୍ତରେ ସାଧାରଣ ପାନୀୟ ଦେଉଥିଲେ ଓ ସେଣ୍ଟ ସେସିଲ୍‌ଙ୍କ ପରି ସୁନ୍ଦର କଣ୍ଠରୁ ଗୀତଗାଇ ଶୁଣାଉଥିଲେ ।

ହାପି, ହାପି, ହାପି ପେଆର
ନନ୍ ବଟ୍ ଦ ବ୍ରେଭ୍
ନନ୍ ବଟ୍ ଦ ବ୍ରେଭ୍
ନନ୍ ବଟ୍ ଦ ବ୍ରେଭ୍
ଡିଜର୍ଭସ ଦ ଫେଆର ।

ଧୀରେ ଧୀରେ ସେଇ ସୁନ୍ଦରୀ ତରୁଣୀ କନ୍‌ଷ୍ଟାଣ୍ଟ ସ୍ଟୁଅର୍ଟ ଓ ଯୁବରାଜଙ୍କର ଆଳାପ ଘନିଷ୍ଠତର ହୋଇ ଉଠିଲା । କନ୍‌ଷ୍ଟାଣ୍ଟ ସ୍ଟୁଅର୍ଟ ଯୁବରାଜଙ୍କ ଅନୁରୋଧ କ୍ରମେ ଆଉ ମଧ୍ୟ କେତୋଟି ଗୀତ ଗାଇ ଶୁଣାଇଥିଲେ । ଇତ୍ୟାବସରରେ ଯୁବରାଜଙ୍କୁ ଆଉ ଏକ ପାନୀୟ କନ୍‌ଷ୍ଟାଣ୍ଟ ସ୍ଟୁଅର୍ଟ ଦେଇଥିଲେ ଓ ଯୁବରାଜ ତାକୁ ଆଗ୍ରହର ସହିତ ପାନ କରିଥିଲେ । ଯୁବରାଜ କ୍ରମଶଃ ଅନୁଭବ କଲେ ସେ ଯେପରି ଦୁର୍ବଳ ହୋଇ ପଡ଼ୁଛନ୍ତି ଓ ଢ଼ୁଳାଇ ପଡ଼ୁଛନ୍ତି । ସେ ଚାହିଁ ଦେଖିଲେ, ତାଙ୍କର ଅବସ୍ଥା ଦେଖି ଲାଲ୍ ସାହେବ, ତାଙ୍କର ଦୁଇ ସାହେବୀ ବନ୍ଧୁ, କନଷ୍ଟାଣ୍ଟ ଓ ଅନ୍ୟମାନେ ହସୁଛନ୍ତି । ଲାଲ୍ ସାହେବ କହୁଛନ୍ତି, "ଭଲ କଲ ମିସ୍ । ସେ ତାକୁ ସହ୍ୟ କରି ପାରିବେ ନାହିଁ ।" ଉତ୍ତରରେ କନ୍‌ଷ୍ଟାଣ୍ଟ କହୁଛନ୍ତି, "ଭଲ । ଓଃ, ମୁଁ ଭାରି ଦୁଃଖିତ ଲାଲ୍ ସାହେବ ।"

ଯୁବରାଜ ବିକ୍ରମାଦିତ୍ୟ ଯେପରି କ'ଣ କହିବାକୁ ଚେଷ୍ଟା କଲେ, କିନ୍ତୁ ତାଙ୍କର ବାକ୍‌ସ୍ଫୁର୍ତ୍ତି ହେଲାନାହିଁ । ସେ ତାଙ୍କର ଢ଼ୁଳାଇବା ଭିତରେ ଯେପରି ଅନୁଭବ କଲେ, ଟେମସ୍ ନଦୀର ବୃହତ ପୋଲ୍ ତଳେ ନୌକାଟି ଚାଲି ଯାଉଛି । ସେ ବାଧାଦେବାକୁ

ଭିବା ହାତ ଉଠାଇଲେ । କିନ୍ତୁ ତାଙ୍କର ହାତ ଉଠିଲାନି । ଅବଶେଷରେ ସେ ଶୋଇ ପଡ଼ିଲେ ।

ତାଙ୍କର ଯେତେବେଳେ ନିଦ ଭାଙ୍ଗିଲା, ଦେଖିଲେ ସେ ଏକ ସୁସଜ୍ଜିତ ଘରେ ସୁନ୍ଦର ବିଛଣାରେ ଶୋଇ ରହିଛନ୍ତି । ତାଙ୍କର ଆଖି ଖୋଲିବା ଦେଖି ପରିଚିତ ଗଳାରେ କିଏ ଯେପରି କହିଲା, "ଥ୍ୟାଙ୍କ ଗଡ୍", ଯୁବରାଜ ପରକ୍ଷଣରେ ଅନୁଭବ କଲେ ତାଙ୍କ ମୁଣ୍ଡ ଉପରେ କାହାର ସୁକୋମଳ ହାତର ପରଶ । ସେ ଆଖି ଖୁଲେଇ ଚାହିଁଲେ । ପରକ୍ଷଣରେ ମୃଦୁହସି କହିଲେ, "ଓ ମିସ୍ କନ୍‌ଷ୍ଟାଣ୍ଟ । ମୁଁ କେଉଁଠି ?" କନଷ୍ଟାଣ୍ଟ ଉତ୍ତର ଦେଲେ, "ଆପଣଙ୍କ ଘରେ ।"

"ଅର୍ଥାତ୍ ?"

"ମୋ' ଘରଟା କ'ଣ ଆପଣଙ୍କ ଘର ନୁହେଁ ?" ଯୁବରାଜ ଉତ୍ତର ନ ଦେଇ କହିଲେ, "ଅଚ୍ଛା ମିସ୍ ଷ୍ଟୁଆର୍ଟ । ମୁଁ ଏଠାକୁ ଆସିଲି କିପରି ? ଲିଲ୍ ସାହେବ ଓ ମୋର ସାହେବୀ ବନ୍ଧୁ ଦୁଇଜଣ କେଉଁଠାରେ ?" ଅଳ୍ପ ହସି ମିସ୍ ଷ୍ଟୁଆର୍ଟ କହିଲେ—

"ଆପଣଙ୍କର କ'ଣ କିଛି ମନେନାହିଁ ?"

"କାହିଁ, ନାଇଁତ ।"

"ତେବେ ଶୁଣନ୍ତୁ । ଆମନୌକା ଓ ଆପଣଙ୍କ ନୌକା ଦୁଇଟି ଏକାଠି ହେବାପରେ, ଆମେମାନେ ଆପଣଙ୍କୁ ଆମ ନୌକାକୁ ନିମନ୍ତ୍ରଣ କଲୁ । ଅନ୍ୟମାନଙ୍କ ସହିତ ଆପଣ ଚାଲି ଆସିଲେ । ମୋର ଗୀତ ଶୁଣିଲେ । ଅନ୍ୟମାନେ ଆପଣଙ୍କୁ ଆମନୌକା ତ୍ୟାଗକରି ଯିବାକୁ ଅନୁରୋଧ କଲେ ମଧ୍ୟ, ଆପଣ ବାରମ୍ବାର ସେମାନଙ୍କୁ ମନାକଲେ । ଆପଣ କହିଲେ ଯେ, ଆପଣଙ୍କୁ ମୁଁ ନିମନ୍ତ୍ରଣ କରିଛି ଓ ଆପଣ ମୋ' ଘରକୁ ନିମନ୍ତ୍ରଣ ରକ୍ଷା କରିବାକୁ ଯିବେ ।"

ବିକ୍ରମାଦିତ୍ୟ ଆଶ୍ଚର୍ଯ୍ୟ ହୋଇ କନଷ୍ଟାଣ୍ଟଙ୍କୁ ଅନାଇଲେ । ସୁନ୍ଦର ଓଠ ଦୁଇଟି ତାଙ୍କର ଈଷତ୍ କମ୍ପି ଉଠିଲା । ଅବଶେଷରେ ସେ ତାଙ୍କର ସ୍ୱଭାବ ସୁଲଭ ମଧୁର୍ ସ୍ୱରରେ କହିଲେ, "କାହିଁ ସେ ସବୁତ ମୋର କିଛି ମନେ ପଡ଼ୁନାହିଁ ମିସ୍ କନଷ୍ଟାଣ୍ଟ !"

କନଷ୍ଟାଣ୍ଟ ଯେପରି ବିବ୍ରତ ହୋଇ ପଡିଲେ, କିନ୍ତୁ କ୍ଷଣେକ ପାଇଁ । ପରକ୍ଷଣରେ ସୁନ୍ଦର ନୀଳଆଖି ଦୁଇଟି ଉଠାଇ କୋମଳ କଣ୍ଠରେ କହିଲେ, "ମନେ ପଡ଼ୁନାହିଁ କିଛି ଆପଣଙ୍କର ? ଓଃ, ହଁ । ସେ ବୋଧହୁଏ ସେଇ ପାନୀୟର ଗୁଣ ।"

"କି ପାନୀୟ ସେ ?"

"ସେ ପାନୀୟ ମୋର ଜଣେ ବନ୍ଧୁଙ୍କର ସ୍ୱହସ୍ତ ପ୍ରସ୍ତୁତ । ଉକ୍ତ ପାନୀୟ ଖାଇବାକୁ ଖୁବ୍ ଭଲ ଲାଗୁଥିଲେ ମଧ୍ୟ, ସେ ପାନୀୟରେ ଟାରାଣ୍ଟୁଲା ମିଶା ଯାଇଥାଏ । ତେଣୁ ତାକୁ ପାନକଲେ ମଣିଷ ନିଜକୁ ଉତ୍ତେଜିତ ମନେକରେ ଓ ସବୁକିଛିକୁ ଭୁଲିଯାଏ ।"

"ଟାରାଣ୍ଟୁଲା ?"

"ହଁ, ଟାରାଣ୍ଟୁଲା । ଟାରାଣ୍ଟୁଲା ମାଙ୍କଡ଼ସାର ରସ । ଏହି ରସ ବିଶେଷତଃ ଜଙ୍ଗଲ ଅଞ୍ଚଳରେ ବେଶି ପରିମାଣରେ ମିଳେ । ଏହି ରସ ଆଫ୍ରିକା ଅଞ୍ଚଳରୁ ସାଧାରଣତଃ ମିଳିଥାଏ । ଆପଣ ଆଦୌ ଉତ୍ତେଜିତ ପାନୀୟ ଖାଆନ୍ତି ନାହିଁ କିନା, ସେଇଥି ପାଇଁ ଆପଣଙ୍କୁ ନିଶା ଧରି ଯାଇଥିଲା ।"

"ବେଶ୍—ସମସ୍ତଙ୍କୁ ପିବାପାଇଁ ମନାକଲି । ତା'ପରେ କ'ଣ ହେଲା ?"

"ଆପଣ ପିବାକୁ ଅନିଚ୍ଛା ପ୍ରକାଶ କରିବାରୁ ଅନ୍ୟମାନେ ସମସ୍ତେ ଗୁଲିଗଲେ ।"

"ତା' ପରେ ?"

"ତା' ପରେ ଆପଣ ଏଠି ! —ମୋ' ଘରେ ମୋର ମହାମାନ୍ୟ ଅତିଥି ।—" ଏ କଥା କହି ସାରିବା ସଙ୍ଗେ ସଙ୍ଗେ କନଷ୍ଟାଣ୍ଟଙ୍କର ସୁନ୍ଦର ମୁହଁଟି ଯେପରି କଳା ହୋଇଗଲା । ବିକ୍ରମାଦିତ୍ୟ ଏ କଥା ଲକ୍ଷ୍ୟ କରି ତାଙ୍କର ସୁନ୍ଦର ହାତ ଦୁଇଟିରେ କନଷ୍ଟାଣ୍ଟଙ୍କର ଅପେକ୍ଷାକୃତ ସୁନ୍ଦର ହାତଟିକୁ ଧରି ଆଦର କରି କହିଲେ, "ତୁମର ମୁହଁ ଏପରିଭାବରେ କଳା ହୋଇଗଲା ଯେ କନଷ୍ଟାଣ୍ଟ ।"

"ନା - ସେ କିଛି ନୁହେଁ । ଭାବୁଛି "

"କ'ଣ ଭାବୁଛ ?"

"ଯୁବରାଜ— ସେ କିଛି ନୁହେଁ । —ଆପଣ ଯେ କାଲିଠାରୁ ଏଯାଏ ଟୋପାଏ ପାଣି ବି ପାଟିରେ ଦେଇ ନାହାନ୍ତି । ଉଠନ୍ତୁ ।"

ହସି ହସି ବିକ୍ରମାଦିତ୍ୟ କହିଲେ, "କ'ଣ ବେଡ୍-ଟି ଦେବନି ?"

"ନାଁ । ତା'ର କାରଣ ଆପଣଙ୍କୁ ଆଜି କିଛି ଗରମ ପାନୀୟ ଦେଲେ ଆପଣ ସହ୍ୟକରି ପାରିବେ ନାହିଁ । ତେଣୁ ଆପଣଙ୍କୁ ପ୍ରଥମ ଗୋଟାଏ କୋଲଡ୍ ବାଥ ନେବାକୁ ହେବ । ଉଠନ୍ତୁ ।" ଯୁବରାଜ ଉଠିବାର କୌଣସି ଉପକ୍ରମ କରିବାର ନ ଦେଖି କନ୍ଷ୍ଟାଣ୍ଟ କହିଲା, "ତା'ହେଲେ ବେଡ୍-ଟି' ଟା ଆପଣଙ୍କୁ ଦିଏ ।" —ବିକ୍ରମାଦିତ୍ୟ କନ୍ଷ୍ଟାଣ୍ଟର କୋମଳ ହାତକୁ ଈଷତ୍ ପୀଡ଼ନ କରି କହିଲେ, "ନା, ଥାଉ । ବସ ଟିକିଏ ।"

# ସାତ

ଜନ୍ ଷ୍ଟାଣ୍ଟ ଷ୍ଟୁଅର୍ଟଙ୍କ ବାସଭବନରେ ସେଦିନ ସଂଗୀତ ବୈଠକ ଖୁବ୍ ଯୋର ସୋରରେ ଚାଲିଥିଲା । ବାସ୍ତବରେ ଜନ୍ ଷ୍ଟାଣ୍ଟ ଷ୍ଟୁଅର୍ଟଙ୍କୁ ସୁଗାୟିକା କହିବାକୁ ହେବ ! ତାଙ୍କ ଯୋଗୁହିଁ କେବଳ ଅବହାଓ୍ୱା ବେଶ୍ ସରଗରମ ହୋଇ ରହିଥିଲା ! ଅବଶ୍ୟ ଅନ୍ୟ କେତେଜଣଙ୍କ ଭିତରେ ରବର୍ଟସନ ରଡ୍ ଓ ମାଇଲେଟ୍ଙ୍କ ସଙ୍ଗୀତ ମଧ୍ୟ ପ୍ରଶଂସନୀୟ, ସମସ୍ତେ ମଧ୍ୟ ଭଲ ପାଉଥିଲେ । ତେଣୁ ସେମାନଙ୍କର ଗୀତ ସାଙ୍ଗ ହେବା ପରେ ଶ୍ରୋତାମଣ୍ଡଳୀ ବାହାବାଃ କରି ଉଠିଲେ । ପାଶ୍ଚାତ୍ୟ ସଙ୍ଗୀତର ଭୂରି ଭୂରି ପ୍ରଶଂସା ଶୁଣାଗଲା । ଏହି ସ୍ତୁତିଗାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଯେଉଁ କେତେଜଣ ଭାରତୀୟ ଥିଲେ, ସେମାନେ ମଧ୍ୟ ପାଶ୍ଚାତ୍ୟ ସଙ୍ଗୀତର ଉଚ୍ଚ ପ୍ରଶଂସା କରିବାକୁ ପଛାଇ ନ ଥିଲେ । ବରଂ କେତେକାଂଶରେ ପାଶ୍ଚାତ୍ୟ ସଙ୍ଗୀତ ଭାରତୀୟ ସଂଗୀତ ଠାରୁ ଶ୍ରେଷ୍ଠ ଏ କଥା ମଧ୍ୟ କହିବାକୁ ଭୁଲି ନ ଥିଲେ । କିନ୍ତୁ ଏତେ ପ୍ରଶଂସା ଜଣେ ଭାରତୀୟଙ୍କର ଅସହ୍ୟ ହେଲା । ସେ ପ୍ରତିବାଦ କଲେ । ଏଥିରେ ଶ୍ରୋତୃମଣ୍ଡଳୀ କ୍ଷୁବ୍ଧ ହେଲେ । ଅବଶେଷରେ ମାଇଲେଟ୍ ଉଠି କହିଲେ, "ଜେଣ୍ଟଲ୍‌ମ୍ୟାନ୍, ଆପଣ ଯଦି ଭାରତୀୟ ସଙ୍ଗୀତ ଜାଣିଥାନ୍ତି, ତେବେ ଆମମାନଙ୍କୁ ଶୁଣାଇ କୃତାର୍ଥ କରନ୍ତୁ ।" ଭାରତୀୟ ଭଦ୍ରଲୋକ ହଟିବାର ପାତ୍ର ନୁହନ୍ତି । ବିଶେଷ କରି ନିଜ ଦେଶର ସଙ୍ଗୀତର ଉତ୍କର୍ଷତା ପ୍ରତିପାଦନ ପାଇଁ ସେ ତାଙ୍କର ସୁଲଳିତ

କଣ୍ଠରେ ଭାରତୀୟ ସଙ୍ଗୀତ ଗାନ କଲେ । ତାଙ୍କର ରୂପ, ବେଶଭୂଷା ଓ ସର୍ବୋପରି ସୁଲଳିତ କଣ୍ଠର ସଙ୍ଗୀତ ଶୁଣି ଜନତା ବାସ୍ତବରେ ମୁଗ୍ଧ ହେଲା । ତା'ପରେ ଜନତା ତାଙ୍କୁ ଆଉ ଗୋଟିଏ ଗୀତ ଗାଇବାକୁ ଅନୁରୋଧ ଜଣାଇଲା । ଏଥର ମଧ୍ୟ ସେ ଗୋଟିଏ ଗୀତ ଗାଇଲେ ଓ ଜନତା ବିମୁଗ୍ଧ ଓ ବିହ୍ୱଳ ହୋଇ ଗୀତଟି ଶୁଣିଲା । ଜଣେ ଏକ ମୁଖରେ ତାଙ୍କର ଶତ ପ୍ରଶଂସା କଲା । ମାଇଲେହ୍ ଓ ତାଙ୍କ ସଂପ୍ରଦାୟ ଉକ୍ତ ଭାରତୀୟଙ୍କର ପରିଚୟ ଜାଣିବା ପାଇଁ ପୁଚ୍ଛିବାରୁ ସେ କହିଲେ, "ମୁଁ ଜଣେ ଭାରତୀୟ ମିଷ୍ଟର ମାଇଲେହ୍, ଆଉ ମଧ୍ୟ ମୁଁ ଜଣେ ପେଶାଦାରୀ ଗାୟକ ନୁହେଁ । ବିଲାତରେ ମୋର ବିଶେଷ କୌଣସି କାମ ନ ଥିଲା । ମାତ୍ର ବିଲାତ ଆସିଥିଲି ଭ୍ରମଣର ଉଦ୍ଦେଶ୍ୟ ନେଇ । ସରଳ ଭାଷାରେ କହିବାକୁ ଗଲେ, ମୁଁ ଜଣେ ଟୁରିଷ୍ଟ ।"

ମାଇଲେହ୍ କହିଲେ, "ଆପଣ ଯେପରି ଗୀତ ଗାଇଲେ ତାହା ମୁଁ ଶତ ମୁଖରେ ପ୍ରଶଂସା କରୁଛି । ଆପଣଙ୍କର ଯଦି ସମୟ ଥାଏ, ତେବେ ମତେ ଓ ମୋର ସମ୍ପ୍ରଦାୟକୁ ଅନ୍ତତଃ ଗୋଟିଏ ଭାରତୀୟ କୋରସ୍ ସଂଗୀତ ଶିକ୍ଷାଦେଲେ ଆପଣଙ୍କ ପାଖରେ ଋଣୀ ରହନ୍ତୁ ।

କନ୍‌ଷ୍ଟାଣ୍ଟ ଷ୍ଟୁଅର୍ଟ ସମୟ ବୁଝି କହିଲେ, "ମୁଁ ଆପଣଙ୍କର ଶିଷ୍ୟତ୍ୱ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରୁଛି ମିଷ୍ଟର ବହୁଗୁଣା । ଆପଣଙ୍କର କ'ଣ ଅସମ୍ମତି ଅଛି ?"

କେତେ ମୁହୂର୍ତ୍ତ ନୀରବ ରହିଲା ପରେ କ'ଣ ଯେପରି ଭାବି ମିଷ୍ଟର ବହୁଗୁଣା କହିଲେ, "ମିସ୍ ଷ୍ଟୁଅର୍ଟ, ଆପଣଙ୍କ ପରି ଜଣେ ଉଦୀୟମାନ ଛାତ୍ରୀଙ୍କୁ ମୋର ଶିଷ୍ୟା ରୂପେ ପାଇଲେ ନିଜକୁ ନିଶ୍ଚୟ କୃତାର୍ଥ ମନେ କରନ୍ତି ।"

"କିନ୍ତୁ ମୁଁ ଜଣେ ଟୁରିଷ୍ଟ ଜାଣି ଆପଣଙ୍କୁ ଏପରି ଏକ ଅଣା କାହିଁକି ପୋଷଣ କଲେ ମିସ୍ ସ୍ମୁଅର୍ଟ ? —ଅଚ୍ଛା ମୁଁ ଏଠାରେ ଯେତେଦିନ ରହିଛି ଆପଣଙ୍କୁ ଓ ମିଷ୍ଟର ମାଇଲେର୍ଙ୍କୁ ନିଶ୍ଚୟ କିଛିହେଲେ ଶିଖାଇବାକୁ ଚେଷ୍ଟା କରିବ ।"

ମିଷ୍ଟର ବହୁଗୁଣାଙ୍କର ଏ କଥାରେ ମୁଗ୍ଧଜନତା କରତାଳି ଦେଇଉଠିଲା । ତାପରେ ଆହୁରି ଅନେକ ଲୋକ ମିଷ୍ଟର ବହୁଗୁଣାଙ୍କ ସହିତ ଦେଖାକରି ନିଜକୁ ପରିଚିତ କରିସାରିବା ପରେ ଜଣ ଜଣ କରି ସମସ୍ତେ ନିଷ୍କ୍ରାନ୍ତ ହୋଇଗଲେ । ମିଷ୍ଟର ବହୁଗୁଣାଙ୍କୁ ଏକାକୀ ଦେଖି ମାଇଲେର୍ ପ୍ରଶ୍ନକଲେ, "ଆପଣ ଏଠି କେଉଁଠି ରହୁଛନ୍ତି ?"

"ଲଣ୍ଡନ—ହୋଟେଲ ।"

ରବର୍ଟସନ୍ ଏତେବେଳକେ ମୁହଁ ଖୋଲିଲେ । କହିଲେ—"ଉଁହୁଁ, ଆପଣଙ୍କୁ ଆଉ ହୋଟେଲକୁ ଫେରିବାକୁ ହେବନାହିଁ । ଆପଣ ଏହିଠାରେହିଁ ଏହି ମୁହୂର୍ତ୍ତରୁ ଅତିଥି । ନା, ନା, ଆପଣଙ୍କର କୌଣସି ଆପତ୍ତି ଆଉ ଶୁଣାଯିବ ନାହିଁ । ମୁଁ ନିଜେ ଯାଉଛି ଆପଣଙ୍କର ଜିନିଷପତ୍ର ସେଠାରୁ ନେଇଆସିବ ।"

ମିଷ୍ଟର ବହୁଗୁଣା ରବର୍ଟସନଙ୍କୁ ବାଧାଦେବା ପୂର୍ବରୁ ସେ ନିଷ୍କ୍ରାନ୍ତ ହୋଇଯାଇଥିଲେ । ଅନ୍ୟମାନଙ୍କର ସନିର୍ବନ୍ଧ ଅନୁରୋଧ କ୍ରମେ ବହୁଗୁଣା କନ୍ଷ୍ଟାଣ୍ଟଙ୍କର ଅତିଥି ହେଲେ ।

# ଆଠ

ଯୁବରାଜ ବିକ୍ରମାଦିତ୍ୟ ଗଭୀର ଚିନ୍ତାମଗ୍ନ ହୋଇ ବସିରହି-ଥିଲେ । ସେ ଯେପରି କଣ ଗୋଟାଏ ଭାବିବାକୁ ଚେଷ୍ଟାକରି ବିଫଳ ହେଉଥିଲେ । କନ୍‌ଷ୍ଟାଣ୍ଟି ଆସି ତାଙ୍କ କାନ୍ଧରେ ହାତରଖି ପଚାରିଲା, "କଣ ଭାବୁଛନ୍ତି ପ୍ରିନ୍‌ସ ?"

ଯୁବରାଜ ଉତ୍ତରଦେଲେ, "ଠିକ୍ ଜାଣିପାରୁନି କଣ ଭାବୁଛି ।"

କନ୍‌ଷ୍ଟାଣ୍ଟି କହିଲେ, "ସୋ ଫନି ।" ଏହାକହି ସେ ଉଚ୍ଛ୍ୱସିତ ଭାବରେ ହସି ଉଠିଲେ । ପରକ୍ଷଣରେ ମୁହଁ ଭାରି କରି ଯୁବରାଜଙ୍କ କୋଳରେ ଆଉଜି ପଡ଼ି ଗେହ୍ଲେଇ ହୋଇ ପଚାରିଲେ, "କଣ ଭାବୁଛନ୍ତି କୁହନ୍ତୁନା ।"

ସେ ଉତ୍ତର ଦେଲେ, "ସତ କହୁଛି କନ୍‌ଷ୍ଟାଣ୍ଟି, ସବୁ କିମିତି ଗୋଳମାଳ ହୋଇଯାଉଛି । ତୁମର ସୁନ୍ଦର ମୁହଁଟିକୁ ଦେଖିଲେ ମୁଁ ଯେ ସବୁକିଛି ଭୁଲିଯାଉଛି ଡ଼ାର୍ଲିଂ । ସତ କହିଲ ତମେ କଣ ମନ୍ତ୍ର କରିଛ ?"

"ପ୍ରିନ୍‌ସ, ଆପଣ ମୋତେ ଯେତେବେଳେ ରବର୍ଟସନ୍ ଓ ମାଇଲେଟ୍‌ଙ୍କ ଆଗରେ କଥା ଦେଇଛନ୍ତି, ଏପରିକି ନିଜହାତରେ ମଧ୍ୟ ଲେଖିଦେଇଛନ୍ତି ଯେ, ଆପଣ ମୋତେ ହିଁ ବିବାହ କରିବେ, ସେତେବେଳେ ଆଉ ମନ୍ତ୍ର କରି ଅଟକାଇବା କାହିଁକି ? ମୁଁ କଣ ଯୁଲିସିସ୍‌ର ରାଣୀ କି ?"

"ଠିକ୍ କହୁଛ ଡାର୍ଲିଂ । ନାରୀ ଜୀବନରେ ସତୀତ୍ୱହିଁ ବଡ଼ ଜିନିଷ । ଅଚ୍ଛା କୁହତ, ମହାରାଜା ଏକଥା ଶୁଣିଲେ କଣ କହିବେ ?"

"ଆପଣଙ୍କ ବାପା ? ଜାଣିନା । ଆଃ, କେଡେ ମଧୁର ଦି... । ମୋର ମନେହେଉଛି ମୁଁ ଯେପରି ଯୁଗଯୁଗ ଧରି ସେଇଦିନଟିର ପ୍ରତୀକ୍ଷା କରୁଛି । ଶୁଣୁଛନ୍ତି ପ୍ରିନ୍ସ, ଅନେକଥର କହିବ କହିବ ଭାବୁଛି, କିନ୍ତୁ କହିପାରୁନି । ଶୁଣନ୍ତୁ, ଆମ ବିବାହ ପରେ ଆମେ ଇଣ୍ଡିଆ ଯିବା । ମୁଁ ଏଠାକାର ପୋଷାକ ଛାଡିଦେଇ ଭାରତୀୟ ପୋଷାକ ପିନ୍ଧିଥିବି । ମୁଣ୍ଡରେ ଓଢ଼ଣା ଟାଣିଥିବି—ଆଉ ସିନ୍ଦୂର······" ଏତିକି କହି କନ୍‌ଷ୍ଟାଣ୍ଟ ଅଟକି ଗଲେ । ଯୁବରାଜ ହସିହସି ପଚାରିଲେ, "ତାକୁ ଫେର ଆଣିବ କୁଆଡୁ ?" ନିଜର ଭ୍ୟାନିଟି ବ୍ୟାଗ ଖୋଲି ସେଥିରୁ ଗାଢ଼ ଲାଲରଙ୍ଗର ଲିପ୍‌ଷ୍ଟିକ୍‌ଟିଏ ବାହାରକରି ଭାନିଟିବ୍ୟାଗ୍‌ର ଛୋଟ ଦର୍ପଣଟିରେ ନିଜର ସିନ୍ଥିରେ ସେଇ ରଙ୍ଗ ଗାଢ଼ କରି ମାରି କହିଲେ,"ଦେଖିଲେ,ଏଇ ହେବନି ?" ଯୁବରାଜ ଉଚ୍ଛ୍ୱସିତ ହୋଇ କନ୍‌ଷ୍ଟାଣ୍ଟଙ୍କୁ ଆଲିଙ୍ଗନ କରି କହିଲେ, "ସ୍ତ୍ରୀଲୋକମାନଙ୍କର ବାସ୍ତବରେ କେଡେ ବୁଦ୍ଧି ; ତାର କଳନା ମଧ କରି ହୁଏନି ।" କନ୍‌ଷ୍ଟାଣ୍ଟ ସେହିପରି ଥାଇ କହିଲେ, "ହଁ, ଶୁଣନ୍ତୁନା । ସେଇଠୁ କଣ ହେବନା ··· ଆଗରୁ ଅବଶ୍ୟ ତୁମର ଫାଦର ଖୁବ୍ ରାଗିଥିବେ । ଗୋଟାଏ ଗାୟିକା ଓ ବିଜାତୀୟ ସ୍ତ୍ରୀଲୋକକୁ ବିବାହ କରିଥିବା ଅପରାଧରେ ତୁମକୁ ରାଜ୍ୟରୁ ବହିଷ୍କାର ଓ ମୋତେ ଫାସୀ ଦେବାକୁ ନିଶ୍ଚୟ ସିଦ୍ଧାନ୍ତ କରିଥିବେ । କାରଣ ବାବା ଓ ମା' ନିଜ ଇଚ୍ଛାରେ ତାଙ୍କର ସନ୍ତାନଙ୍କୁ ଗଢିନେବାକୁ ଚାହାଁନ୍ତି ନିଶ୍ଚୟ । ଆମେମାନେ ଯେତେବେଳେ ଯାଇ ଇନ୍ଦୋରରେ ପହଞ୍ଚିଯିବୁ ଓ ମହାରାଜାଙ୍କର ଗୋଡତଳେ ପଡ଼ି

ପ୍ରଣାମ କରିବୁ, ମହାରାଜାଙ୍କର ରାଗ ବରଫ ପରି ଥଣ୍ଡା ପଡ଼ିଯିବ । ସେ ଅମମାନଙ୍କୁ କ୍ଷମାକରିବେ ଓ କୁଳପ୍ରଥା ଅନୁସାରେ ମୋତେ ବଂଶପୁରୁଷଙ୍କ ସଂଗତଥିବା ବୋହୂର ପ୍ରକୃତ ଭୂଷଣ, ସତୀ ମଥାର ସିନ୍ଦୂର, ଗଳାର ହାର ଓ ହାତର କଙ୍କଣ, ମୋର ମୁହଁଗୁହାଁକୁ ମୋତେ ଉପହାର ଦେବେ । ଆଉ ମୁଁ...ମୁଁ...

ଯୁବରାଜ ଯେପରି ତାଙ୍କର ଶେଷକଥା ଗୁଡ଼ିକ ଶୁଣିବାକୁ ପାଉନାହାନ୍ତି । ସତୀ ମଥାର ସିନ୍ଦୂର, ହାର ଓ କଙ୍କଣର ଉଲ୍ଲେଖ ଶୁଣି ସେ ଯେପରି ଚମକି ପଡ଼ିଲେ । କଥାଟାକୁ ଆଉ ଅଧିକଦୂର ଅଗେଇବାକୁ ନଦେଇ ସେ କହିଲେ, "ଟିକିଏ ସାନ୍ଧ୍ୟଭ୍ରମଣରେ ବାହାରିବାକୁ ତୁମକୁ କହୁଥିଲି ନା ।"

କନ୍‌ଷ୍ଟାଣ୍ଟି ବ୍ୟସ୍ତ ହୋଇ କହିଲେ, "ଆପଣ ବୁଝିପାରୁ-ନାହାନ୍ତି ପ୍ରିନ୍‌ସ, ଆପଣଙ୍କର ଦେହ କେତେଦୂର ଖରାପ । ଡାକ୍ତର ଯେ ମନା କରିଛନ୍ତି ଆପଣଙ୍କୁ ବାହାରକୁ ଯିବାକୁ । କାରଣ ବାହାରର ଥଣ୍ଡା ଲାଗିଲେ ଆପଣ ଆହୁରି ଅସୁସ୍ଥ ହେବେ ।"

ଆଶ୍ଚର୍ଯ୍ୟ ହୋଇ ଯୁବରାଜ କହିଲେ, "ମୁଁ କଣ ଅସୁସ୍ଥ ? କେତେଦିନ ତଳେ ଗରମଯୋଗୁ ଅସୁସ୍ଥ ଥିଲି । ଆଜି ପୁଣି ଥଣ୍ଡା ଯୋଗୁ ଅସୁସ୍ଥ । କନ, ଏସବୁର ଅର୍ଥ କଣ କନ ?"

ଯୁବରାଜ ବିକ୍ରମାଦିତ୍ୟଙ୍କର ଏହି ଶେଷ ଉକ୍ତି ଗୁଡ଼ିକ ଉପରେ ଯେପରି କିଏ ଖୁବ୍ ଜୋରରେ ହସିଉଠିଲା । ଏ ହସ ତାଙ୍କୁ ବିଦ୍ରୂପର ହସ, ଉପହାସର ଉଲ୍ଲାସ ଭରା ହସପରି ଶୁଣାଗଲା । ଯୁବରାଜ ଅତିଷ୍ଠ ହୋଇ ପ୍ରଶ୍ନକଲେ, "ଏ ପୁଣି କାହାର ହସ କନ ?" ପୁଣି ସେହି ଉଦ୍ଦାମ ହସର ଲହର ଶୁଣାଗଲା । ହସ ବନ୍ଦ ହେବା ସଙ୍ଗେ ସଙ୍ଗେ ଶୁଣାଗଲା, "ସାବଧାନ ଯୁବରାଜ ବିକ୍ରମାଦିତ୍ୟ । ସୁନ୍ଦର ଗୋଲାପ ଫୁଲର ମଧ୍ୟ କଣ୍ଟା ଅଛି । କନକୁ ବୁଝିବାର ଅର୍ଥ,

ତୁମର ଏପରି ରୋଗର ଅର୍ଥ ସବୁ କିଛି କୁହେଳିକାମୟ । ଅବଶ୍ୟ, କୁହେଳି ଦିନେ କଟିବ । ସେଦିନ ବୁଝିବ କିନା କିଏ ?" ଏସବୁ ଶୁଣି କନଷ୍ଟାଣ୍ଟ ଯେପରି କଳା ହୋଇଯାଇଥିଲା । ବିକ୍ରମାଦିତ୍ୟ ତାଙ୍କର ସ୍ୱଭାବସୁଲଭ ଭଦ୍ରତା ରକ୍ଷାକରି କହିଲେ, "କିନା ।"

କନଷ୍ଟାଣ୍ଟ ଆଶ୍ୱାସନା ଦେଇ କହିଲେ, "ସେ ମୋର ଜଣେ ଆତ୍ମୀୟ । ବର୍ତ୍ତମାନ ପାଗଳ ହୋଇ ଯାଇଛନ୍ତି ସେ ।" ପୁଣି ସେହି ହସ ଶୁଣାଗଲା । ଆଜି ମଧ୍ୟ ଶୁଣାଗଲା, ପାଗଳ ଦୁନିଆଁରେ କିଏ ବା ପାଗଳ ନୁହେଁ ଯୁବରାଜ ? କିନ୍ତୁ ସାବଧାନ ଯୁବରାଜ । ମୁଁ କେହି ନୁହେଁ ତାର । ତୁମ ପରି ଜଣେ ତାର ପୁରୁଣା ପ୍ରେମିକ । କିନ୍ତୁ—" କନ୍‌ଷ୍ଟାଣ୍ଟ ଠିକ୍ ଏହି ସମୟରେ ସୁଇଚ୍ ପରି କଣେ ଯେପରି ଗୋଟାଏ ଟାଣିଲେ । ସଙ୍ଗେ ସଙ୍ଗେ ଉକ୍ତ ପ୍ରଳାପ ବନ୍ଦ ହୋଇଗଲା । ଯୁବରାଜ ଆଶ୍ଚର୍ଯ୍ୟହୋଇ ଚାହିଁରହିଲେ । ଏସବୁ କି ପ୍ରହେଳିକା ସେ ଆଦୌ ବୁଝିପାରୁ ନଥିଲେ । ତାଙ୍କର ବିସ୍ମୟାଭିଭୂତ ଭାବ ଆଡ଼େ ଚାହିଁ ମୃଦୁହସି କନ୍‌ଷ୍ଟାଣ୍ଟ କହିଲେ, "ମତେ ଭୁଲ ବୁଝନ୍ତୁ ନାହିଁ ଯୁବରାଜ । ବୟସବେଳେ ଏମିତି ହୋଇଥାଏ । ପ୍ରକୃତରେ ମୁଁ ତାଙ୍କୁ ଅତୀତରେ ଭଲପାଉଥିଲି । ସେ କିନ୍ତୁ ମୋର ଅପରିଣତ ବୟସର ବାସ୍ତବରେ ଥିଲା ଖିଆଲ୍ । ଏପରିହେଲା ଯେ ଉକ୍ତ ଭଦ୍ରଲୋକ ମତେ ଅତିମାତ୍ରାରେ ଭଲପାଇ ବସିଲେ । ଶେଷରେ ଆମମାନଙ୍କର ବିବାହ ମଧ୍ୟ ସ୍ଥିର ହେଲା । କିନ୍ତୁ ଯେଉଁଦିନ ଆମର ବିବାହ ହେବ, ତାର ପୂର୍ବାହ୍ଣରେ ଏପରି ଏକ ଘଟଣା ଘଟିଲା, ଯାହାଦ୍ୱାରା ଭଗବାନ୍ ମୋତେ ଗୋଟାଏ ଦୁର୍ବୃତ୍ତ ହାତରୁ ଚିରଦିନପାଇଁ ରକ୍ଷା କଲେ । ମୋର ଜଣେ ବିଶିଷ୍ଟ ପୋଲିସ ବନ୍ଧୁ ନିମନ୍ତ୍ରିତ ହୋଇ ଆସିଥିଲେ । ସେ ତାଙ୍କୁ ଦେଖିବାମାତ୍ରେହିଁ ଚିହ୍ନିପାରିଲେ । କିମିତି ବା ନ ଚିହ୍ନନ୍ତେ ? ଅତୀତରେ ସେ ଯେ

ତାଙ୍କର ସହପାଠୀ ବନ୍ଧୁ ଓ ତାପରେ ତାଙ୍କର ଭଗ୍ନୀପତି ହୋଇଥିଲେ । ଫଳରେ ଯାହାହେବାର କଥା ତାହାହିଁ ହେଲା ।"

"ତମେ କଣ ଜାଣିନଥିଲ କନି, ଘୁଣାକ୍ଷରେ ସନ୍ଦେହ କି କରି ନଥିଲ ଯେ ସେ ବିବାହିତ ?"

"କିପରି କରିଥାନ୍ତି ? ମଣିଷର ଦେହ ଉପରେ ତ ଅଲଗା ମାର୍କା ପିନ୍ଧା ହୋଇନି ଯେ, ସେ ବିବାହିତ ବା ଅବିବାହିତ । ତା'ଛଡ଼ା ଅଜିକାଲି ଦୁନିଆରେ ସମସ୍ତେହିଁ ଏକ୍ସପିରିଏନ୍ସ୍ଡ଼ । ବିବାହର ପୂର୍ବାହ୍ନର ତାର ବିଜ୍ଞାନ ବିଷୟରେ ଅଭିଜ୍ଞ ବିଶେଷଜ୍ଞ ମଧ୍ୟ । ତେଣୁ ଭୁଲ୍‌ହେବା ସ୍ୱାଭାବିକ ନୁହେଁ କି ?"

ଯୁବରାଜ ବିକ୍ରମାଦିତ୍ୟ ଉତ୍ତର ଦେଲେନାହିଁ । ତାଙ୍କର ଖାଲି ମନେହେଉଥିଲା । ମନେହେଉଥିଲା କାହିଁକି, ସେ ବୁଝିପାରୁଥିଲେ କନ୍‌ଷ୍ଟାଣ୍ଟର ଦାମ୍ ଯେପରି କମିଯାଉଛି କ୍ରମଶଃ । ଏହାହିଁ ସେ ସନ୍ଦେହ କରିଥିଲେ । କନ୍‌ଷ୍ଟାଣ୍ଟର ଅନେକ ପୁରୁଷବନ୍ଧୁ ଭିତରେ ନିଶ୍ଚୟ ଯେ ଜଣେ ଅଧେ ପ୍ରେମାସ୍ପଦ ଥିବେ, ଏ ସନ୍ଦେହ ସେ ପୋଷଣ କରିଥିଲେ ଓ ଶେଷରେ ତାହାହିଁ ସତ୍ୟ ହେଲା ।

କନ୍‌ଷ୍ଟାଣ୍ଟ ତାଙ୍କୁ ନୀରବ ରହିବାର ଦେଖି କହିଲେ, "ଲୋକଟା କି ଠକ ଶୁଣନ୍ତୁ ଯୁବରାଜ । ଜଣେ ବିଶିଷ୍ଟ ଧନୀର ପୁତ୍ର ଓ ନିଜେ ଉଚ୍ଚ ଶିକ୍ଷିତ ହେଲେ ମଧ୍ୟ ସେ ଜଣେ ଜୁଆଡ଼ି । ତା'ର ଏହି ସ୍ୱଭାବ ଯୋଗୁ ସେ ତା'ର ସମସ୍ତ ସମ୍ପତ୍ତି ନଷ୍ଟ କରିସାରି ଶେଷରେ ଋଣ ଜାଲରେ ଛନ୍ଦି ହୋଇଥିଲା । ବାବାଙ୍କର ମୁଁ ଏକମାତ୍ର ସନ୍ତାନ ଓ ସତକଥା କହିବାକୁ ଗଲେ ଆମର କିଛିମଧ୍ୟ ସମ୍ପତ୍ତି ବାଡ଼ି ଅଛି । ଲୋକଟା ଏ ବିଷୟ ଜାଣିପାରି ତାର ଯୋଜନା ଅନୁସାରେ, ମୋ ସହିତ ବିବାହ ସମ୍ବନ୍ଧରେ ବାନ୍ଧି ହେବାକୁ ଠିକ୍ କଲେ । ମୁଁ ମଧ୍ୟ ତା'ର ଅବ୍ୟର୍ଥ ଶିକାର ହୁଏ ।

—ଆପଣଙ୍କୁ କହିବାକୁ ଲଜ୍ଜା ଲାଗୁଥିଲେ ମଧ୍ୟ କହିବାରେ କ୍ଷତି ନାହିଁ ଯେ, ସେ ଆମ ବିବାହର କିଛିଦିନ ଆଗରୁ ମୋ' ବାସ-ଭବନରେ ବରାବର ରହୁଥିଲା । କେଜାଣି କାହିଁକି ବାହାରକୁ ଆଦୌ ବାହାରୁ ନଥିଲେ । ଏହାର କାରଣ ଅବଶ୍ୟ ମୁଁ ଜାଣି ନଥିଲି । କିନ୍ତୁ ତାଙ୍କୁ କୁଆଡ଼େ ବୁଲିଯିବାକୁ ବା ସିନେମା ଥିଏଟର ଦେଖିଯିବାକୁ କହିଲେ ସେ କହୁଥିଲେ, "ମୋର ପ୍ରିୟତମା ପାଖରେ ହିଁ ମୁଁ ସବୁ ଦେଖୁଛି ।" କଥା ଗୁଡ଼ିକ ତାଙ୍କର ବେଶ୍ ଲାଗେ । ତେଣୁ ମୁଁ ପ୍ରାୟ ନିରୁତ୍ତର ରହୁଥିଲି । ଦିନେ ଗୋଟିଏ ଭଲ ସିନେମା ଆସିଥାଏ । ମୁଁ ତାଙ୍କ ସହିତ ଯିବାକୁ ଜିଦ୍ କରିବାରୁ ସେ କହିଲେ, "ତମେ ବୁଝିନାହଁ କିନା ଯେ ମୁଁ କାହିଁକି ବାହାରକୁ ଯାଉନାହିଁ । ତାର ଅର୍ଥ ବୁଝାଇ ଦେଉଛି ଶୁଣ । ତମେ ଜାଣିନା ଯେ କେତେଲୋକ ଆମ ଭିତରେ ଗୋଟାଏ ରକମର ଭୁଲ ବୁଝାମଣା ଆଣିବା ପାଇଁ ଓ ଏପରି କି ଆମର ବିବାହ ଭାଙ୍ଗି ଦେବାପାଇଁ କିପରି ଚେଷ୍ଟା କରୁଛନ୍ତି । ସେ ଏହି ସଂପର୍କରେ ଆହୁରି ମଧ୍ୟ କେତେକ କଥା କହିଲେ । ତେଣୁ ସେ ସବୁଥିରୁ ମୁଁ ନିବୃତ୍ତ ହେଲି ।"

"ସତ କହିଲ କିନ, ତା'ପରେ ମଧ୍ୟ କୌଣସି ଦିନ ତାଙ୍କପ୍ରତି କ'ଣ କେବେହେଲେ ସନ୍ଦେହ ହୋଇ ନ ଥିଲା ?"

"ହିଁ,ସେ ସୁଯୋଗ ଥରେ ହୋଇଥିଲା । ମୋର ବାବା ଥିଲେ ଜଣେ ବିଖ୍ୟାତ ଆର୍ଟିଷ୍ଟ । ତାଙ୍କ ଜୀବନକାଳ ଭିତରେ ତାଙ୍କ ହାତ ତିଆରି ବହୁତ ଗୁଡ଼ିଏ ଛବି ବିକିହୋଇ ଯାଇଥିଲା । କିନ୍ତୁ ତଥାପି ମଧ୍ୟ ତାଙ୍କର ଅନେକ ଗୁଡ଼ିଏ ଛବି ଥିଲା । ସେ କେତେକ ଛବି ମୋତେ ମଧ୍ୟ ଉପହାର ଦେଇଥିଲେ । ବାବାଙ୍କୁ ତ ମୁଁ ଅତି ମାତ୍ରାରେ ଭକ୍ତି କରୁଥିଲି । ମୁଁ ବାବାଙ୍କର ଏକମାତ୍ର ସନ୍ତାନ

ହେତୁ ବାବା ମଧ୍ୟ ମୋତେ ଅତମାତ୍ରାରେ ଭଲ ପାଉଥିଲେ । ତେଣୁ ବାବାଙ୍କର ମୃତ୍ୟୁପରେ ଯଦିଓ ତାଙ୍କର ଛବି ଗୁଡିକ ଉଚ୍ଚ ଦରରେ କିଣିବା ପାଇଁ ବହୁତ ଗ୍ରାହକ ଆସି ଜୁଟିଥିଲେ । ତଥାପି ସେ ସବୁକୁ ମୁଁ ଆଦୌ ବିକ୍ରି ନ କରି ବାବାଙ୍କର ସ୍ମୃତିଚିହ୍ନ ସ୍ୱରୂପ ସାଇତି ରଖିଥିଲି । ବଜାରରୁ ଭଲ ଛବି କିଣିବା ମଧ୍ୟ ମୋର ଏକ ନିଶା । ପୁଣି ମୃତ ଆର୍ଟିଷ୍ଟମାନଙ୍କର ଛବି ପାଉଥିଲେ, ତାକୁ ବହୁ ଉଚ୍ଚ ଦରରେ କିଣୁଥିଲି । ଏ ସବୁ ଭିତରେ ଉଦ୍ଦେଶ୍ୟ ଥିଲା ଯୁବରାଜ । —ଉଦ୍ଦେଶ୍ୟଥିଲା, କେଉଁ ଧନିକ କୌଣସି କାରଣରୁ କପର୍ଦ୍ଦକହୀନ ହୋଇ ମୋ' ବାବାଙ୍କର ପେଣ୍ଟିଙ୍ଗ୍ ଯଦି ବିକ୍ରି କରୁଥାଏ, ତେବେ ତାକୁ କିଣି ଆଣିବା । ଦିନେ କିନ୍ତୁ ଏକ ମଜାର ଘଟଣା ଘଟିଲା । ମୁଁ ଗୋଟିଏ ଦୋକାନ,ଯେଉଁ ଦୋକାନରେ କି ଏପରି ପୁରୁଣା ପେଣ୍ଟିଙ୍ଗ୍ ସବୁ ମିଳେ, ସେଠାକୁ ଛବି କେତୋଟି ଦେଖିବାକୁ ଆସିଥିଲି, ବାବାଙ୍କ ତିଆରି କେତେଖଣ୍ଡ ଛବି ଦେଖିଲି । ଦେଖି ସନ୍ଦେହ ହେଲା । କାହିଁକି ସନ୍ଦେହ ହେଲା ଶୁଣନ୍ତୁ । ଆଶ୍ଚର୍ଯ୍ୟ ଲାଗିଲା ଯେ, ଏପରି ଛବି ତ ଏଇ କିଛିଦିନ ଆଗରୁ ମୋ ପାଖରେ ଥିଲା, ଏଠାକୁ ଆସିଲା କିମିତି ? ନା, ଏ ମୋର ଭ୍ରମ । କିନ୍ତୁ ନା— । ତଳେ ବାବାଙ୍କର ଦସ୍ତଖତ ଯେ ଅଛି । ତେବେ ବାବା କ'ଣ ସବୁ ଛବିର ଡୁପ୍ଲିକେଟ୍ ତିଆରି କରୁଥିଲେ ? କିନ୍ତୁ ମତେ ତ କହି ନାହାନ୍ତି, ବା ମୁଁ ତ ଜାଣିନି । ତେବେ ? —ଦୋକାନଦାରଙ୍କୁ ପଚାରି ବୁଝିଲି, ସେ ଏ ଛବି କେଉଁ ସୂତ୍ରରୁ ପାଇଛନ୍ତି । ସେ କହିଲେ ଯେ, ଜଣେ ଧନୀବ୍ୟକ୍ତି ତାଙ୍କୁ ଏ ଛବି ଦେଇଛନ୍ତି । ସେ ଭଦ୍ରଲୋକଙ୍କର ବର୍ଣ୍ଣନା ମଧ୍ୟ ଶୁଣିଲି । ଛବି ଗୁଡ଼ିକୁ ମୁଁ ଅନ୍ୟ ଖବର ନ ଦେବାଯାଏ ସାଇତି ରଖିଥିବାକୁ କହି ଆସିଲି । ଲାଇବ୍ରେରୀ ଖୋଲି କ୍ୟାଲେଣ୍ଡର

ବାହାର କରି ଦେଖିଲି । କ୍ୟାଲେଣ୍ଡରର ସହିତ ଛବି ଗୁଡ଼ିକୁ ମିଳାଇ ଦେଖିଲି, ନମ୍ବର ଅନୁସାରେ ସଜା ହୋଇଥିବା ଛବି ଗୁଡ଼ିକ ମଧ୍ୟରୁ କେତୋଟି ନାହିଁ । ଗଲା କୁଆଡ଼େ ? କିଏ ନେଲା ? ଏମା ତାଙ୍କ ଛଡ଼ା ତ ଆଉ କେହି ମୋର ଲାଇବ୍ରେରୀ ଖୋଲନ୍ତି ନାହିଁ । ତେବେ କ'ଣ ସେଇ ⋯ ? କିନ୍ତୁ ତାଙ୍କୁ ମୁଁ ଏତେ ଭଲ ପାଉଥିଲି ଯୁବରାଜ ସାହେବ ଯେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜାଇବାକୁ ମୁଁ ଚାହିଁଲି ନାହିଁ । କଥାଟି ସେଇଠି ଚୁପା ପଡ଼ିଲା । —ମୋର ବିବାହ ଏଠୁ ଭାଙ୍ଗି ଯିବା ପରେ ମୁଁ ଅଜିତର ମଧ୍ୟ ଶୁଣିଲି ଯେ, ସେ କୁଆଡ଼େ ବାଜି ହାରି ଟଙ୍କା ଦେଇ ନ ପାରି, ପୋଲିସର ଭୟରେ ମୋ ଘରେ ଆସି ଲୁଚିଥିଲେ ଓ ମୋତେ ମନା କରିଥିଲେ ତାଙ୍କର ଏଠାକାର ଅବସ୍ଥିତି ଜଣାଇବାକୁ । —"

ଯୁବରାଜ ବିକ୍ରମାଦିତ୍ୟ ତେବେ ମଧ୍ୟ ଚୁପ୍ ରହିଥିବାର ଦେଖି କନି ତାଙ୍କୁ କ'ଣ ଆଉ କହିବ ଭାବି ପାରୁ ନ ଥିଲା । ପରିସ୍ଥିତିରୁ ନାହି ପାଇବା ପାଇଁ ସେ କକ୍ଷ ତ୍ୟାଗକଲା । ବିକ୍ରମାଦିତ୍ୟ ସେହିପରି ବସି ରହିଥିଲେ । କ'ଣ ଯେପରି ତାଙ୍କୁ ଶୁଣାଗଲା । ଉତ୍କର୍ଣ୍ଣ ହୋଇ ସେ ଶୁଣିଲେ ।—

"ମତେ ମାରିଦେ କନି । ତୋର ଗୋଡ଼ ଧରୁଛି ମତେ ମାରିଦେ । ସବୁ ତ ମୋର ନେଲୁ ସର୍ବନାଶୀ । ଆଉ କ'ଣ ଚାହୁଁ ?"

ଚୁପା କଣ୍ଠରେ ପୁଣି କାହା କଥା ଯେପରି ଶୁଣାଯାଉଥିଲା;— "ମୋ ସହିତ ଖେଳିବାର ଟୁଲକ ବାହାର କରୁଛି ରହ । ଅନ୍ୟ ଜଣଙ୍କର କଥା ଶୁଣାଗଲା, "ମୁଁ ତ ଆଦୌ ଖେଳିବା ଚେଷ୍ଟା କରିନାହିଁ କନି ! ମୋର ଥିଲା ଅଜସ୍ର ଟଙ୍କା, ଆଉ ତୋ ଥିଲା ରୂପ । ତୁ ଟଙ୍କା ନେଇଥିଲୁ, ଆଉ ମୁଁ ଭାବି ବିନିମୟରେ

ତୋର ଦେହ ପାଇଁଥିଲୁ । ଆଜି ତେବେ କାହିଁକି ଏ ବ୍ୟଙ୍ଗ ? ମତେ ଛାଡ଼ି ଦେ ଜନ । ମତେ ମୁକ୍ତି ଦେ । ମୁଁ ମୋର ପିଲାଙ୍କ ପାଖକୁ ଚାଲିଯାଏ ।"

ରୂପା କଣ୍ଠରେ ପୁଣି ଶୁଣାଗଲା, "ଦେହଛଡ଼ା ମୁଁ ଆଉ କିଛି ଚାହିଁ ନଥିଲୁ । ବଡ଼ଲୋକର ଖିଆଲ ଦେଖାଉଥିଲୁ ନୁହେଁ ? ବଡ଼ଲୋକ ତୁ । ତେଣୁ ମଣିଷର ସୂକ୍ଷ୍ମ ମନର କଥା ବୁଝିଥାନ୍ତୁ କୁଆଡ଼ୁ ? ଦେହ ଓ ରୂପପପାସୀ ଆଖି ବୁଇଠାରେ ଥିଲା ତୋର ମୋ ରୂପକୁ ନେଇ ଖେଳିବାର ନିଶା, ନୁହେଁ ? ଏମିତି ତ କେତେ ସ୍ତ୍ରୀଲୋକଙ୍କ ସହିତ ତୁ ଖେଳି ଆସିଛୁ । ଏଥର ଜଣେ ସ୍ତ୍ରୀଲୋକ ତୋ' ସହିତ ଖେଳୁଛି ଟିକିଏ ।"

ଅନ୍ୟ କଣ୍ଠରୁ ଶୁଣାଗଲା, "ଅର୍ଥପିଶାଚୀ ଜନ ! ତୋର ବୁଦ୍ଧିକୁ ବାହାବାଃ ନ ଦେଇ ରହି ପାରୁନି । ମୋ' ସହିତ ବୁଦ୍ଧିର ଖେଳ ଖେଳିଛୁ ବେଶ୍ । ଭଲ ପାଇବାର ଦୋହାଇ ବେଶ୍ ଦେଇପାରୁ ।"

ରୂପା କଣ୍ଠରୁ ଶୁଣାଗଲା. "ଭଲ ପାଉ ନଥିଲୁ ?"

ଅନ୍ୟ କଣ୍ଠରୁ ପୁଣି ଶୁଣାଗଲା, "ହଁ, ମୋର ଅର୍ଥକୁ । କାରଣ ଯେ ପ୍ରକୃତରେ ଭଲପାଏ, ତା' ପାଖରେ ଅର୍ଥ କିଛି ନୁହେଁ । ମନେରଖ ଜନ, ଅର୍ଥଦେଲେ ସବୁ ମିଳିବ । ତୋ'ଠାରୁ ସୁନ୍ଦର ଦେହ ମଧ୍ୟ ମିଳିବ । କିନ୍ତୁ ଭଲକରି ତୁ ଜାଣିଥିଲୁ, ତୋର ଥିଲା ଅର୍ଥର ଚାହିଦା, ଆଉ ମୋର ଥିଲା ଟିକିଏ ଭେସାଇଟିର ପ୍ରୟୋଜନ । ତେଣୁ ତୁହେଁ ତୁହିଁଙ୍କୁ ଆମେ ଭଲ ପାଇଥିଲେ, ଦେହ ଓ ଅର୍ଥ ନେଇ । ରବର୍ଟସନ୍ ବା ମାଇକେଲଥିଲେ ତୋର ମନର ଅଧିକାରୀ. ଆଉ ମୋ ମନର ଅଧିକାରୀ ଥିଲେ ମୋ'ର ସ୍ତ୍ରୀ ଓ ପିଲାମାନେ ।

ସେସବୁର ଅବତାରଣା କାହିଁକି ? ମତେ ମୁକ୍ତି ଦେ' କହ ମତେ ମୁକ୍ତି ଦେ' ।"

ଗୃପା କଣ୍ଠରୁ ଶୁଣାଗଲା, "ତେବେ ମୋର ମାତୃତ୍ୱ ପାଇଁ କିଏ ଦାୟୀ ଥିଲା କହି ପାରିବୁ ? ଶୁଣ କୁକୁର । ଅର୍ଥର ପ୍ରୟୋଜନ ଅନ୍ୟାନ୍ୟ କେତେକ କାମପାଇଁ ଥିବାରୁ ମୁଁ ଅବଶ୍ୟ ଅର୍ଥ ନେଉ-ଥିଲି । କିନ୍ତୁ ରବର୍ଟସନ୍ ବା ମାଇକେଲ୍ ବା ମୋର ଅନ୍ୟ କୌଣସି ପୁରୁଷବନ୍ଧୁଙ୍କୁ ମୁଁ ସେତେବେଳେ ଭଲପାଉନଥିଲି । ଅବଶ୍ୟ ମାନୁଛି, ତୋତେ ଭଲ ପାଇବା ଆଗରୁ ସେମାନଙ୍କୁ ଭଲ ପାଉଥିଲି । କିନ୍ତୁ ମୋର ମାତୃତ୍ୱ ପାଇଁ ତୁ କେବଳ ଦାୟୀ । ତେଣୁ ଯେଉଁଦିନ ତୁ ଏ ସବୁକୁ ଅସ୍ୱୀକାର କଲୁ, ମାଇକେଲ୍ ଓ ରବର୍ଟସନଙ୍କୁ ପୁଣି ହାତ କରି ତୋତେ ଅନ୍ଧାରକୁ ଆଣିଲି । ପ୍ରତିଶୋଧ ନେବାକୁ ହେଲେ, ନିଜେ ଅପମାନିତ ଓ ଲାଞ୍ଛିତ ହେଲେ, ନିଜର ଅବସ୍ଥା ପାଇଁ ଯେ ଦାୟୀ ତା' ଉପରେ କମିତ ପ୍ରତିଶୋଧ ନେବାକୁ ହୁଏ ବୁଝିଗୁ । ଆହୁରି ବୁଝିବୁ । ଠିକ୍ ବୁଝିବୁ ସେଇଦିନ— ଯେଉଁଦିନ ତୋର ସ୍ତ୍ରୀ ଗୋଟିଏ ଜାରଜ ସନ୍ତାନ ମାଇକେଲ୍ ବା ରବର୍ଟସନଙ୍କୁ ଉପହାର ଦେବ । ଶୁଭସଂବାଦ ଜଣାଉଛି ସଇତାନ । ସେଇଦିନ ଏଇ ଆଗତ ପ୍ରାୟ ।"

"ମିଛକଥା—ଏ ସବୁ ସଂପୂର୍ଣ୍ଣ ମିଛକଥା । ମୋ' ସ୍ତ୍ରୀ ଏ ସବୁ କେବେ କରି ପାରେନା ।"

ତାଚ୍ଛଲ୍ୟଭରା କଣ୍ଠରେ ଗୃପା କଣ୍ଠରୁ ଭାସି ଆସିଲା,— "ତୋର ସ୍ତ୍ରୀ ଏକା ସତୀ । ସେ ଏ ସବୁ କେବେ କରି ପାରେ ନା—ନା ? ଜାଣିରଖ ଛୋଟଲୋକ ଯେ ପୁରୁଷ ମନ ପରି ସ୍ତ୍ରୀ ଲୋକର ମନ ମଧ୍ୟ ଭେରାଇଟି ଚାହେଁ । ଘରେ ନ ଖାଇ ବାହାରେ ଖାଇବାକୁ ପସନ୍ଦ କରେ । ତଥାପି ଅନେକ ସ୍ତ୍ରୀ ଲୋକଙ୍କର ଯେ

ଧୈର୍ଯ୍ୟ ନାହିଁ, ତା' ନୁହେଁ । ପେନାଲଟିର ତ' ପୁଣି ଥିଲା । କିନ୍ତୁ ସତୀର ମଧ୍ୟ ଧୈର୍ଯ୍ୟ ଶକ୍ତିର ଗୋଟାଏ ସୀମା ଅଛି ।"

ଅପର ବ୍ୟକ୍ତି କହିଲା, "ବେଶ୍ ତୋର ଆଶାତ ପୂରଣ ହୋଇଛି କିନ୍ତୁ, ଆଉ ଫେର୍ କ'ଣ ଗୃହୁଁ ?"

"ଆଉ ଗୃହେଁ, ମୋର ସନ୍ତାନ ଭୂମିଷ୍ଠ ହେବା ଆଗରୁ ବୈଧ ଅଧିକାରରୁ ସେ ବଞ୍ଚିତ ହେବ ଭାବି ମୁଁ ଯେପରି ତାକୁ ଭ୍ରୂଣରୁ ହତ୍ୟା କରିବାକୁ ବାଧ୍ୟ ହୋଇଥିଲି—"

"ଭ୍ରୂଣ ହତ୍ୟା ?"

"ହଁ, ଆଉ କ'ଣ କରିଥାନ୍ତି ? ଇଚ୍ଛା ନ ଥିବା ସତ୍ତ୍ୱେ ବି ତାହାହିଁ କରିବାକୁ ବାଧ୍ୟ ହେଲି । ତାର କାରଣ କ'ଣ ଜାଣୁ ? ତା'ର କାରଣ ଅତି ଜୋର ତୋ'ଠାରୁ ଗୋଟାଏ ଖୋରାକ ପୋଷାକ ମୁଁ ଆଦାୟ କରି ପାରିଥାନ୍ତି । ଆଉ କ'ଣ ମୋର କିଛିହେଲେ ଗୃହିଁବାର ପାଇବାର ନାହିଁ ? ଶୁଣି ସମାଜର ଦୁଷ୍ଟବ୍ରଣ, ଇତର ସମାଜ ପତି । ସନ୍ତାନ ଓ ଅର୍ଥବ୍ୟତୀତ ନାରୀ ଗୃହେଁ— ସାମାଜିକ ଜୀବନରେ ପ୍ରତିଷ୍ଠା । ପ୍ରତି କ୍ଷେତ୍ରରେ ଖୋଲାଖୋଲି ଭାବରେ ତା'ର ପୁରୁଷକୁ ନେଇ ଗର୍ବ କରିବାର କଥା । ତା' ମୁଁ ପାରିଥାନ୍ତି ତ ? ତେଣୁ ମୋ ସନ୍ତାନ ଭୂମିଷ୍ଠ ହେବା ଆଗରୁ ଯେଉଁଥିପାଇଁ ତାକୁ ବଳିଦେଲି, ତାର ଉପଯୁକ୍ତ ପ୍ରତିଶୋଧ ନେବା ପାଇଁ ତୋର ସନ୍ତାନଙ୍କୁ ଅବଶ୍ୟ ମୁଁ ବଳି ଦେବି ନାହିଁ । କିନ୍ତୁ ସେମାନଙ୍କୁ କ'ଣ କରିଛି ଜାଣୁ ?"

"ହେ ଭଗବାନ୍ ! ---ଶେଷରେ ସେମାନଙ୍କୁ ମଧ୍ୟ—"

"ବ୍ୟସ୍ତହେବାର କିଛି ନାହିଁ । ସେମାନଙ୍କୁ ବର୍ତ୍ତମାନ କେତୋଟି ପକେଟମାରୁ, ଡକାୟତ, ଜାଲିଯାତ୍‌ଙ୍କ ଦଳଭୁକ୍ତ କରାଇ

ଦେଇଛି । ସେମାନେ ବର୍ତ୍ତମାନ ଟ୍ରେନିଂ ନେଉଛନ୍ତି । ଏଠି ଗଲା ପରେ ସବୁ ଦେଖିବୁ ।"

ଯୁବରାଜ ଏହିକଥା ଗୁଡ଼ିକୁ ସ୍ପଷ୍ଟ ଭାବରେ ଶୁଣି ପାରୁଥିଲେ । ଏ ସବୁ ଶୁଣି ତାଙ୍କର ମନେ ହେଉଥିଲା, ସେ ମଧ୍ୟ କ'ଣ ବନ୍ଦୀ ? ସେ ଆଉ କିଛି ଭାବିବାକୁ ଯାଉଥିଲେ, ଅପରିଚିତ କଣ୍ଠରୁ ଶୁଣାଗଲା, "କନି । କେତେଦିନ ଆଉ ମଣିଷ ଭୁଲାଇ ତୁ ଚଳିବୁ ? ସେ ଲୋକଟାକୁ ବନ୍ଦୀ କରିବାର ଉଦ୍ଦେଶ୍ୟ ତୋର କ'ଣ ?"

"ଉଦ୍ଦେଶ୍ୟ ମହତ୍ । ତେବେ ଭଣ୍ଡ ଆଉ ନୀତି ବାକ୍ୟ ନ ଶୁଣାଇଲେ ଭଲ ।" ଏହାକହି କନି ଗୋଟିଏ ବୋତାମ ଟିପି ଦେବା ମାତ୍ରେ କାନ୍ଥ ଦେହରୁ ଲୁହାର ଆଠଟି ହାତ ବାହାରି ତାଙ୍କ ସହିତ କିଛିକ୍ଷଣ ଆଗରୁ କଥା କହୁଥିବା ଲୋକକୁ ବେଷ୍ଟନ କଲା । ସେ କିଛି କହିବା ପୂର୍ବରୁ କନି ଆଉ ଗୋଟିଏ ବୋତାମ ଚିପି ଦେବାରୁ ଉକ୍ତ ବ୍ୟକ୍ତିର ଗୋଡ଼ତଳୁ ଚଟାଣ କ୍ରମଶଃ ଯେପରି ତଳକୁ ଦବିବାକୁ ଲାଗିଲା ।

## ନଅ

ବନ୍ଦୀ ଅବସ୍ଥାରୁ ତାକୁ ମୁକୁଳାଇବାକୁ ଯାଇ ମୁଖାଧାରୀ ତାର ବନ୍ଧନ ଖୋଲିଦେଲେ । ପଚାରିଲେ, "ତୁମେ ଫେରି ଏଇ ସାତମହଲାର ସପନପୁରୀରେ କେଉଁ ହତଭାଗ୍ୟ ବନ୍ଦୀ ଯୁବକ ?" ଏତେଦିନ ପରେ ଏ ଧରଣର କୋମଳ କଥା, ବନ୍ଧନରୁ ମୁକ୍ତି, ସବୁ ଯେପରି

ବନ୍ଦୀ ଯୁବକଙ୍କୁ ଅଦ୍ଭୁତ ମନେହେଉଥିଲା । ତେଣୁ କଣ ସେ କହିବେ, ଏହା ସତ୍ୟ ନା ସ୍ୱପ୍ନ ସେ ବିଶ୍ୱାସ କରି ପାରୁନଥିଲେ । ପୁଣିଥରେ ସେହି ବନ୍ଧୁତ୍ୱପୂର୍ଣ୍ଣ ସ୍ୱର ଶୁଣି ବାସ୍ତବ ଦୁନିଆକୁ ଯୁବକ ଫେରି କ୍ଷୀଣସ୍ୱରରେ କହିଲେ, "ମୋର ଅତୀତ କାହାଣୀ ଶୁଣିବେ ମୁଖା ଧାରୀ ବନ୍ଧୁ ? ଅତୀତରେ ଏହି ଘରର ମାଲିକଙ୍କର ଏକମାତ୍ର ସନ୍ତାନ ଥିଲି ।"

"ଆଶ୍ଚର୍ଯ୍ୟ । କନ୍‌ଷ୍ଟାଣ୍ଟ ଷ୍ଟୁଆର୍ଟ ତେବେ କିଏ ?"

"କନ୍‌ଷ୍ଟାଣ୍ଟ ଷ୍ଟୁଆର୍ଟ ? ତୁମେ ଶେଲି କଥା କହୁଚ ?"

"ଶେଲି ?"

"ବାପାଙ୍କ ଚିତ୍ରବିଦ୍ୟାର ମଡ଼େଲ ହେବାକୁ ସେ ଯେତେବେଳେ ଆସୁଥିଲା, ତାର ନାଁ ଥିଲା ଶେଲି । ସେ ଏଠାକୁ ନିୟମିତ ଭାବରେ କେତେଦିନ ଆସିବା ପରେ ଜଣାଗଲା ଯେ; ସେ ଗୋଟିଏ ପିତୃମାତୃହୀନା ଅନାଥ ବାଳିକା । ବାବା ବଡ଼ ଦୟାଳୁଥିଲେ । ସେ ଦୟା ପରବଶହୋଇ ଶେଲିକୁ ତାପରଠୁ ଆମ ଘରେ ଆଶ୍ରୟ ଦେଇଥିଲେ । ଶେଲିକୁ ମଡ଼େଲ କରି ଚିତ୍ର ଆଙ୍କିବା ଅପେକ୍ଷା, ତାର ଭବିଷ୍ୟତ ଉନ୍ନତିକୁହିଁ ବାପା ଦେଖୁଥିଲେ । ତେଣୁ ସଂଗୀତ ପ୍ରତି ତାର ଆଗ୍ରହ ଦେଖି ତାକୁ ସେହି ସଂଗୀତ ଶିକ୍ଷା ଦେଇଥିଲେ । ଆଶ୍ଚର୍ଯ୍ୟର କଥା, ଏହାପରେ ଅତି ଅଳ୍ପ ସମୟ ମଧ୍ୟରେ ଶେଲି ସଂଗୀତ ବିଦ୍ୟାରେ ପାରଦର୍ଶିତା ଲାଭକଲା । ହଁ, କହିବାକୁ ଭୁଲି ଯାଇଛି, ଶେଲିର ପିତୃପରିଚୟ କିଛି ନ ଥିଲା । ଶେଲିର ମୋ ମୋ ବାବାଙ୍କ ସହିତ ଅସାମାନ୍ୟ ସାମଞ୍ଜସ୍ୟ ରହିଥିଲା । ସତ କହୁଚି ବନ୍ଧୁ, କେବଳ ଏକମାତ୍ର ଭଗବାନ କହିପାରିବେ, ଏ ଗୂଢ଼ ରହସ୍ୟର କଥା । ଅନେକ ସମୟରେ ମୁଁ ଶେଲିର ଅତୀତ ଅନୁସନ୍ଧାନ କରି ଦେଖିବାକୁ ଯାଇ କଣ ଯେପରି ଗୋଟାଏ ଭୟରେ

ଅନୁସନ୍ଧାନ କରିବାରୁ ବିରତ ହୋଇଛନ୍ତି । ଶେଲି ଏଠାକୁ ଯେତେବେଳେ ପ୍ରଥମେ ଆସିଲା ମୋର ମଧ୍ୟ ତା ମନେ ଅଛି । ଶେଲି ମଧ୍ୟ ସେତେବେଳେ ଖୁବ୍ ସାନ ନୁହେଁ । ସେ ମଧ୍ୟ ସବୁ ଘଟଣା ମନେ ରଖିଥିବା ହିଁ, କିନ୍ତୁ। ଶେଲିକୁ ଦେଖି ମୁଁ ଲକ୍ଷ୍ୟ କରିଛି ବାପାଙ୍କର କିମିତି ଗୋଟାଏ ଭାବ ଯେପରି ଆସି ଯାଉଥିଲା । ମୋତେ ଅନେକ ସମୟରେ ମୋ କାମରେ ସେ ବାଧା ଦେବାର ଦେଖିଛି । କିନ୍ତୁ ଶେଲିକୁ ଘୃଣା କରୁଥିଲେ ମଧ୍ୟ, ସେ ତାର ସ୍ୱାଧୀନ ଗତିବିଧି ଉପରେ କୌଣସିଦିନ ଅରୁଚିଏପାଇଁ ସୁଦ୍ଧା କଟାକ୍ଷ ଜାରି କରିନାହାନ୍ତି । ଏପରିକି ଶେଲିକୁ ତାଙ୍କ ପାଖକୁ ଯିବାକୁ କେବେ ହେଲେ ଦେଉ ନଥିଲେ । ଯୋଗକୁ ବିଧାତା ତ ଆଉ ଖଣ୍ଡନ୍ତି ନାହିଁ । ବାପାଙ୍କ ପାଖକୁ ଅନେକ ତ ଆସୁଥିଲେ । ସେହି ଅନେକଙ୍କ ମଧ୍ୟରେ ଜଣେ ଭାରତୀୟ ଯୁବକ ମଧ୍ୟ ଆସୁଥିଲେ । ଶୁଣିଥିଲି ସେ ଜଣେ ଧନୀ ବ୍ୟକ୍ତିର ସନ୍ତାନ । ଶେଲିର ସୌହାର୍ଦ୍ଦ୍ୟ ବଢ଼େ ଓ ଶେଷରେ ଶେଲିକୁ ସେ ଭଲପାଇ ବସନ୍ତି । ସେମାନଙ୍କ ମଧ୍ୟରେ ବିବାହର କୌଣସି ଚୁକ୍ତି ହୋଇଥିଲା କି ନାହିଁ ଜାଣେନି । ମାତ୍ର ତାଙ୍କର ଶିକ୍ଷାରେ ପଡ଼ି ସ୍ଲୋ ପଏଜନ୍ ଦେଇ ସେ ବାବାଙ୍କୁ ହତ୍ୟା କରେ ଓ ମୋତେ ବନ୍ଦୀକରେ ।”

ସେହି ହତଭାଗ୍ୟ ଯୁବକଟି ପୁଣି କହିବାକୁ ଆରମ୍ଭକଲା, “ମତେ ଖାଲି ଆପଣ ମୁକ୍ତି ଦିଅନ୍ତୁ । ମୁଁ କିଛି ଚାହେଁନା । ଶେଲି ବିରୁଦ୍ଧରେ କୌଣସି ଆପତ୍ତି ଅଭିଯୋଗ ମଧ୍ୟ ଆଣିବାକୁ ଚାହେଁ ନାହିଁ । ଜୀବନରେ ଶେଲି ଖୁବ୍ ସହିଛନ୍ତି । ସେ ଆଉ କିଛି ନପାଇଲେ ମଧ୍ୟ ଏଇ ବିରାଟ ସମ୍ପତ୍ତି ନେଇ ନିଶ୍ଚୟ ସୁଖୀ ହୋଇ ପାରିବ । ଧନ ସମ୍ପତ୍ତି ବାସ୍ତବରେ ଉଡ଼ାଣିଆ । ତା’ପରେ କିଏ ନ ଚାହେଁ ଅତୁଳବିଭବର ମାଲିକ ହେବାକୁ ? ମୁଁ ମଧ୍ୟ ନିଃସ୍ୱ ରହିବି—

ଧୈର୍ଯ୍ୟ ନାହିଁ, ତା' ନୁହେଁ । ପେନାଲପିର ତ ପୁଣି ଥିଲି । କିନ୍ତୁ ସତୀର ମଧ୍ୟ ଧୈର୍ଯ୍ୟ ଶକ୍ତିର ଗୋଟାଏ ସୀମା ଅଛି ।"

ଅପର ବ୍ୟକ୍ତି କହିଲା, "ବେଶ୍ ତୋର ଅଶାତ ପୂରଣ ହୋଇଛି କିନ, ଆଜି ଫେର୍ କ'ଣ ଚାହୁଁ ?"

"ଆଜ୍ଞା ଚାହେଁ, ମୋର ସନ୍ତାନ ଭୂମିଷ୍ଠ ହେବା ଆଗରୁ ବୈଧ ଅଧିକାରରୁ ସେ ବଞ୍ଚିତ ହେବ ଭାବି ମୁଁ ଯେପରି ତାକୁ ଭ୍ରୂଣ ହତ୍ୟା କରିବାକୁ ବାଧ୍ୟ ହୋଇଥିଲି—"

"ଭ୍ରୂଣ ହତ୍ୟା ?"

"ହଁ, ଆଜ୍ଞା କ'ଣ କରିଥାନ୍ତି ? ଇଚ୍ଛା ନ ଥିବା ସତ୍ତ୍ୱେ ବି ତାହାହିଁ କରିବାକୁ ବାଧ୍ୟ ହେଲି । ତାର କାରଣ କ'ଣ ଜାଣୁ ? ତା'ର କାରଣ ଅତି ଜୋର ତୋ'ଠାରୁ ଗୋଟାଏ ଖୋରାକ ପୋଷାକ ମୁଁ ଆଦାୟ କରି ପାରିଥାନ୍ତି । ଆଜ୍ଞା କ'ଣ ମୋର କିଛିହେଲେ ଚାହିଁବାର ପାଇବାର ନାହିଁ ? ଶୁଣ ସମାଜର ଦୁଷ୍ଟବ୍ରଣ, ଇତର ସମାଜ ପତି । ସନ୍ତାନ ଓ ଅର୍ଥବ୍ୟତୀତ ନାରୀ ଚାହେଁ— ସାମାଜିକ ଜୀବନରେ ପ୍ରତିଷ୍ଠା । ପ୍ରତି କ୍ଷେତ୍ରରେ ଖୋଲାଖୋଲି ଭାବରେ ତା'ର ପୁରୁଷକୁ ନେଇ ଗର୍ବ କରିବାର କଥା । ତା' ମୁଁ ପାରିଥାନ୍ତି ତ ? ତେଣୁ ମୋ ସନ୍ତାନ ଭୂମିଷ୍ଠ ହେବା ଆଗରୁ ଯେଉଁଥିପାଇଁ ତାକୁ ବଳିଦେଲି, ତାର ଉପଯୁକ୍ତ ପ୍ରତିଶୋଧ ନେବା ପାଇଁ ତୋର ସନ୍ତାନଙ୍କୁ ଅବଶ୍ୟ ମୁଁ ବଳି ଦେବି ନାହିଁ । କିନ୍ତୁ ସେମାନଙ୍କୁ କ'ଣ କରିଛି ଜାଣୁ ?"

"ହେ ଭଗବାନ୍ ! ---ଶେଷରେ ସେମାନଙ୍କୁ ମଧ୍ୟ—"

"ବ୍ୟସ୍ତହେବାର କିଛି ନାହିଁ । ସେମାନଙ୍କୁ ବର୍ତ୍ତମାନ କେତୋଟି ପକେଟମାରୁ, ଡକାୟତ, ଜାଲିଆତ୍‌ଙ୍କ ଦଳଭୁକ୍ତ କରାଇ

କଦେଇଛି । ସେମାନେ ବର୍ତ୍ତମାନ ଟ୍ରେନିଂନେଉଛନ୍ତି । ଏଠି ଗଲ ପରେ ସବୁ ଦେଖିବୁ ।"

ଯୁବରାଜ ଏହିକଥା ଗୁଡ଼ିକୁ ସ୍ପଷ୍ଟ ଭାବରେ ଶୁଣି ପାରୁଥିଲେ । ଏ ସବୁ ଶୁଣି ତାଙ୍କର ମନେ ହେଉଥିଲା, ସେ ମଧ୍ୟ କ'ଣ ବନ୍ଦୀ ? ସେ ଆଉ କିଛି ଭାବିବାକୁ ଯାଉଥିଲେ, ଅପରିଚିତ କଣ୍ଠରୁ ଶୁଣାଗଲା, "କନି । କେତେଦିନ ଆଉ ମଣିଷ ଭୁଲାଇ ତୁ ଚଳିବୁ ? ସେ ଲୋକଟାକୁ ବନ୍ଦୀ କରିବାର ଉଦ୍ଦେଶ୍ୟ ତୋର କ'ଣ ?"

"ଉଦ୍ଦେଶ୍ୟ ମହତ୍ । ତେବେ ଭଣ୍ଡ ଆଉ ନୀତି ବାକ୍ୟ ନ ଶୁଣାଇଲେ ଭଲ ।" ଏହାକହି କନି ଗୋଟିଏ ବୋତାମ ଟିପି ଦେବା ମାତ୍ରେ କାନ୍ଥ ଦେହରୁ ଲୁହାର ଅଠଟି ହାତ ବାହାରି ତାଙ୍କ ସହିତ କିଛିକ୍ଷଣ ଆଗରୁ କଥା କହୁଥିବା ଲୋକକୁ ବେଷ୍ଟନ କଲା । ସେ କିଛି କହିବା ପୂର୍ବରୁ କନି ଆଉ ଗୋଟିଏ ବୋତାମ ଟିପି ଦେବାରୁ ଉକ୍ତ ବ୍ୟକ୍ତିର ଗୋଡ଼ତଳୁ ଚଟାଣ କ୍ରମଶଃ ଯେପରି ତଳକୁ ଦବିବାକୁ ଲାଗିଲା ।

## ନଅ

ବନ୍ଦୀ ଅବସ୍ଥାରୁ ତାକୁ ମୁକୁଳାଇବାକୁ ଯାଇ ମୁଖାଧାରୀ ତାର ବନ୍ଧନ ଖୋଲିଦେଲେ । ପଚାରିଲେ,"ତୁମେ ଫେରି ଏହି ସାତମହ-ଲାର ସପନପୁରୀରେ କେଉଁ ହତଭାଗ୍ୟ ବନ୍ଦୀ ଯୁବକ ?" ଏତେଦିନ ପରେ ଏ ଧରଣୀର କୋମଳ କଥା. ବନ୍ଦୀର ମଧୁ. ସର ଯେପରି

ବନ୍ଦୀ ଯୁବକଙ୍କୁ ଅଦ୍ଭୁତ ମନେହେଉଥିଲା । ତେଣୁ କଣ ସେ କହିବେ, ଏହା ସତ୍ୟ ନା ସ୍ୱପ୍ନ ସେ ବିଶ୍ୱାସ କରି ପାରୁନଥିଲେ । ପୁଣିଥରେ ସେହି ବନ୍ଧୁତ୍ୱପୂର୍ଣ୍ଣ ସ୍ୱର ଶୁଣି ବାସ୍ତବ ଦୁନିଆକୁ ଯୁବକ ଫେରି କ୍ଷୀଣସ୍ୱରରେ କହିଲେ, "ମୋର ଅତୀତ କାହାଣୀ ଶୁଣିବେ ମୁଖା ଧାରୀ ବନ୍ଧୁ ? ଅତୀତରେ ଏହି ଘରର ମାଲିକଙ୍କର ଏକମାତ୍ର ସନ୍ତାନ ଥିଲି ।"

"ଆଶ୍ଚର୍ଯ୍ୟ । କନ୍‌ଷ୍ଟାଣ୍ଟ ଷ୍ଟୁଆର୍ଟ ତେବେ କିଏ ?"

"କନ୍‌ଷ୍ଟାଣ୍ଟ ଷ୍ଟୁଆର୍ଟ ? ତୁମେ ଶେଲି କଥା କହୁଚ ?"

"ଶେଲି ?"

"ବାପାଙ୍କ ଚିତ୍ରବିଦ୍ୟାର ମଡେଲ୍ ହେବାକୁ ସେ ଯେତେ-ବେଳେ ଆସୁଥିଲା, ତାର ନାଁ ଥିଲା ଶେଲି । ସେ ଏଠାକୁ ନିୟମିତ ଭାବରେ କେତେଦିନ ଆସିବା ପରେ ଜଣାଗଲା ଯେ; ସେ ଗୋଟିଏ ପିତୃମାତୃହୀନା ଅନାଥ ବାଳିକା । ବାବା ବଡ଼ ଦୟାଳୁଥିଲେ । ସେ ଦୟା ପରବଶହୋଇ ଶେଲିକୁ ତାପରଠୁ ଆମ ଘରେ ଆଶ୍ରୟ ଦେଇ-ଥିଲେ । ଶେଲିକୁ ମଡେଲ କରି ଚିତ୍ର ଆଙ୍କିବା ଅପେକ୍ଷା, ତାର ଭବିଷ୍ୟତ ଉନ୍ନତିକୁହିଁ ବାପା ଦେଖୁଥିଲେ । ତେଣୁ ସଂଗୀତ ପ୍ରତି ତାର ଆଗ୍ରହ ଦେଖି ତାକୁ ସେହି ସଂଗୀତ ଶିକ୍ଷା ଦେଇଥିଲେ । ଆଶ୍ଚର୍ଯ୍ୟର କଥା, ଏହାପରେ ଅତି ଅଳ୍ପ ସମୟ ମଧ୍ୟରେ ଶେଲି ସଂଗୀତ ବିଦ୍ୟାରେ ପାରଦର୍ଶିତା ଲାଭକଲା । ହଁ, କହିବାକୁ ଭୁଲି ଯାଇଛି, ଶେଲିର ପିତୃପରିଚୟ କିଛି ନ ଥିଲା । ଶେଲିର ମୋ ମୋ ବାବାଙ୍କ ସହିତ ଅସାମାନ୍ୟ ସାମଞ୍ଜସ୍ୟ ରହିଥିଲା । ସତ କହୁଛି ବନ୍ଧୁ, କେବଳ ଏକମାତ୍ର ଭଗବାନ କହିପାରିବେ, ଏ ଗୂଢ଼ ରହସ୍ୟର କଥା । ଅନେକ ସମୟରେ ମୁଁ ଶେଲିର ଅତୀତ ଅନୁସନ୍ଧାନ କରି ଦେଖିବାକୁ ଯାଇ କଣ ଯେପରି ଗୋଟାଏ ଭୟରେ

ଅନୁସନ୍ଧାନ କରିବାରୁ ବିରତ ହୋଇଛନ୍ତି । ଶେଲି ଏଠାକୁ ଯେତେବେଳେ ପ୍ରଥମେ ଆସିଲା ମୋର ମଧ୍ୟ ତା ମନେ ଅଛି । ଶେଲି ମଧ୍ୟ ସେତେବେଳେ ଖୁବ୍ ସାନ ନୁହେଁ । ସେ ମଧ୍ୟ ସବୁ ଘଟଣା ମନେ ରଖିଥିବା ହଁ, ଶାଣ୍ଡ୍ରା। ଶେଲିକୁ ଦେଖି ମୁଁ ଲକ୍ଷ୍ୟ କରିଛି ବାପାଙ୍କର କମିତ ଗୋଟାଏ ଭାବ ଯେପରି ଆସି ଯାଇଥିଲା । ମୋତେ ଅନେକ ସମୟରେ ମୋ କାମରେ ସେ ବାଧା ଦେବାର ଦେଖିଛି । କିନ୍ତୁ ଶେଲିକୁ ଘୃଣା କରୁଥିଲେ ମଧ୍ୟ, ସେ ତାର ସ୍ୱାଧୀନ ଗତିବିଧି ଉପରେ କୌଣସିଦିନ ଥରଟିଏପାଇଁ ସୁଦ୍ଧା କଟକଣା ଜାରି କରିନାହାନ୍ତି । ଏପରିକି ଶେଲିକୁ ତାଙ୍କ ପାଖକୁ ମିବାକୁ କେବେ ହେଲେ ଦେଉ ନଥିଲେ । ଯୋଗକୁ ବିଧାତା ତ ଆଉ ଖଣ୍ଡନ୍ତି ନାହିଁ । ବାପାଙ୍କ ପାଖକୁ ଅନେକ ତ ଆସୁଥିଲେ । ସେହି ଅନେକଙ୍କ ମଧ୍ୟରେ ଜଣେ ଭାରତୀୟ ଯୁବକ ମଧ୍ୟ ଆସୁଥିଲେ । ଶୁଣିଥିଲି ସେ ଜଣେ ଧନୀ ବ୍ୟକ୍ତିର ସନ୍ତାନ । ଶେଲିର ସୌହାର୍ଦ୍ଦ୍ୟ ବଢ଼େ ଓ ଶେଷରେ ଶେଲିକୁ ସେ ଭଲପାଇ ବସନ୍ତି । ସେମାନଙ୍କ ମଧ୍ୟରେ ବିବାହର କୌଣସି ଚୁକ୍ତି ହୋଇଥିଲା କି ନାହିଁ ଜାଣେନି । ମାତ୍ର ତାଙ୍କର ଶିକ୍ଷାରେ ପଡ଼ି ସ୍ଲୋ ପଏଜନ୍ ଦେଇ ସେ ବାବାଙ୍କୁ ହତ୍ୟା କରେ ଓ ମୋତେ ବନ୍ଦୀ କରେ ।”

ସେହି ହତଭାଗ୍ୟ ଯୁବକଟି ପୁଣି କହିବାକୁ ଆରମ୍ଭକଲା, “ମତେ ଖାଲି ଆପଣ ମୁକ୍ତ ଦିଅନ୍ତୁ । ମୁଁ କିଛି ଚାହେଁନା । ଶେଲି ବିରୁଦ୍ଧରେ କୌଣସି ଆପତ୍ତି ଅଭିଯୋଗ ମଧ୍ୟ ଆଣିବାକୁ ଚାହେଁ ନାହିଁ । ଜୀବନରେ ଶେଲି ଖୁବ୍ ସହିଛି । ସେ ଅଉ କିଛି ନପାଇଲେ ମଧ୍ୟ ଏଇ ବିରାଟ ସମ୍ପତ୍ତି ନେଇ ନିଶ୍ଚୟ ସୁଖୀ ହୋଇ ପାରିବ । ଧନ ସମ୍ପତ୍ତି ବାସ୍ତବରେ ଉଡ଼ାଣିଆ । ତ'ପରେ କିଏ ନ ଚାହେଁ ଅତୁଳବିଭବର ମାଲିକ ହେବାକୁ ? ମୁଁ ମଧ୍ୟ ନିଃସ୍ୱ ରହିବା-

ନାହିଁ ବନ୍ଧୁ । କିନ୍ତୁ ରୋଜଗାର କରି ସମାଜରେ ଗଣ୍ୟମାନ୍ୟ ବ୍ୟକ୍ତି ହିସାବରେ ନିଶ୍ଚୟ ଚଳିପାରି । କୁହନ୍ତୁ ଆପଣ ମତେ କୁହନ୍ତୁ — ମତେ ମୁକ୍ତ ଦେବେତ ? ଏଇ ଯେ ବଞ୍ଚିରହି ତିଳେ ତିଳେ ଜଳିପୋଡ଼ି ମରିବା……ଆଃ……" ସେ ଯନ୍ତ୍ରଣାରେ ଚିତ୍କାର କରି ଉଠିଲେ ।

ମୁଖାଧାରୀ ବନ୍ଧୁ କହିଲେ, "ହଁ, ମୁକ୍ତ ଦେବି । କିନ୍ତୁ ଗୋଟାଏ ସର୍ତ୍ତରେ ।"

"ସେ ସର୍ତ୍ତ ?"

"ସେ ସର୍ତ୍ତ ହେଉଛି—ମନେହେଉଛି ଏ ଯେପରି ଗୋଟିଏ ଗୁପ୍ତଘର । ଏ ଘରର କେଉଁଠି କଣ ଅଛି, ମୁଁ ଆଦୌ ଜାଣେନି । ଆପଣ ଯେତେବେଳେ ଏ ଘରର ମାଲିକ,ଆପଣ ନିଶ୍ଚୟ ଜାଣିଥିବେ ଏ ଘରର କେଉଁଠାରେ କଣ ଅଛି । ନୁହେଁ କି ?"

"ହଁ ଜାଣେ । ତେବେ ଆପଣଙ୍କୁ କହିବି ଗୋଟାଏ ସର୍ତ୍ତରେ ।"

"କଣ ଆପଣଙ୍କର ସର୍ତ୍ତ ?"

"ମୋ' ସର୍ତ୍ତ ହେଉଛି, ଆପଣ ଯଦି ଶେଲିର କୌଣସି କ୍ଷତି ନ କରନ୍ତି ।"

"ପୁଣି ଶେଲି ।"

"ବୁଝିଛି, ଶେଲି ନିଶ୍ଚୟ କିଛି ଭୁଲ କାମ କରିଛି, ଯାହାଯୋଗୁଁ ସେ ଦଣ୍ଡ ପାଇବା ଯୋଗ୍ୟ । କିନ୍ତୁ ଆପଣ ମନଃସ୍ତତ୍ତ୍ୱ-ବିତ୍‌ର ଦୃଷ୍ଟିକୋଣ ନେଇ ଯଦି ବିଚାର କରନ୍ତି, ତେବେ ଶେଲି ତା' ଜୀବନରେ ଯେତେ ଲାଞ୍ଛନା ସହିଛି, ସେହି ଦୁଃଖରୁ କ୍ଷିପ୍ତ ହୋଇ ସେ ଯଦି କିଛି କରିଥାଏ, ତେବେ ତାହା ନିଶ୍ଚୟ କ୍ଷମଣୀୟ ।"

"ବେଶ୍ ଆପଣଙ୍କୁ କଥାଦେଲି, ଶେଲିର କୌଣସି କ୍ଷତି କରାଇଦେବି ନାହିଁ । ଏପରିକି ତାକୁ ଯଦି ଗ୍ରେପ୍ତାର କରାଯାଏ, ମୁଁ ତାକୁ ସସମ୍ମାନେ ଖଲାସ କରାଇ ଦେବି ।"

"ସୁନ୍ଦର ଉକ୍ତି । କିନ୍ତୁ ପ୍ରଥମେ ଯେ ଶେଲିର କଥାଯାହା ଆଜିପର୍ଯ୍ୟନ୍ତ ବି ସ୍ପଷ୍ଟ ନୁହେଁ, ଆପଣ ସେଇଥି କରିବେ ନା ? ଶେଲିର ଅସମ୍ମାନ ଆହୁରି ବଢିଯିବ ବନ୍ଧୁ । କୋର୍ଟ କଚେରୀ ଯିବା ଅର୍ଥ ଜନସାଧାରଣଙ୍କୁ ଜଣାଇବା । ଏସବୁ ଉପରେତ ଆହୁରି ସମ୍ବାଦପତ୍ର ରହିଛି । ନା—ନା, ମୁଁ କହିବି ନାହିଁ । ବରଂ ମୋର ଏଇପରି ଅବସ୍ଥା ରହିଥାଉ, ମୁଁ କହିବି ନାହିଁ ।"

"ଦେଖ ଯୁବକ, ଜନସାଧାରଣର ସ୍ମୃତିଶକ୍ତି କ୍ଷୀଣ । ସେ ସବୁବେଳେ ସବୁକିଛି ଭୁଲିଯାଏ । ପ୍ରକୃତ ଗୁଣର ଅଧିକାରୀକୁ ସେ ବାସ୍ତବରେ ସମ୍ମାନିତ କରେ । ଜାଣୁ ଦେଇ କେତେ ବଡ଼ ହୋଇଛି ଜାଣ ?"

ଯୁବକ ଏକଥା ଶୁଣି ଉଚ୍ଛ୍ୱସିତ ହସରେ ଯେପରି ଫାଟି ପଡିଲେ । କହିଲେ, "ଯାହାର ଗୁଣ କିଛି ନଥାଏ, ସେ କଣ ନେଇ ଗର୍ବ କରେ ?" ସେ ପୁଣି ହସିଲେ । ତାପରେ ହୁହେଁ ନୀରବ । କିଛି ସମୟ ଗଳାପରେ ମୁଖାପିନ୍ଧା ବନ୍ଧୁ କହିଲେ—

"ତମେ ବୁଝିପାରୁନାହଁ ଯୁବକ । ଶେଲି ତୁମ ପରି କେତେ ଗୁଡ଼ାଏ ଯୁବକଙ୍କର ସର୍ବନାଶ କରିଛି । ତୁମପରି ଆହୁରି କେତୋଟି ମଧ୍ୟ ହତଭାଗ୍ୟ ଯୁବକ ଅଛନ୍ତି । ସେମାନଙ୍କୁ କଣ ରକ୍ଷା କରିବା ଅନୁଚିତ ? ତାଛଡା ତୁମର ଶେଲିଯେ କ୍ଷିପ୍ତ । ଏପରି କ୍ଷିପ୍ତଭାବ ଶାସ୍ତି ବିଧାନ କିଛି ହେବା ପ୍ରୟୋଜନ । ନୁହେଁ କି ?"

ଯୁବକ କଣ ଭାବିଲେ । ପରକ୍ଷଣରେ କହିଲେ, "ହଁ ମୁଁ କହିବି । କିନ୍ତୁ ଶେଲିର ଯେପରି ଅସମ୍ମାନ ନହୁଏ ବନ୍ଧୁ ।" ଏହା

କିନ୍ତୁ ସେ ଉକ୍ତ ଘରର ଗୁପ୍ତସ୍ଥାନ – ଦ୍ୱାର, ଘର ଇତ୍ୟାଦି ବିଷୟରେ ତାଙ୍କୁ ଠିକଣାଗୁଡ଼ିକ କହିସାରିବା ପରେ; ଉକ୍ତ ବନ୍ଧୁ ସେହି ହତଭାଗ୍ୟ ଯୁବକଙ୍କୁ ଆଶ୍ୱାସନା ଦେଇ, ତାଙ୍କ ପାଖରେ ଥିବା ବୋତାମଟିଏ ଉପରେ ଚୁପ ଦେବା ମାତ୍ରକେ ମହିଳୁ ଲାଗୁଛି ଯେପରି ଦୁଇଫାଙ୍କ ହୋଇଗଲା । ମୁଖାପିନ୍ଧା ବ୍ୟକ୍ତି ଧୀରେ ଧୀରେ ସେଇ ଫାଙ୍କଦେଇ ଅଖପାଖରୁ ଚାଲିଯିବା ମାତ୍ରକେ ତାହା ଆପଣା ଛାଏଁ ବନ୍ଦ ହୋଇଗଲା ।

କକ୍ଷ ପରେ କକ୍ଷ – ଏହିପରି ଅନେକ ଗୁଡ଼ିଏ କକ୍ଷ ଅତିକ୍ରମ କରି ସେ ଆସି ଏପରି ଏକସ୍ଥାନରେ ପହଞ୍ଚିଲେ, ଯେଉଁଥିରେ କି ସେ ଆଶ୍ଚର୍ଯ୍ୟ ହୋଇ ଉଠିଲେ । ସେହି ଅନ୍ଧକାର କକ୍ଷମଧ୍ୟରେ କଣ ଯେପରି ଜଳୁଥିଲା । କିନ୍ତୁ କଣ ସେ ? ହିଂସ୍ରଜନ୍ତୁର ଉଜ୍ଜ୍ୱଳ ଆଖି ଦୁଇଟି ଛଡ଼ା ଏହା ଅନ୍ୟ କଣ ହୋଇପାରେ ? ତାରି ଦେହର ଗନ୍ଧ ମଧ୍ୟ ସେ ଆଘ୍ରାଣ କଲେ । ସେଠାରୁ ଯିବାକୁ କୌଣସି ଉପାୟ ଚିନ୍ତା କରିବା ଆଗରୁ, ତାଙ୍କର ମନେହେଲା – ସେ ଯେପରି ଜ୍ଞାନହୀନ ହୋଇ ପଡ଼ୁଛନ୍ତି ।

କିଛିସମୟ ଅତିବାହିତ ହେବାପରେ ସେ ଦେଖିଲେ ଉକ୍ତ ହିଂସ୍ରଜନ୍ତୁ ତାଙ୍କର କିଛି କରୁନାହିଁ । ଅମେରିକାର ସିଂହ ଜାଗୁଆର ମଣିଷର ବନ୍ଧୁ । ସେ ଏହିଜାତୀୟ ଏକ ପ୍ରାଣୀର ଦେଖା ପାଇଛନ୍ତି ମନେକରି ଟିକିଏ ଆଶ୍ୱସ୍ତ ହେଲେ ଓ ସାହାସ ସଂଚୟ କରି ତାଙ୍କର ସାନ ଟିପା ବତୀଟିକୁ ତା' ଉପରକୁ ପକାଇଲେ । ପରିଷ୍କାର ଆଲୁଅରେ ସେ ଦେଖିଲେ, ପ୍ରାଣୀଟି ଗୋଟିଏ ଧଳାଭାଲୁ ବିଶେଷ ।

କିନ୍ତୁ ଆଶ୍ଚର୍ଯ୍ୟର କଥା, ପ୍ରାଣୀଟି ଆଦୌ ହଲଚଲ ହେବାର ଦେଖାଗଲା ନାହିଁ । ସେ ସାହାସ ସଂଚୟ କରି, ତା ପାଖକୁ ଯାଇ ହାତମାରି ଦେବାରୁ ଉକ୍ତ ଜୀବଟି ଗଡ଼ି ପଡ଼ିଲା । ମୁଖାପିନ୍ଧା ବ୍ୟକ୍ତି

ବୁଝିପାରିଲେ ଠିକ୍ ଜନ୍ମପତ୍ରା କଣ। ଜିନିଷଗୁଡ଼ିକ ଉପରେ କାଚ ଲାଗିଛି । ଅନ୍ଧାର ବଡ଼ ଭାଲୁର ଗୁମ୍ଫାଉପରେ ଭାଲୁର ଚମଡ଼ା ନିପୁଣତାସହକାରେ ଢଙ୍କା ହୋଇଛି । ସେ ବୁଝିବାର ତାରିଫ୍ ନକରି ରହି ପାରିଲେ ନାହିଁ । ହୁଏତ କେଉଁ ହତଭାଗ୍ୟଙ୍କୁ ଏହି ଭାଲୁ ସାହାଯ୍ୟରେ ମଧ୍ୟ ଆକ୍ରମଣ କରି ହେବ । ଯୁଆ ଭିତରେ ଜଣେ ଲୋକ ସୁରୁଖୁରୁରେ ରହିପାରି ଜୀବନ୍ତ ଭାଲୁର ସୁନ୍ଦର ଅଭିନୟ କରିପାରିବ । ଉକ୍ତ ପଦାର୍ଥଟି ଦେଖି ସାରିବା ପରେ ସେ ଅନ୍ୟ କକ୍ଷକୁ ଆସିଲେ । ସେଇ ଅଳ୍ପ ଅନ୍ଧକାର ମଧ୍ୟରେ ଅନୁଭବ କଲେ, କିଏ ଯେପରି ଲଘୁ ପଦ କ୍ଷେପରେ ଦଉଡ଼ି ଚାଲିଗଲା । ମୁଖାପିନ୍ଧା ବ୍ୟକ୍ତି ସାହସ ସଞ୍ଚୟ କରି ତାକୁ ଦ୍ରୁତ ପଦରେ ଅନୁସରଣ କଲେ ।

ଲଘୁ ପଦରେ ଦଉଡ଼ୁଥିବା ବ୍ୟକ୍ତି ହଠାତ୍ କେଉଁଆଡ଼େ ଅଦୃଶ୍ୟ ହୋଇଗଲା । ମୁଖାପିନ୍ଧା ବ୍ୟକ୍ତି ଅନୁଭବ କଲେ ଯେପରି ଆଠଟି ଶକ୍ତ ହାତ ଅକ୍ଟୋପସ ପରି ତାଙ୍କୁ ତାଙ୍କୁ ବେଷ୍ଟନ କରିବା ପାଇଁ ବାହାରି ଆସୁଛି ।

ସେ ଶୋଇ ପଡ଼ିଲେ । ଅଠଟିଯାକ ହାତ ଭିତରୁ ଚାରି କୁଇଟି ହାତ ତାଙ୍କର ବାଳକୁ ଦୁଇମୁଠା ଧରିବାକୁ କ୍ଷମ ହେଲା । ସେ କ୍ଷିପ୍ରତାର ସହିତ ତାଙ୍କର ଦାଢ଼ୁଆ ଛୁରୀରେ ତାକୁ କାଟି ପୁଣି ଆଗେଇବାକୁ ଚେଷ୍ଟା କଲେ । ଉକ୍ତ ଘରେ କେବଳ ଗୋଟିଏ ପ୍ରକାଣ୍ଡ ଅଲମାରୀ ଥିଲା । ହଠାତ୍ ତାଙ୍କର କ'ଣ ଯେପରି ମନେ ପଡ଼ିବାରୁ ସେ ସେହି ଅଲମାରୀକୁ ଜୋରକରି ଠେଲି ଦେବାରୁ ସେହି ଅଲମାରୀ ଭିତର ଦେଇ ଗୋଟିଏ ବାଟର ସନ୍ଧାନ ପାଇଲେ ଓ କିଛିମାତ୍ର ବିଳମ୍ବ ନ କରି ଆଗେଇଲେ ।

ଆଗକୁ ମାଡ଼ି ଯାଇ ଯାଇ ଏକ ସମୟରେ ତାଙ୍କର ମନେ ହେଲା, ଯେପରି କିଏ ଗୋଟିଏ ପୂର୍ବପରିଚିତ ଲଘୁ ପଦ କ୍ଷେପରେ

ଦାଉଡ଼ି ଚାଲିଗଲା । ସେ ଅଶାନ୍ତ ହୋଇ ତାକୁ ଅନୁସରଣ କରିବାକୁ ଯାଇ ବୁଝିଲେ, ଶକ୍ ମାରିଲା ପରି କଣ ଗୋଟାଏ ତାଙ୍କ ହାତରେ ଲାଗିଗଲା । କିନ୍ତୁ ସୁଖର କଥା, ସେ ସେଥିରୁ ରକ୍ଷା ପାଇ ଯାଇଛନ୍ତି । ତାଙ୍କର ହାତ ହଠାତ୍ ପୁଣି ଏକ ସ୍ଥାନରେ ବାଜିବାରୁ ମନେହେଲା, ତାଙ୍କ ଗୋଡ଼ ତଳର ଚଟାଣ ସହିତ ସେ ଯେପରି କ୍ରମଶଃ ତଳକୁ ତଳକୁ ଦବି ଯାଉଛନ୍ତି । ସେ ସ୍ପଷ୍ଟ ଅନୁଭବ କଲେ, ସେ ଯେପରି ମାଟିତଳର ଗୋଟିଏ ପ୍ରକୋଷ୍ଠକୁ ଆସିଛନ୍ତି । କିନ୍ତୁ ସେ ତ ସାବଧାନ ହୋଇ ସେଇ ଯୁବକଙ୍କର କହିବା ମୁତାବକ ଆସୁଥିଲେ । ତେବେ ଏ କ'ଣ ହେଲା ? —ତାଙ୍କର ହାତ ନିଶ୍ଚୟ, ତାଙ୍କର ଉତ୍ତେଜନାର ଆଧିକ୍ୟ ହେତୁ କେଉଁଠାରେ ପଡ଼ି ଯାଇଛି ।

ସେ ଅଧିକ କିଛି ଭାବିବା ଆଗରୁ ଶୁଣିବାକୁ ପାଇଲେ, ଗମ୍ଭୀର ଗର୍ଜନ କରି ପାଣିପରି କ'ଣ ଆସି ଯେପରି ସେ ବନ୍ଦୀ ହୋଇଥିବା କକ୍ଷର କାନ୍ଥରେ ପିଟି ହେଲା । ତା ସଙ୍ଗେ ସଙ୍ଗେ ସେ ଅନୁଭବ କଲେ ଯେପରି ତାଙ୍କ ପାଦତଳେ ପାଣିର ଗୋଟିଏ ସ୍ରୋତ ଚାଲିଛି । ପାଣିର ସ୍ରୋତ କ୍ରମଶଃ ବୃଦ୍ଧି ପାଇଲା ଓ ତାଙ୍କର ଅଣ୍ଟା ଉପର ପାଣି ହୋଇଗଲା । ସେ କ'ଣ କରିବେ ଭାବିବା ଆଗରୁ, ହଠାତ୍ ପାଣି ତାଙ୍କର ସେହି ଅଣ୍ଟା ଉପରେହିଁ ସ୍ଥିର ହୋଇ ରହିଲା ।

କାହାର ହସ ଯେପରି ଶୁଭିଲା । ସେ ଅନୁଭବ କଲେ, ଗୋଟିଏ ତରୁଣୀ ସୁନ୍ଦର କଲକଣ୍ଠରେ ଯେପରି ହସୁଛି । ସେ ସେହି ଆଡ଼କୁ ଚାହିଁ ଦେଖିଲେ କେହି ନାହିଁ । ହଠାତ୍ କାହାର କଥା ଯେପରି ପବନରେ ଭାସି ଆସିଲା । —"ଏ ଘରର ସବୁକଥା ଶୁଣିବା ପାଇଁ ମୁଁ ଯେଉଁ ଯନ୍ତ୍ର ଖଞ୍ଜି ଥିଲି, ସେଇଥିରୁହିଁ ଜାଣିଲି ଯେ ଉକ୍ତ

ହତଭାଗ୍ୟ ଯୁବକ ଏ ଘରର ଗୁପ୍ତ ତଥ୍ୟ ଗୁଡ଼ିକର ସମସ୍ତ ସନ୍ଧାନ ତୁମକୁ ଦେଇଛନ୍ତି । ତେଣୁ ମୋର ଚଳାପଥକୁ ନିଷ୍କଣ୍ଟକ କରିବା ପାଇଁ ମୁଁ ଠିକ୍ ଏହିପରି ଭାବରେ ଜଳନ୍ତ ହତଭାଗ୍ୟ ଯୁବକଙ୍କୁ ମୁକ୍ତି ଦେବା ସଙ୍ଗେ ସଙ୍ଗେ ତୁମକୁ ମଧ୍ୟ ମୁକ୍ତି ଦେଉଛି ମିଷ୍ଟର ବହୁରୂପୀ । ଭଣ୍ଡାମିର ଶାସ୍ତି ବିଧାନ ତାର କୁସୁମ କୋମଳ ଅଥଚ ବଜ୍ରାଦପି କଠିନ ହୃଦୟରେ ଶେଳ ଏହିପରି ଭାବରେ ହିଁ କରିଥାଏ ସଜମାଦତ୍ୟଙ୍କର ଭାଗ୍ୟ ମଧ୍ୟ ଠିକ୍ ଏଇଯା ହେବ ଜାଣିରଖ । ସମୟ ମୋର ଅଳ୍ପ । ଅତିଥିମାନେ ମୋର ଗୀତ ଶୁଣିବାକୁ ବସି ରହିଛନ୍ତି । ତୁମ ପାଖରୁ କାମ ତୁଟାଇ ଶୀଘ୍ର ଚାଲି ଯାଉଛି । ଟେମ୍ସର ଗମ୍ଭୀର ଜଳରେ ତୁମେ ଯୁବକଙ୍କର ଦେଖା ପାଇ ତାଙ୍କ ସହିତ ମୋର ସର୍ବନାଶ ଘଟାଇବା ବିଷୟରେ ଆଲୋଚନା ତଥା ମନ୍ତ୍ରଣା କରି କରିପାର ।" ଏହା କହି ସେ ଗୋଟିଏ ବୋତାମ ଚିପି ଦେବାରୁ ଜଳନ୍ତ ମୁଖାଧାରୀ ବ୍ୟକ୍ତିଙ୍କର ମନେହେଲା ସେ ଯେପରି ସ୍ରୋତ ବେଗରେ କେଉଁଆଡ଼େ ଭାସି ଯାଉଛନ୍ତି । ସେ ଅଣ୍ଟାଟିଏ ଧରି ପକାଇବା ପାଇଁ ଚେଷ୍ଟାକରି ନିରସ୍ତ ହେବା ସଙ୍ଗେ ସଙ୍ଗେ କାହାର କଳ କଲ୍ଲୋଳ ମଧୁର ହସ ଶୁଣିବାକୁ ପାଇଲେ ।

## ଦଶ

ପ୍ରାସାଦୋପମ ଅଟ୍ଟାଳିକା ସଂଲଗ୍ନ ବଗିଚାରେ ବୁଲି ବୁଲି ସେମାନେ ଶେଷରେ ମାଗ୍ନୋଲିଆର ଘଞ୍ଚ କୁଞ୍ଜ ମଧ୍ୟରେ ଆସି ବିଶ୍ରାମ ନେଲେ । ମିଷ୍ଟର ବହୁଗୁଣା କହିଲେ, "ଟେମ୍ସ୍ ନଦୀ ଭିତରକୁ କିମିତ ଆସିଲି ବା ଆପଣମାନଙ୍କ ସଂସ୍ପର୍ଶରେ କିପରି ଆସିଲି ଠିକ୍ ମନେନାହିଁ ମିସେସ୍ ଫ୍ଲରମେଲ । କିନ୍ତୁ ଏତିକି ଖାଲି ମନେଅଛି, ମୁଁ ଆଖି ମେଲିଲାବେଳକୁ ଗୋଟିଏ ମୋଟର ଲଞ୍ଚ ଚାଲୁଥିବାର ଦେଖି ଓ ଜଣେ ଅଧେ ଚନ୍ଦ୍ରମୁହଁ ଦେଖିବାକୁ ପାଇଲି । ତାପରେ କଣ ହେଲା ଜାଣିନି । ପୁଣି ଯେତେବେଳେ ଚେତା ହେଲା ଦେଖିଲି, ଆଜି ବି ଯେଉଁ ଘରେ ମୋର ଅବସ୍ଥିତି, ଆପଣଙ୍କର ସେଇ ଘରେ । ଠିକ୍ ମନେଅଛି, ଆଖିମେଲିଲାମାତ୍ରେ ଆପଣହିଁ ପ୍ରଥମେ ଆନନ୍ଦରେ ଚିତ୍କାର କରି ଉଠିଲେ । ତାପରେ ଆଉ ଗୋଟିଏ ଚନ୍ଦ୍ରମୁହଁରେ ମୁଁ ସେ ପ୍ରସନ୍ନତା ଲକ୍ଷ୍ୟ କରିଥିଲି । କିନ୍ତୁ ମୁହଁଟି କାହାର ମନେପକା-ଇବା ଆଗରୁ ସେ ସେଠାରୁ ଚାଲିଯାଇଥିଲେ । ଆଚ୍ଛା, କହନ୍ତୁ ତ ମିସେସ୍ ଫ୍ଲରମେଲ୍, ମୁଁ ଆପଣମାନଙ୍କ ସଂସ୍ପର୍ଶରେ ଆସିଲି କିମିତ ?"

ମୃଦୁହସି ତାଙ୍କର ସୁନ୍ଦର ନୀଳ ଆଖି ଦୁଇଟି ଉଠାଇ ସେ କହିଲେ, "କେତେକ କାମ ତୁଟାଇ ମୋ ଇଲାକାରୁ ଭାଇ ଓ ମୁଁ ଫେରୁଥିଲୁ । ଭାଇ ସବୁବେଳେ ତାଙ୍କ ସହିତ ଦୂରବୀକ୍ଷଣ ଯନ୍ତ୍ର ଆଣିଥାନ୍ତି । ଦୂରରେ ଘୂର୍ଣ୍ଣିପାକ ଖାଇ ଆପଣଙ୍କୁ ସେ ବୁଡ଼ିଯିବାର

ଦେଖିଲେ । ଟେମ୍ସ୍ ନଦୀରେ ଅନେକ ସମୟରେ ଭେଦଭେଦ ଅଦ୍ଭୁତ ଧରଣର ପ୍ରାଣୀ ଦେଖାଯାନ୍ତି । ଏହି ପ୍ରାଣୀଗୁଡ଼ିକ ସମୁଦ୍ରରୁ ସୁଅ ସହିତ ଗଭୀର ଟେମ୍ସ୍ ନଦୀଭିତରକୁ ଅସିଯାଇଥାନ୍ତି । ଥରେ ଭାଇ ଆପଣଙ୍କ ପରି ବୁଡ଼ି ଯାଉଥିବା ବ୍ୟକ୍ତିଙ୍କୁ ମଧ୍ୟ ଉଦ୍ଧାର କରିଥିଲେ । ସବୁବେଳେ ଦୂରବୀକ୍ଷଣ ଯନ୍ତ୍ର ତାଙ୍କ କାମର ସୁବିଧାପାଇଁ ମଧ୍ୟ ଭାଇ ରଖିଥାନ୍ତି । ସତ କହୁଛି, ଆପଣଙ୍କ ମୁହଁରେ ମୁଖାଟା ଏପରି ଭାବରେ ଲାଗି ରହିଥାଏ ଯେ ଆପଣ କି ଧରଣର ଜୀବ ବୋଲି ଭାଇଙ୍କର ସନ୍ଦେହ ହେଲା । ସେ ମୋତେ ଦୂରବୀକ୍ଷଣ ସାହାଯ୍ୟରେ ଦେଖିବାକୁ କହିଲେ । ମୁଁ ମଧ୍ୟ ଚିହ୍ନି ପାରିଲି ନାହିଁ । କାରଣ ସେତେବେଳେ ଆପଣ ଯେଉଁ ଢଙ୍ଗରେ ଦେଖାଯାଉଥିଲେ, କାହାର ସାଧ୍ୟ ନଥିଲା ଆପଣ କିଏ ବୋଲି କିଏ ଠିକ୍ କରନ୍ତି ଆପଣଙ୍କ ପରମାୟୁର ଜୋର୍ ବୁଝିହେଲା । ଭାଇ କଣ ମନେ କେଜାଣି । ଲଞ୍ଚର ଷ୍ଟିଅରିଂ ନିଜେ ଗ୍ରହଣ କରି ଅପରାମକାରଣ ଖୁବ୍ ଜୋରରେ ଚଳାଇଲେ । ଆଉ ଟିକକରେ ...ଙ୍କର ଟେମ୍ସ୍‌ର ଅତଳ ତଳରେ, ତଳାଇ ଯାଇଥାନ୍ତେ । କୌଣ... ଭାଇ ଆପଣଙ୍କୁ ଉଦ୍ଧାର କଲେ । ତା ପରଠୁ..."

"ତା' ପରଠୁ ମୁଁ ଆପଣଙ୍କ ତତ୍ତ୍ୱାବଧାନରେ । ନୁହେଁ କି ?" ଏହାକହି ଭଦ୍ରଲୋକ ଉଠି ଛିଡ଼ାହେଲେ ଓ ବଗିଚାର ଅନ୍ୟାନ୍ୟ ଦର୍ଶନୀୟ ବସ୍ତୁ ଦେଖିବାକୁ ଲାଗିଲେ । ବାଧ୍ୟହୋଇ ମିସେସ୍ ଫ୍ଲାରମେଲ ତାଙ୍କୁ ଅନୁସରଣ କଲେ ।"

ବୁଲି ବୁଲି ଅବଶେଷରେ ସେମାନେ ଗୋଟିଏ ସୁନ୍ଦର ଅଥଚ ବୃହତ୍ ପୁଷ୍କରିଣୀର ନିକଟବର୍ତ୍ତୀ ହେଲେ । କାଚରଯ୍ ପରି ଏହାର ଅତି ସୁନିର୍ମଳ ପାଣିରେ ତଳଭାଗରେ ପହଁରୁଥିବା ବିଭିନ୍ନ ରଙ୍ଗର ମାଛ ଓ କଇଁଛଙ୍କର ଗତିବିଧି ସ୍ପଷ୍ଟ ଜଣାପଡ଼ୁଥାଏ । ସେହି

ସ୍ୱଚ୍ଛ ଜଳରେ ନିଜର ପ୍ରତିବିମ୍ବକୁ ଉକ୍ତ ଭଦ୍ରବ୍ୟକ୍ତି ନିରୀକ୍ଷଣ କରିବାକୁ ଲାଗିଲେ । ମିସେସ୍ ଫ୍ଲୋରିମେଲ ହସି ହସି କହିଲେ, "ଥାଉ, ଅଉ ଦେଖନ୍ତୁ ନାହିଁ । ଶେଷରେ ନର୍ସିସସ୍‌ର ଅବସ୍ଥା ହେବ ଯେ ।" ଏକଥାରେ ଭଦ୍ରଲୋକ ମଧ୍ୟ ହସିଉଠିଲେ ।

ସେମାନେ ବୁଲି ବୁଲି ପୋଖରୀର ପ୍ରଧାନ ଘାଟରେ ଗୋଟିଏ ଅପରୂପା ଜଳପରୀ ମୂର୍ତ୍ତିର ଗୋଡ଼ ପାଖରେ ଦୁହେଁ ବସିପଡ଼ିଲେ । ଜଳପରୀର ମୂର୍ତ୍ତିଟି ଉଲଗ୍ନ । ତାର ମୁହଁରେ ଏପରି ଏକ ବେପରୁଆ ଭାବ, ଯାହାକି ପ୍ରକୃତରେ କୌଣସି ନାରୀଠାରେ ସମ୍ଭବ ହୋଇପାରେନା । ତା' ମୁହଁର ସେଇ ସହଜ, ସରଳ, ଅଥଚ ବେଖାତିର ଭାବଦେଖି ଭଦ୍ରବ୍ୟକ୍ତି ପ୍ରଶ୍ନକଲେ—

"ଏ ସବୁର ଅର୍ଥ କଣ ମିସେସ୍ ଫ୍ଲୋରିମେଲ ?"

"ଏହାର ଅର୍ଥ ଏଇ ଯେ, ଝିଅଟି ଦୁନିଆକୁ ଯେପରି ଖାତିର କରେନାହିଁ । ସେ ଭୁଲ୍‌କରିଛି—କିନ୍ତୁ ଭୁଲଟିକୁ ଲୁଚାଇବାର ଚେଷ୍ଟା ଅଛି ବି, ନିଜକୁ ଯେପରି କହୁଛି, 'ହଁ ମୁଁ ଏକାମ କରିଛି । କିନ୍ତୁ ଠିକ୍ ବା କଣ କଲି ? ତମେ ଚୋରା ଚଉତନ ମାରି ଭୁଲ କରିନା ଣି ବୋଲି କୁହ । କାରଣ ତୁମ ଭିତରେ ସେ ସାଧୁତା ନାହିଁ । ଏଇଠି ଇଂରାଜୀ ଅନେଷ୍ଟିର ଅର୍ଥ ଆପଣଙ୍କୁ କୁହେ । ଏହାର ଅର୍ଥ ହେଲା ହୋଲନେସ୍ ଭିତର ବାହାର ଏକାକାର ।

ସାମାଜିକ ନିୟମ ଅନୁସାରେ ଯେ ଯେତେବେଶି ସାମାଜିକ ପ୍ରଥା ମାନିଚଲେ ସେ ସେତେ ଖାଣ୍ଟି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ସମାଜ ଦୃଷ୍ଟିରେ ସାମାଜିକ ପ୍ରଥା ମାନି ଚଳୁଥିବାରୁ ସେ ଯେତେ ଖାଣ୍ଟି ହେଲେ ମଧ୍ୟ ନିଜ ଭିତରେ ସେ ଖାଣ୍ଟି ନୁହେଁ । ତେଣୁ ଏଇଠୁ ଫାଙ୍କିବାଦର ପ୍ରଶ୍ନ ଉଠେ । ମାନି ଏ ମୂର୍ତ୍ତିଟି କହେ, "ହେ ସମାଜପତି ଗଣ, ଯେଉଁମାନେ ସାମାଜିକ

ପ୍ରଥା ମାନି ଚଳନ୍ତି ସେମାନେ ମୋ ପାଖକୁ ଥରଟିଏ ଆସନ୍ତୁ । ମୁଁ ଜାଣିବ ତମେ କେତେଦୂର ଖାଣ୍ଟି । ସେମାନଙ୍କ ପାଖରେ ଏକଗ୍ରତାର ଅଭାବ ଦେଖେ ।"

"ଚମତ୍କାର । ସତରେ ମିସେସ୍ ଫ୍ଲରିମେଲ । ମୂର୍ତ୍ତିଟିକୁ ଦେଖି ମୁଁ ସେଇଆହିଁ ଭାବିଥିଲି । କି ଦର୍ଶନପୂର୍ଣ୍ଣ ଦୃଷ୍ଟି ତା'ର ଦେଖିଲେ ?"

"ହଁ, ଚମତ୍କାର ସେ ଦିଅଛି । ମୋର ମନେହୁଏ, ସେ ଆହୁରି ଯେପରି କହୁଛି ଦୁନିଆରେ ସନ୍ତୋଷ ହେବାକୁ ହେଲେ ମୋ ପରି ହୁଅ । ଭିତର ବାହାର ଅଲଗା ଦୁଇଟା ଜିନିଷ ରଖନାହିଁ ।"

"ତା ଠିକ୍ ମିସେସ୍ ଫ୍ଲରିମେଲ । ତେବେ ମୂର୍ତ୍ତିଟିକୁ ଦେଖିଲେ ମୋର ମନେହୁଏ, ସେ ଯେପରି ଆକଣ୍ଠ ଭୋଗରେ ବୁଡ଼ି ରହିଛି ।"

"ତା' ସତ । ତେଣୁ ସେଇଥି ପାଇଁ ମୂର୍ତ୍ତିଟିର ନାମକରଣ ହୋଇଛି ସସେଜ ଅର୍ଥାତ ପ୍ରତ୍ୟେକ ପଦାର୍ଥର ରସ । ଆପଣଙ୍କର ଭାଷାରେ ଯାର ଭାବାର୍ଥ କଣ ହୁଏ ?"

"ଯାର ଭାବାର୍ଥ ହୁଏ, ଯେ ରସରେ ଭରପୂର । ମାନେ ରସବତୀ ।"

"ଏ କମିଟି ଆମେମାନେ କିଣିଛୁ । ଶୁଣାଅଛି କେଉଁ ଜଣେ ଧନୀକ ଏହାକୁ ତାଙ୍କର ଉପପତ୍ନୀଙ୍କୁ ଦେଇଥିଲେ । ଶୁଣାଯାଏ ଉକ୍ତ ଧନୀକଙ୍କର ଦୁଇଟି ସ୍ତ୍ରୀ ଥିଲେ । ପତ୍ନୀ ଓ ଉପପତ୍ନୀ । ଦୁହେଁ ଜାଣୁ ଦୁଇଟି ଅଲଗା ଘରେ ରହୁଥିଲେ । ଧନୀକଙ୍କର ଦୁଇଟି ସ୍ତ୍ରୀ ଥିବା ହେତୁ ତାଙ୍କୁ ଦୁଇ ପ୍ରକାର ଜୀବନ ନିର୍ବାହ କରିବାକୁ ପଡ଼ୁଥିଲା । ମାତ୍ର ତାଙ୍କ ମନ ଲୁଆଡ଼େ ଏହି ଦୁହିଙ୍କ ମଧ୍ୟରୁ କାହାର ପାଖରେ ହେଲେ ମାନୁ ନ ଥାଏ । ତେଣୁ ସେ ସବୁବେଳେ ତାଙ୍କ

ଜୀବନରେ ତୃତୀୟ ନାରୀର ସାନ୍ନିଧ୍ୟ ଚାହୁଁଥିଲେ । ମାତ୍ର ତୃତୀୟ ନାରୀର ସାନ୍ନିଧ୍ୟ ଲାଭ କରିବା ପାଇଁ ତାଙ୍କର ବୟସ ବା ସମୟ ନ ଥାଏ । କାରଣ ସେ ସେତେବେଳକୁ ପ୍ରୌଢ଼ତ୍ୱରେ ଉପନୀତ ହୋଇ ସାରିଥା'ନ୍ତି । ଏଣେ ଏ ଦୁଇ ସ୍ତ୍ରୀଙ୍କ ମଧ୍ୟରୁ କେହିହେଲେ ତାଙ୍କ ପାଖରୁ ଛାଡ଼ିବାକୁ ନାରାଜ । ମାତ୍ର ସେ ଉଭୟ ଭୁଲିବାକୁ ଚାହିଁଲେ ବି ପାରୁ ନ ଥା'ନ୍ତି ।

ଯା' ଭିତରେ ଅନେକ ସମୟ ବିତିଲା । ଅନେକ ମାନସିକ ଦୁଃସହ ଯନ୍ତ୍ରଣା ସହିବାପରେ ସେ ତାଙ୍କର ଉପପତ୍ନୀଙ୍କର ଗୃହସଂଲଗ୍ନ ଉଦ୍ୟାନସ୍ଥ ପୁଷ୍କରିଣୀର ତୀରରେ ଏହି ଜଳପରୀର ମୂର୍ତ୍ତି ନିର୍ମାଣ କଲେ । ଉକ୍ତ ଜଳପରୀକୁ ଚାହିଁ ଚାହିଁ ତାକୁ ହିଁ ନିଜର ମାନସୀ କରି ସେ ତାଙ୍କର ପରବର୍ତ୍ତୀ ଜୀବନକାଳ କଟାଇଥିଲେ । ତ୍ୟାଗ ଅପେକ୍ଷା ମଣିଷ ଜୀବନରେ ଭୋଗହିଁ ଶ୍ରେୟ, ଏହି ମୂର୍ତ୍ତିକୁ ଦେଖି ଏଇୟା ମନେହେଲେବି, ଏହି ବୁଢ଼ାଦିନର ବୁଝାଅରେ ତାହାହିଁ କଣ ସତ୍ୟ ନୁହେଁ କି ମିଷ୍ଟର..."

"କ୍ଷମା କରିବେ ମିସେସ୍ ଫ୍ଲୁରିମେଲ୍ । ଅତୀତରେ କେତୋଟି ମୁଖ୍ୟ ଘଟଣାକୁ ମନେରଖି ପାରିଥିଲେ ମଧ୍ୟ, ମୁଁ ମୋର ନିଜର ପରିଚୟ ଭୁଲିଯାଇଛି । ଯେପରି ଭାବରେ ମୁଁ ମୋର ଅତୀତକୁ ସ୍ମରଣ କରିପାରୁଛି, ମୋର ମନେ ହେଉଛି, ଅଳ୍ପ ଦିନ ମଧ୍ୟରେ ମୁଁ ମୋତେ ସଂପୂର୍ଣ୍ଣ ରୂପେ ଫେରିପାଇବି ଓ ଆପଣଙ୍କୁ ମୋର ପରିଚୟ ଦେବାକୁ ସକ୍ଷମ ହେବି । ବର୍ତ୍ତମାନ ପାଇଁ ମୁଁ ମୋର ପରିଚୟ ଆପଣଙ୍କୁ ଦେବାକୁ ଅକ୍ଷମ ହେଉଥିଲେ ମଧ୍ୟ ଆପଣଙ୍କ ପାଖରେ ମୋର ଜିଜ୍ଞାସ୍ୟ ଅନେକ ରହିଛି ମିସେସ୍ ଫ୍ଲୁରିମେଲ୍ ।"

"ଆପଣ ଯେ ମୋତେ କିଛି ପଚାରିବେ ତା' ମଧ୍ୟ ମୁଁ ଆଗରୁ ଜାଣିଥିଲି । ଆଉ ଜାଣିଥିଲି ଯଦି ମୋ ଦ୍ୱାରା କିଛି କାମ ହୋଇପାରିବ, ତେବେ ମୁଁ ନିଶ୍ଚୟ ଆପଣଙ୍କ ସହିତ ସହଯୋଗ କରେ ।"

"ଆଶ୍ଚର୍ଯ୍ୟ । ଜଣେ ଲୋକ ଏ ଦୁନିଆରେ ଅଛି, ଯେ ମୋ ମନର କଥା ଅନେକ କ୍ଷେତ୍ରରେ ଜାଣିପାରେ । କିନ୍ତୁ···ସବୁ ଯେ ମୋର ଗୋଳମାଳ ହୋଇ ଯାଉଛି ମିସେସ୍ ଫ୍ଲୁରମେଲ୍ ।"

"ଆପଣ ଧୈର୍ଯ୍ୟ ଧରନ୍ତୁ । ବିପଦ ସମ୍ପୂର୍ଣ୍ଣ ଜାଣି ମଧ୍ୟ ଆପଣ ଯଦି କୌଣସି କାମରେ ବାହାରି ଥା'ନ୍ତି, ତେବେ ମଧ୍ୟ ଧୈର୍ଯ୍ୟ ଧରିବାକୁ ହେବ । ନ ହେଲେ ଆପଣ ଯେ କିଛି କରି ପାରିବେ ନାହିଁ । ଅବିଶ୍ୱାସର ଯଥେଷ୍ଟ କାରଣ ଥିଲେ ମଧ୍ୟ ଏ ଦୁନିଆରେ ଆପଣଙ୍କୁ ଚଳିବାକୁ ହେଲେ କେତେକଙ୍କୁ ବିଶ୍ୱାସ କରିବାକୁ ହେବ । ଏବଂ ତାହା ଗମ୍ଭୀର ଭାବରେ କରିବାକୁ ହେବ । ଆପଣ ହୁଏତ ମନେ କରିବେ, ଯେ ବିଶ୍ୱାସ କରି ଆପଣ ଠକି ଯାଇ ପାରନ୍ତି । ତା' ଅବଶ୍ୟ ସତ୍ୟ । ତେବେ ଦୁନିଆ ବାହାଦୁରୀ ଦିଏ ସେଇମାନଙ୍କୁ ଯେଉଁମାନେ ବିଶ୍ୱାସ କରି ଠକି ଯାଆନ୍ତି, କିନ୍ତୁ ବିଶ୍ୱାସଘାତକ ମାନଙ୍କୁ ନୁହେଁ ।"

"କିନ୍ତୁ ମିସେସ୍ ଫ୍ଲୁରମେଲ୍, ସତକଥା କହିବାକୁ ଗଲେ ଆପଣଙ୍କୁ ମଧ୍ୟ ମୋର ସନ୍ଦେହ ହୁଏ ।"

"ହେବାର କଥା । ହୁଏତ ମୋର ପରିଚୟ ଠିକରୁ ମଧ୍ୟ ଆପଣ ମିଥ୍ୟା ଭାବି ଥାଇପାରନ୍ତି, ସେଥିରେ କିଛି ଯାଏଆସେ ନାହିଁ । ତେବେ ମୁଁ ସ୍ୱତଃ ପ୍ରବୃତ୍ତ ହୋଇ ମାନବର ସାଧାରଣ ଧର୍ମ ଯାହା, ତାକୁ ହାତ୍ତ୍ୱ ଦେଇ କହୁଛି, ଆପଣ ମୋର ସାହାଯ୍ୟ ଓ ସହାନୁଭୂତି ଆପଣଙ୍କର ଯେ କୌଣସି କାମରେ ଓ ଯେ କୌଣସି କ୍ଷେତ୍ରରେ

ପାଇ ପାରବେ । ...ବୁଝିଛି, ମୋର ଭାଇଙ୍କର ପରିଚୟ ଜାଣିବା ପାଇଁ ଆପଣ ହୁଏତ କାହାଁକି ନିଶ୍ଚୟ ଗୃହୁଁ ଥିବେ । କିନ୍ତୁ ଭାଇଙ୍କର ପରିଚୟ କିଛି ନାହିଁ । ସେ ଜଣେ ଅତି ସାଧାରଣ ମଣିଷ ଯାହାଙ୍କର କି କୌଣସି ବ୍ୟକ୍ତିତ୍ୱ ଏବେ ମଧ୍ୟ ପ୍ରତିପାଦିତ ହୋଇ ପାରି ନାହିଁ । ଭାଇଙ୍କ ସହିତ ଦେଖାହେଲେ ଆପଣହିଁ ତାଙ୍କର ପରିଚୟ ଜାଣି ନିଅନ୍ତୁ । କାରଣ ବାସ୍ତବରେ ଅତି ସତକଥା କହିବାକୁ ଗଲେ ଭାଇଙ୍କର କୌଣସି ପରିଚୟ ମୁଁ ଜାଣେନି । ସେ ମଧ୍ୟ ତାହା ଜାଣିବାର ବା ଜଣାଇବାର ଉପଯୋଗୀତା ମନେ କର ନାହାନ୍ତି । ତାଙ୍କ ବିଷୟରେ କେବଳ ଏତିକି ଜାଣେ, ସେ ଜଣେ ଚରିତ୍ରବାନ୍ ବ୍ୟକ୍ତି । ତାଙ୍କ କଥାର ଓଜନ ଅଛି । ମୁଁ ଭାଇଙ୍କର ବାଁଚି ରହିଛି ସାଜିଛି ଗୋଟିଏ ନିରାଶ୍ରୟ ଭଉଣୀ ।" ମିସେସ୍ ଫ୍ଲାରମେଲ କାନ୍ଦୁଥିଲେ । ଆଖିରୁ ତାଙ୍କର ଝରଝର ଲୁହ ବହୁଥିଲା । ଅଶ୍ରୁଳ ଆଖି ଦୁଇଟି ଉଠାଇ ସେ ପଶ୍ନକଲେ, "କଣ ମତେ ବିଶ୍ୱାସ କରିବେ ନାହିଁ ଆପଣ ?" ଭଦ୍ରଲୋକ ତାଙ୍କଆଡ଼େ ଗୃହିଁଲେ । ତାଙ୍କ ଅଖିରୁ କ'ଣ ବୁଝିଲେ କେଜାଣି କହିଲେ, "ବେଶ୍ ମୁଁ ଅପଣଙ୍କୁ ବିଶ୍ୱାସ କରିବି ମିସେସ୍ ଫ୍ଲାରମେଲ । ଆପଣଙ୍କର ପରିଚୟ ମୋତେ ଏ ପର୍ଯ୍ୟନ୍ତ ଅଜ୍ଞାତ ଥିଲେମଧ୍ୟ, ଆପଣଙ୍କ ମନଟା ଆଜି ଅଚିହ୍ନା ହୋଇ ରହିନାହିଁ ।"

"ସତେ ?" ସେହିପରି ଅଶ୍ରୁଳ ଆଖି ଦୁଇଟି ଉଠାଇ ମିସେସ୍ ଫ୍ଲାରମେଲ ପ୍ରଶ୍ନକଲେ ।

ତାପରେ ଉଭୟଙ୍କ ମଧ୍ୟରେ କିଛିସମୟ କୌଣସି ଏକ ବିଷୟରେ ଆଲୋଚନା ଗ୍ଲୁଲିବା ପରେ ମିସେସ୍ ଫ୍ଲାରମେଲ ଆନନ୍ଦରେ ହାତ ତାଳିଦେଇ କହି ଉଠିଲେ, " ତା'ହେଲେ ଆସନ୍ତା କାଲିଠୁଁ ମୁଁ ନିଯୁକ୍ତ ହେବି, ନୁହେଁ ?"

# ଏଗାର

ଯୁବରାଜ ବିକ୍ରମାଦିତ୍ୟ ଚାହା କପ୍‌ରେ ଓଷ୍ଠ ସଂଯୋଗ କରି ଜିନା ଆଡ଼କୁ ଥରେ ଚାହିଁଲେ । ନା, ଜିନାର କୌଣସି ଭାବ ପରିବର୍ତ୍ତନ ହୋଇନାହିଁ । ସେ ଯେପରି ତା' ବିଷୟରେ କିଛି ଶୁଣି ନାହାନ୍ତି ବା ଜାଣି ନାହାନ୍ତି—ଏହିପରି ଭାବ ଦେଖାଇ ଚାହା ପାନ କରିବାକୁ ଲାଗିଲେ । ଜନି ଟିକିଏ ଦୂରରେ ବସି ପିଆନୋ ବଜାଉଥାଏ । ବାସ୍ତବରେ ଜିନାର ସ୍ୱର ଚମତ୍କାର । ଜିନା ସୁନ୍ଦରୀ । ତେଣୁ ସେ ଯେତେ ଯାହା କଲେ ମଧ୍ୟ କ୍ଷମଣୀୟ । ଜିନାର ଦୋଷ ଦୁର୍ବଳତା ପାଇଁ ଯୁବରାଜ ତାକୁ କ୍ଷମା ଦେଇଥିଲେ । କିନ୍ତୁ ଏଣେ ପରିଚାରିକାର ସ୍ମୃତି ମଧ୍ୟ ଭୁଲି ପାରୁ ନ ଥିଲେ ।

ଆଜକୁ ଆଠ ଦିନ ହୋଇଗଲା । ପରିଚାରିକା ବହୁ ବିଶିଷ୍ଟ ଲୋକଙ୍କଠାରୁ ତାର ସାର୍ଟିଫିକେଟ୍ ଓ ପରିଚୟ ପତ୍ର ନେଇ ଏଠାରେ ଚାକିରୀ କରିବାକୁ ଆସିଥିଲା । ଜିନା ତ ତାକୁ ପାଖରେ ମଧ୍ୟ ପୂରାଇ ଦେଉ ନଥିଲା । ପରିଚାରିକାର ସୁନ୍ଦର ରୂପ ପାଇଁ ଜିନା ନିଶ୍ଚୟ ତାକୁ ହିଂସା କରୁଥିଲା । ସୁନ୍ଦରୀମାନେ ସୁନ୍ଦରୀମାନଙ୍କୁ ତ ଏହିପରି ହିଂସା କରିଥାନ୍ତି । ରାଣୀ ଏଲିଜାବେଥ୍ ତାଙ୍କର ସୌନ୍ଦର୍ଯ୍ୟ ପ୍ରତିପାଦନ କରିବା ପାଇଁ ସୁନ୍ଦରୀ ଝିଅ ବୋହୂମାନଙ୍କୁ ହତ୍ୟା ମଧ୍ୟ କରୁଥିଲେ । କ୍ଲିଓପେଟ୍ରା ମଧ୍ୟ କ'ଣ କମ ଥିଲେ ? ଅତୀତରେ ଅନେକଙ୍କ ବିଷୟରେ ଛୋଟ ବଡ଼ ଧରଣର ଏହିପରି କଥା ତ ଶୁଣାଯାଇଥାଏ ।

ତେବେ କନ ଯଦି ତାକୁ ଈର୍ଷା କରିଥାଏ, ଏଥିରେ ଭାବିବାର କ'ଣ ଅଛି ?

ଯୁବରାଜ ଅଠାଦନ ତଳେ ପରିଚାରିକାର ସୌନ୍ଦର୍ଯ୍ୟକୁ ଏତେ ଦେଖି ନ ଥିଲେ । ପ୍ରତ୍ୟେକ ପ୍ରେମାସ୍ପଦଙ୍କ ଚକ୍ଷୁରେ ପ୍ରତ୍ୟେକ ପ୍ରେମାଦ ଯେପରି ଦେଖାଯାନ୍ତି ତାଙ୍କୁ କନି ସେହିପରି ସୁନ୍ଦରୀ ଦେଖା ଯାଇଥିଲା । କନିଠାରେ ସେ ମଣରୀପୁ ଭ୍ରୂ ଓ ଗ୍ରୀସିପୁ ଅଙ୍ଗର ଅବିକଳ ନକଲ ଦେଖିଥିଲେ । ସେତେବେଳେ ବିଜମାଦତ୍ୟ କନି ପ୍ରେମରେ ଅକଣ୍ଠ ବୁଡ଼ି ରହିଥିଲେ ।

କନିର ଧାରଣା ଥିଲା ଅଲଗା । ସେଥିପାଇଁ ସେ ପରିଚାରିକା ନିଯୁକ୍ତ କରିବାକୁ ଚାହୁଁ ନ ଥିଲା ; ଯୁବରାଜ ସେତେବେଳେ କନିର ମନୋଭାବ ଯେପରି ବୁଝି ପାରିଥିଲେ । ତେଣୁ ତାକୁ ଅଶ୍ୱସନା ଦେଇ କହିଥିଲେ. "କନି, ଏ ତ ଜଣେ ଇତର ପରିଚାରିକା ମାତ୍ର । ମୁଁ କ'ଣ କେବେହେଲେ ଜଣେ ଇତର ମହିଳାକୁ ଭଲପାଇ ପାରେ ? ମୁଁ କ'ଣ ତାହା ତମେ ବୁଝିନାହିଁ । କିନ୍ତୁ ନିଶ୍ଚୟ ଦିନେ ବୁଝିବ । ଏ ବିଶ୍ୱାସ ମୋର ରହିଛି । ଆଜି ପରିଚାରିକାଟିଏ ନିହାତି ରଖିବାର ଅର୍ଥ କ'ଣ ଥାଇପାରେ କହିବ ?"

"କ'ଣ ?"

"ଏପରି ଜଣେ ଉପଯୁକ୍ତ ପରିଚାରିକାକୁ ରଖିଥିଲେ, ତମେ ଯେଉଁ କେତେକ ସମୟ ମୋ ଖାଇବା ପିଇବା ବା ଅନ୍ୟାନ୍ୟ ବିଷୟର ତତ୍ତ୍ୱ ନେବାରେ ନଷ୍ଟ କରୁଛ, ତାହା ନଷ୍ଟ ହୋଇ ପାରିବ ନାହିଁ । ତମେ ସବୁବେଳେ ମୋ' ପାଖେ ପାଖେ ରହୁଥିବ ।"

ସତରେ କନି ମଧ୍ୟ ତାହାହିଁ ଅନୁଭବ କରିଥିଲା । ଯୁବରାଜଙ୍କୁ କ୍ଷଣ ମୁହୂର୍ତ୍ତକ ପାଇଁ ମଧ୍ୟ ଛୁଆଡ଼େ ଯିବା ତା ପକ୍ଷରେ ଅସମ୍ଭବ ।

ତେଣୁ ସେ ଆଉ ଅଧିକ ଆପତ୍ତି ନ କରି ପରିଚାରିକା ନିଯୁକ୍ତି କରିଛନ୍ତି । ପରିଚାରିକା ମଧ୍ୟ ମନଜାଣି ଖଟୁଛନ୍ତି ।

ପରିଚାରିକାର ନିଯୁକ୍ତ ହୋଇ ଯାଇଛି ଆଜକୁ ଅଠଦିନ ହେଲା । ସମସ୍ତେ ପରିଚାରିକାକୁ ଦେଖିଛନ୍ତି । କିନ୍ତୁ ଯୁବରାଜ ବିକ୍ରମାଦିତ୍ୟଙ୍କୁ ସେ ଯେପରି ପ୍ରତିଦିନ ନୂଆକରି ଦେଖା ଯାଉଛନ୍ତି । ଯୁବରାଜଙ୍କର ମନୋରଞ୍ଜନ କରିବା ପାଇଁ କନି ପିୟାନୋରେ ଝଙ୍କାର ତୋଳୁଛନ୍ତି । ମାତ୍ର ତାଙ୍କର ଦୃଷ୍ଟି ଅନ୍ୟଆଡ଼େ—ଯେଉଁଠାରେ ପରିଚାରିକା ଛିଡ଼ାହୋଇ, ପରିଚାରିକାର ପୋଷାକ ପିନ୍ଧି ମୁଣ୍ଡ ନୁଆଁଇ ଯୁବରାଜଙ୍କ ପାଇଁ ଦ୍ୱିତୀୟ କପ୍ ପାନୀୟ ପ୍ରସ୍ତୁତ କରୁଛି ।

ଯୁବରାଜଙ୍କର ପ୍ରଥମ କପ୍ ଚାହାଟି ଯେପରି ଅସରନ୍ତି ଜହର କପ୍ । ସେ କପ୍‌ଟିରେ ସେହିପରି ଓଷ୍ଠ ସଂଯୋଗ କରି ପରିଚାରିକା ଆଡ଼କୁ ପଲକହୀନ ଦୃଷ୍ଟିରେ ସେ ଚାହିଁରହିଛନ୍ତି । ପରିଚାରିକା ପାନୀୟ ପ୍ରସ୍ତୁତ କରିସାରି ଅନେକବେଳୁ ଛିଡ଼ା ହୋଇଛି । ଯୁବରାଜଙ୍କର ପ୍ରଥମଥରର ପାନୀୟ ଶେଷହେଲାକି ନାହିଁ, ଥରକୁଥର ଚାହୁଁଛି । ଆଉ ଥରକୁ ଥର ଯୁବରାଜଙ୍କର ତୀକ୍ଷ୍ଣ ଦୃଷ୍ଟି ଅନୁଭବ କରି ପାରୁଛି । ଅବଶେଷରେ ଯୁବରାଜ ଡାକିଲେ—

"ମିନି, ଚାହା ଦିଅ –"

ମିନି ଓରଫ୍ ପରିଚାରିକା ଚାହା ପରିବେଷଣ କଲା । କନଷ୍ଟାଣ୍ଟ ପିୟାନୋରେ ତାର ମନ କଥା ସେହିପରି ତାଲ ଚାଲିଥିଲା । ନିଜକୁ ଆଉ ଅଧିକ କ୍ଷଣ ଦମନ କରି ନ ପାରି ଈଷତ୍ ନିମ୍ନସ୍ୱରରେ ସେ କହିଲେ—

"ତୁମକୁ ଗୋଟାଏ କଥା କହିବାର ଅଛି ମିନି । କନଷ୍ଟାଣ୍ଟ ଠିକ୍ ସଂଧ୍ୟା ସମୟରେ ତାଙ୍କର ରେଓୟାଜ ଅନେକକ୍ଷଣ ଧରି କରିଥାନ୍ତି । ତମେ ସେହି ସମୟରେ·····"

"ମତେ କ୍ଷମାକରିବେ ପ୍ରିନ୍‌ସ୍ । କେହି ଏକଥା ଘୁଣାକ୍ଷରେ ମଧ୍ୟ ଜାଣିବାକୁ ପାଇଲେ, ମୋର ଚାକରୀ ଖଣ୍ଡିକ ମଧ୍ୟ ଯିବ ।"

"ସେଥିପାଇଁ ବ୍ୟସ୍ତହେବାର କଣ ଅଛି ? ମୁଁ ତୁମକୁ ଅହୁରି ସୁବିଧାରେ ରଖିପାରିବି ।" ମିନି ତାଙ୍କୁ ବାଧାଦେବା ପୂର୍ବରୁ ସେ ତାଙ୍କର ମୁଦିଟିକୁ ମିନିକୁ ପିନ୍ଧାଇ ପାରିଥିଲେ । ମିନି ବିବାହିତା । ତାର ହାତରେ ବିବାହ ମୁଦି ଦେଖି କାହିଁକି ଯେ ପ୍ରିନ୍‌ସ ତାକୁ ତାଙ୍କର ମୁଦିଟି ପିନ୍ଧାଇ ଦେଇଥିଲେ ସେ କିଛି ଭାବି ପାରିଲାନାହିଁ ।

ମିନିକୁ ଆଉ ଅଧିକା କିଛି କହିବାକୁ ନଦେଇ ପୂର୍ବୋକ୍ତ କନ୍‌ଷ୍ଟାଣ୍ଟଙ୍କୁ ଡାକି କହିଲେ, "ମୋତେ ଆଜି ବଡ଼ ଅସୁସ୍ଥ ବୋଧ ହେଉଛି ଷ୍ଟୁଆର୍ଟ । ମତେ ଯେ କୌଣସି ମୁହୂର୍ତ୍ତରେ ଇନ୍‌ଫ୍ଲୁଏନ୍‌ଜା ହେବାର ସମ୍ଭାବନା ରହିଛି ବୋଲି ଡ଼କ୍ଟର ମାନେ କହୁଥିଲେ, ହୁଏତ ତା' ସତ । କାରଣ ଅନେକଥର ଇନ୍‌ଫ୍ଲୁଏନ୍‌ଜା ଭୋଗି ସେ ସମ୍ବନ୍ଧରେ ମୋର ସ୍ପଷ୍ଟ ଧାରଣା ଅସିଯାଇଛି ।"

"ଭାରି ଖରାପ କଥା । ବର୍ତ୍ତମାନ ଯାଅ, ବିଶ୍ରାମ ନିଅ । ରହ, ମୁଁ ତମକୁ ସାହାଯ୍ୟ କରିବି ।" ଏହାକହି କନ୍‌ଷ୍ଟାଣ୍ଟ ଯୁବରାଜଙ୍କ ହାତ ଧରି ଧୀରେ ଧୀରେ ତାଙ୍କ ଶୋଇବା ଘରକୁ ଅଗେଇ ନେଲା ।

ମିନି ୱେଲେସ୍‌ଲି କନ୍‌ଷ୍ଟାଣ୍ଟ ଷ୍ଟୁଆର୍ଟର ଠିକା ପରିଚାରିକା । କେତେକ ଅପ୍ରତିହତ କାରଣ ଯୋଗୁ କନ୍‌ଷ୍ଟାଣ୍ଟ ଷ୍ଟୁଆର୍ଟ ଯେପରି ତାକୁ ସବୁ ସମୟରେ ତାଙ୍କ ଘରେ ରହିବାକୁ ଦେଉ ନ ଥିଲେ, ଅନ୍ୟପକ୍ଷରେ ମିନି ୱେଲେସ୍‌ଲି ତାର ସ୍ୱାମୀଙ୍କ ସହିତ ରହିବାକୁ ସେହିପରି ଚାହୁଁ ଥିଲା ।

ରିଚାର୍ଡ଼୍‌ସନ୍ ଓ୍ୱେଲେସ୍‌ଲି, ତାଙ୍କ ନାମ ରିଙ୍କି, ବର୍ତ୍ତମାନ ଏକ ସମ୍ଭ୍ରାନ୍ତ ଓ ବଡ଼ ହୋଟେଲରେ ସାମାନ୍ୟ ଜଣେ ଭୃତ୍ୟର କାମ କରୁଥିଲେ ଓ ସେହିଠାରେହିଁ ରହୁଥିଲେ । ମିନି ସକାଳେ ଓ ସଞ୍ଜରେ କନ୍‌ଷ୍ଟାଣ୍ଟଙ୍କ ଘରେ ନିଜର କାମ ତୁଟାଇ ସେହିଠାକୁହିଁ ଚାଲି ଆସୁଥିଲା ।

ସେ ଦିନର କାମ ତୁଟାଇ ମିନା ହୋଟେଲକୁ ଆସିଲା । ଯଥା ସମୟରେ ରିଚାର୍ଡ଼୍‌ସନ୍ ସହିତ ଦେଖା ମଧ୍ୟ ହେଲା । ମିନାର ସେଦିନକାର କଣ କହିବ କହିବ ଭାବ, ସର୍ବୋପରି ତାର ଅପ୍ରସନ୍ନ ଭାବ ଦେଖି ରିଙ୍କି ପ୍ରଶ୍ନ କଲା, "ଆଜିର ଖବର କଣ ମିନା ? ନିଶ୍ଚୟ ଦୁଃସମ୍ବାଦ କିଛି ।"

"ମୁଁ ଚାକିରୀ ଛାଡ଼ିଦେଉଛି । ଏଇ ମୁହୂର୍ତ୍ତରେ ମୋର ଦରଖାସ୍ତଟି ପୋଷ୍ଟ କରିଦିଅ । ଏଇ ଯେ ..." ତାପରେ ଟିକିଏ ଅପେକ୍ଷାକରି କହିଲା, "ଛି, ଛି । ଭଦ୍ରଲୋକ ଗୁଡ଼ାଙ୍କର ଏତେ ଟିକିଏ ବୋଲି ଚକ୍ଷୁଲଜ୍ଜା ବା ମାନ ମହତ୍ତ୍ୱ ବୋଲି କିଛି ନାହିଁ ।"

ହସି ହସି ରିଚାର୍ଡ କହିଲା, "ଆରେ, ଏଇତ ମୁସ୍କିଲ । ତମ କଥା, କଣ କଥା ? ଭଦ୍ରଲୋକ ସେମାନେ ନୁହନ୍ତି ତ, ତେବେ ସେମାନଙ୍କୁ ଭଦ୍ରଲୋକ ଆଖ୍ୟା ଦିଆହେଲା କିମିତି ?"

"ଥଟ୍ଟା ନୁହଁ ରିଙ୍କି । ଦେଖିଲ ।" ଏହାକହି ସେ ମୁଦିଟି ଦେଖାଇଲା । ପ୍ରସଂଶମାନ ଦୃଷ୍ଟିରେ ଚାହିଁ ରିଙ୍କି କହିଲା, "ବାଃ, ଚମତ୍କାର ମୁଦିଟିଏ ତ ।"

"ହଁ, ପ୍ରିନ୍‌ସଙ୍କର ପ୍ରଥମ ପ୍ରଣୟର ଉପହାର । ..... ମୁଁ ବୁଝିପାରେ ନା ସେମାନେ ଜଣକୁ ଅନ୍ୟର ସ୍ତ୍ରୀ ବୋଲି ଜାଣିସୁଦ୍ଧା ଏପରି ଦୁଃସାହସ କିପରି କରନ୍ତି ।" ଏହାପରେ ବିସ୍ତୃତ ଭାବରେ ସେ ସମସ୍ତ କଥା କହିସାରିବା ପରେ ରିଙ୍କି କହିଲା —

"ତମ ସହିତ ଏକତ୍ର ଅବସ୍ଥାନ କରିବାକୁ ମୁଁ ସ୍ୱତଃସ୍ଫୂର୍ତ୍ତ କରିଥିବା ବେଳେ ତମେ ନା ମୋତେ କହିଥିଲ ଯେ ତମେ ଅକ୍ସଫୋର୍ଡର ପାଶ୍‌କରା ନାମଜାଦା ଗ୍ରାଜୁଏଟ୍, ପ୍ରେମବିଦ୍ୟାଳୟର ଛାତ୍ରୀ ନୁହଁ । ଆଉ କହିଥିଲ ନା, ତମର ମୋର କେତେକ କାମ କରିବାକୁହେଲେ ତମକୁ ଖୁବ୍ ପଙ୍କିଳ, ନରକମୟ ଓ ଇତର ଜୀବନ ଯାପନ କରିବାକୁ ହେବ ? ଆଉ ତମେ ଆଜି ନିଜେ ଭାଙ୍ଗି ପଡ଼ୁଛ । ତାହେଲେ ତମକୁ ମୁଁ ଆଉ କଣ ବୋଲି କହିବି ?"

ବୁଢେ କିଛିସମୟ ଚୁପ୍ । ବିକି କହିଲା, "ଏ ଅତି ସୁସମ୍ବାଦ ମିନି । ତମକୁ ଯୁବରାଜଙ୍କର କଥା ଅନୁସାରେ ଚଳିବାକୁ ହେବ । ତମେ ଠିକ୍ ବୁଝି ପାରିବନାହିଁ ମିନି, ଯେଉଁମାନେ ଶାସକ ଗୋଷ୍ଠୀର ସେମାନେ କେତେ ବେଶି ଆତ୍ମାଭିମାନୀ । ତେଣୁ ଏମାନଙ୍କର ଇଚ୍ଛାହିଁ ଶାସିତ ମାନଙ୍କର ଇଚ୍ଛାହେବା ଉଚିତ୍ । ଏହାର ଅନ୍ୟଥା ହେଲେ ଫଳ ଭଲ ହୁଏନାହିଁ । ସତ ଟିକିଏ ଖୋଲି କୁହେ ମିନି । ରଜା ବା ଶାସକମାନଙ୍କର ଅନେକ ଦେହଲଗା ପୋଇଲି ପରିବାର ସମସ୍ତଙ୍କର ଜାଣିବା ଶୁଣିବାରେ ଥାନ୍ତି । ଏମାନଙ୍କ ମଧ୍ୟରେ କେତେକ ସୁନ୍ଦର ଓ କେତେକ ଅସୁନ୍ଦର ମଧ୍ୟ ଥାନ୍ତି । ମାତ୍ର ସୁନ୍ଦର ହୋଇ ମଧ୍ୟ ଯଦି କେହି ଶାସକ ଇଚ୍ଛାର ବିରୁଦ୍ଧାଚରଣ କରେ, ତେବେ ସେ ତାଙ୍କର ଅପ୍ରିୟ ହୋଇଥାଏ । ଅସୁନ୍ଦର ଓ ଅଗୁଣୀର ହୋଇ ମଧ୍ୟ ଯଦି ରାଜଇଚ୍ଛାର ପୃଷ୍ଠପୋଷକତା କଲା ତେବେ ତା ପାଇଁ ରଜା ବା ଶାସକ ଯେ କଣ କରିନାହାନ୍ତି ବା ନକରନ୍ତି ବା କରିବେନାହିଁ, ଏପରି କିଛି ନାହିଁ ।"

ଅତିଷ୍ଠ ହୋଇ ମିନି କହିଲା, "କେତେଦିନ ପାଇଁ ?"

"ଶୁଣ ମିନ । ତମେତ ଭାରତର କୌଣସି ଇତିବୃତ୍ତ ଜାଣନାହିଁ । ଗୋଟିଏ ପ୍ରସଙ୍ଗ କୁହ । ରାଜା ଥିଲେ ଦୁଷ୍ମନ୍ତ । ଏକେତ କୁମାର ବା ଅବିବାହିତ ଓ ଦ୍ୱିତୀୟରେ ସର୍ବଗୁଣ ସମ୍ପନ୍ନ । କିନ୍ତୁ ସେ ଥିଲେ ବହୁ ପ୍ରେମିକ । ଥରେ ଶିକାର କରି ଆସି ଆଶ୍ରମ ବାସିନୀ ସରଳା ଓ ସୁନ୍ଦରୀ ଶକୁନ୍ତଳାଙ୍କ ସହିତ ତାଙ୍କର ଦେଖାହୁଏ । ରାଜା ତାଙ୍କୁ ବିବାହ ମଧ୍ୟ କରନ୍ତି । ରାଜା ଯିବା ସମୟରେ ତାଙ୍କୁ ପ୍ରତିଶ୍ରୁତି ଦେଇଯା'ନ୍ତି । ସେ ସସମ୍ମାନେ ଶକୁନ୍ତଳାଙ୍କୁ ପୁଣି ଆସି ନେଇଯିବେ ଓ ପ୍ରଧାନ ରାଣୀ କରିବେ । କିନ୍ତୁ ବହୁ ପ୍ରେମିକମାନଙ୍କର ଯାହା ହୋଇଥାଏ, ରାଜାଙ୍କର ମଧ୍ୟ ସେଇଆ ହେଲା । ହଁ, ରାଜା ଗଲାବେଳେ ଶକୁନ୍ତଳାଙ୍କୁ ତାଙ୍କର ପ୍ରଣୟର ନିଦର୍ଶନ ସ୍ୱରୂପ ମୁଦିଟିଏ ଦେଇ ଯାଇଥାନ୍ତି । ଶକୁନ୍ତଳା ମୁଦିଟିକୁ ଦେଖି ତାଙ୍କୁ ମନେ ପକାଉଥାନ୍ତି । ଏଣେ ଦୁଷ୍ମନ୍ତ କିନ୍ତୁ ତାଙ୍କୁ ଭୁଲି ସାରିଲେଣି ।"

'ତା' ପରେ......?"

"ଦୁଷ୍ମନ୍ତଙ୍କର ବହୁ ରକ୍ଷିତାଙ୍କ ମଧ୍ୟରେ ହଂସପଦିକା ଅନ୍ୟତମ । ସେ ଯେପରି ଚତୁରୀ, ସେହିପରି କଳାକୁଶଳା । ଥରେ ଅଗ୍ନିଗୃହ ବାଟଦେଇ ଯିବାବେଳେ ଦୁଷ୍ମନ୍ତ ଶୁଣିଲେ ହଂସପଦିକା ବୀଣାରେ ମୂର୍ଚ୍ଛନା ତୋଳି ଗାଉଛନ୍ତି ।"

ଅଭୋ ନବ ମଧୁଲୋଭୀ ନବ ମଧୁକର
ଚୂତ ମଞ୍ଜରୀ ଚୁମ୍ବି
ବକୁଳ ନିବାସେ ଯେ ପ୍ରୀତି ପାଇଛ
କପରି ଭୁଲିଲ ତୁମି ?

"ସେଇଠ୍ ?"

"ସେଇଠ୍ ହେବ ଆଉ କ'ଣ ? ଦୁଷ୍ମନ୍ତ କବିତାଟି ଶୁଣି ହସି ହସି ପ୍ରସ୍ଥାନ କଲେ । ବାସ୍ ଛୁଟିଗଲା । —ସେଇଥିପାଇଁ କହୁଛି

ମିନା, ରାଜାମାନେ ନାରୀମାନଙ୍କୁ କେବଳ ଭୋଗର ସାମଗ୍ରୀ ବୋଲି ମନେ କରି ଆସିଛନ୍ତି । ମନର ସୂକ୍ଷ୍ମାସୂକ୍ଷ୍ମ ବ୍ୟାପାର ବୁଝିବାକୁ ତାଙ୍କର ଅବସର ବା ଇଚ୍ଛା ନାହିଁ । ଉନ୍ମତ୍ତ ପାଗଳା ହାତୀର ଖିଆଲ ଆସି ଯାଇଛନ୍ତି, ବେଶ୍ ହୋଇଗଲା ।”

“ତେବେ ମୋତେ କଣ କରିବାକୁ ହେବ ?”

“ତମେ ତ ଆରମ୍ଭରୁହିଁ ଅଭିନୟ କରୁଛ । ତେଣୁ ଅଭିନୟ ଯେପରି ସଫଳ ହୁଏ, ସେଇ ଚେଷ୍ଟା କରିବ ।”

ଏଥିରେ ମିନା ସମ୍ମତ ହେବାରୁ ଏହାପରେ ସେମାନଙ୍କ ମଧ୍ୟରେ କେତେକ ସମୟ ଧରି ଗୁପ୍ତ ଆଲୋଚନା ଚାଲିଲା । ଶେଷରେ ନିଜକୁ ସୁନ୍ଦର ଭାବେ ସଜାଇ ମିନା ତାର କର୍ତ୍ତାର ଘର ଅଭିମୁଖେ ଚାଲିଲା ।

## ବାର

କ୍ଷିପ୍ରତାର ସହିତ ମୋଟର ଲଞ୍ଚ ଚଲାଇ ତାର ଡ୍ରାଇଭରକୁ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ମଧ୍ୟ ଚିହ୍ନି ହେଉ ନଥିଲା ।

ଭିତରେ ମସ୍ତବଡ଼ ଗୋଟାଏ ଟ୍ରଙ୍କ ପାହାଡ଼ପରି ପଡ଼ି ରହିଛି । ତାଆରି ପାଖରେ ବସି ଅଜୟ ଜଣେ କଣ ଯେପରି ଭାବିବାରେ ବ୍ୟସ୍ତ । ଶରୀର କ୍ଳାନ୍ତିରେ ତାର ଆଖିପତା ନଇଁ ଆସୁଥିଲା । କ୍ରମଶଃ ସେ ଢୁଲାଇ ପଡ଼ିଲା ।

ଶୋଇ ଶୋଇ ସେ ସ୍ୱପ୍ନ ଦେଖୁଥିଲା । ଦେଖୁଥିଲା, ପକ୍ଷୀରାଜ ଘୋଡ଼ାରେ ଚଢ଼ି ସେ ଯେପରି ବନ, ପର୍ବତ,/ନଦୀ

ସମସ୍ତ କିଛି ପାରହୋଇ ଯାଉଛି ସ୍ୱପ୍ନ ଦେଶର ରାଜକୁମାରୀ ପାଖକୁ । ଯେଉଁଠିକି ସେ ହାତରେ ବରଣର ମାଳାଧରି ମୋ'ପାଇଁ ଯେପରି କେତେଯୁଗରୁ ଅପେକ୍ଷା କରି ବସିଛି । ହଠାତ୍ ସେପରି ଧୂମକେତୁ ଦେଖାଦେଲା । କଳାମେଘ ଗୁଡ଼ାକ ଆକାଶରେ ଛାଇଗଲା । କ୍ରମେ ଦେଖାଗଲା ସେଇ ପଦାର୍ଥଟା ଉଜ୍ଜ୍ୱଳ ଧୂମକେତୁ ନୁହେଁ । ଗୋଟାଏ ରାକ୍ଷସ—ଯାହା ଦେହରୁ ନିଆଁଗୁଡ଼ାକ ଖାଲି ବାଷ୍ପହୋଇ ପଡ଼ୁଛି । ତାର ଶ୍ୱାସର ପକ୍ଷୀରାଜର ନିଆଁରେ ଡେଣାଦୁଇଟି ପୋଡ଼ିଗଲା । ରାକ୍ଷସର ନିର୍ଘାତ ପ୍ରହାରରେ ତାର ମୁଣ୍ଡ ଫାଟିଗଲା ଓ ଘୋଡ଼ାର ମଧ୍ୟ । ଘୋଡ଼ା ତଳକୁ ଖସିବାକୁ ଲାଗିଲା । ସେ ଚାହିଁ ଦେଖେ ତ ସମୁଦ୍ର । ତଳେ ଅଥଳ ପାଣି । ସେ କିଛି ବୁଝି ପାରିବା ଆଗରୁ ଘୋଡ଼ା ପିଠିରେ ଅଚେତ ହୋଇ ଢଳି ପଡ଼ିଲା ଓ ଘୋଡ଼ା ସହିତ କ୍ରମଶଃ ତଳକୁ ଖସି ଅବଶେଷରେ ସମୁଦ୍ରରେ ପାଣି ଉପରେ ପଡ଼ି ଛଟପଟ କରିବାକୁ ଲାଗିଲା । ରାକ୍ଷସ ତା'ର ଛଟପଟ ବନ୍ଦ କରିଦେବା ପରେ ପୁଣି ଥରେ ଆକ୍ରମଣ କଲା । ଏଥର ସେ ରୀତିମତ ଚିତ୍କାର କରି ଉଠିଲା ।

ସେ ଚିତ୍କାର କରୁଥିଲେ । ତାଙ୍କ ଆଖିର ନିଦ କୁଆଡ଼େ ଚାଲି ଯାଇଥିଲା । ସେ ଦେଖିଲେ ଜଣେ ବଳିଷ୍ଠକାୟ ବିକୃତ ଦର୍ଶନ ଯୁବକ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ । କୌଶଳ ସହକାରେ ସେ ତାକୁ ଅଳ୍ପ ସମୟ ଭିତରେ ହାର ମନାଇ ତାର ଛାତିଉପରେ ବସି ପଚାରିଲେ, "ତା'ପରେ ବୁଷ୍‌ମନ୍ ?" ତାଙ୍କ କଥାର ଯେପରି ପ୍ରତିଧ୍ୱନି ଶୁଣାଗଲା, "ତା' ପରେ ବହୁଗୁଣା, ଅର୍ଥାତ୍ ..." ସେ କିଛି ବୁଝିବା ଆଗରୁ ମୁଣ୍ଡରେ ଗୁରୁଆଘାତ ପାଇ ସେଇଠି ଅଚେତ ହୋଇ ପଡ଼ିଲେ ।

ବହୁଗୁଣା ଆଖି ଯେତେବେଳେ ଖୋଲନ୍ତି, ତାଙ୍କର ମନେ

ହେଲ, ସେ ଅପେକ୍ଷାକୃତ ଅନ୍ଧକାର ଘର ଭିତରେ ଶୋଇ ରହିଲନ୍ତି । ତାଙ୍କ ପାଖରେ ପିମ୍ପୁଡ଼ି ଲାଗିଲା ପରି ଖୁଦା ଖୁଦ ହୋଇ ଚାକ୍ରି ଘେରି ବସିଛନ୍ତି । ସମସ୍ତଙ୍କ ମୁହଁରେ ଗୋଟାଏ କେମିତ କୁଣ୍ଠିତ ଜିଜ୍ଞାସାର ଭାବ । ତାଙ୍କ ଜାତୀୟ ଦୁର୍ବୋଧ ଭାଷାରେ କଣ ଯେ ସେମାନେ କହୁଥାନ୍ତି କିଛି ବୁଝା ଯାଉ ନ ଥାଏ । କେବଳ ସେମାନଙ୍କର ଭାବ ଭଙ୍ଗିରୁ ସେ ବୁଝିଲେ ଯେ ସେମାନେ ଅତିମାତ୍ରାରେ ଖୁସି ।

କୌତୂହଳୀ ଜନତା କ୍ରମେ କମି ଅସିଲା । ଗୋଟିଏ ଗୋଟିଏ ହୋଇ ଘରୁ ବାହାରି ଗଲେ ସମସ୍ତେ । ଅପେକ୍ଷାକୃତ ନିଶ୍ଚିନ୍ତ ମନରେ ସେ ତାଙ୍କର ବର୍ତ୍ତମାନ ଅବସ୍ଥା ଓ ଗତକଥା ଭାବିଲେ । ସେ ସ୍ପଷ୍ଟ ଦେଖିବାକୁ ପାଇଲେ, ପରାମର୍ଶ ଅନୁଯାୟୀ ମିନା ବାକମା-ଗୃତୀଙ୍କର ବିବାହ ନିବେଦନ ଗ୍ରହଣ କରିଥିଲା । ଘର ବାହାରକୁ ଅସିବା ପାଇଁ ମଧ୍ୟ ସେ ତାଙ୍କର ସମ୍ମତି ପାଇଥିଲା । କିନ୍ତୁ ସେ ଅସିବେ କିପରି ? ତେଣୁ ବିଜ୍ଞାନର ସାହାଯ୍ୟ ନେବାକୁ ପଡ଼ିଲା ।

ସେଦିନ କୁହୁଡ଼ି ବେଶ୍ ଘନ ହୋଇ ଜମି ଉଠିଥାଏ । ଲଗେ ଲଗେ ଲମ୍ବର ବରଫ ମଧ୍ୟ ଅବିରାମ ବର୍ଷା ହେଉଥାଏ । ରାସ୍ତାଘାଟ ବାରି ହେଉ ନ ଥାଏ । ବଡ଼ ସ୍ଲେଜଟାକୁ ସେ ସେଇ ବରଫ ଉପରେ ଚଳାଇ ଅଣୁଥାଏ । ସେଇ ବୃହଦାକାର ଟ୍ରଙ୍କଟି ବୋଝାଇ ହୋଇଥାଏ । ଯେଉଁ କେତେଜଣ ଫୁଟ୍‌ପାଥ ଉପରେ ଚାଲୁଥାନ୍ତି ସେମାନେ ଲମ୍ବା ଲମ୍ବା ଫର୍‌କୋଟ୍ ପିନ୍ଧିଥାନ୍ତି ଓ ଟୋପି ଗୁଡାକୁ ପ୍ରାୟ ନାକ ତଳ ପର୍ଯ୍ୟନ୍ତ ଖସାଇ ଅଣି ରାସ୍ତା ବାରି ବାରି ଯାଉଥାନ୍ତି ।

ସାତ ଘଣ୍ଟାରେ ବାଜିଲା ଦୁଇ । ଡ୍ୟୁଟିର ବଦଳ ହେଲା । ଲିନ୍ଟା ପୋଲିସ ବାହିନୀକୁ ସେଦିନ ଦେଖି ମନେହେଲା,

ସେମାନେ ଯେପରି କୌଣସି ଏକ ବିପଦର ସମ୍ଭାବନା ପାଉଛନ୍ତି । ତେଣୁ ଏତେ ଅଧିକ ତତ୍ପରତା ସହିତ ସେମାନେ ଉଙ୍କି ଦେଉଛନ୍ତି ।

ଏହିପରି ତତ୍ପରତାର ସହିତ ସେମାନଙ୍କର ଉଙ୍କି ଦେବାର ଅର୍ଥ, ପ୍ରତି ସାତଦିନରେ ଗୋଟିଏ କରି ହତ୍ୟାକାଣ୍ଡ ସଂଘଟିତ ହେଉଛି । ଏପରି ହତ୍ୟା ଏଗାରଟି ହୋଇଗଲାଣି । ତା' ପୁଣି ପ୍ରତି ଶୁକ୍ରବାର ଦିନ କରାଯାଉଛି । ହତ୍ୟା କିପରି ଭାବରେ କରାଯାଉଛି, ତାର କୌଣସି ସୂତ୍ର ଏଯାଏ ମଧ୍ୟ ଆବିଷ୍କୃତ ହୋଇନାହିଁ । କିନ୍ତୁ ଆଶ୍ଚର୍ଯ୍ୟର କଥା, ପ୍ରତି ନିହତ ବ୍ୟକ୍ତିଠାରୁ ଗୋଟିଏ ମେରୀ ଯୀଶୁଖ୍ରୀଷ୍ଟଙ୍କୁ ଧରିଥିବା ଅବସ୍ଥାର ଛବି ମିଳୁଛି ଓ ଛବିର ପଛପାଖେ ଲେଖାରହିଛି 'ଗୁଡ଼ ଫ୍ରାଇଡ଼େ' । ଏସବୁର ଅର୍ଥ କଣ କିଛିମାତ୍ର ବୁଝି ହେଉ ନଥିଲେହେଁ, କେବଳ ଏତିକି ଜଣାଯାଉଛି ଯେ, ଯେଉଁମାନେ ନିହତ ହେଉଛନ୍ତି ସେମାନେ ଅତି ସଂମ୍ଭ୍ରାନ୍ତବଂଶୀୟ କେତେଜଣ ଯୁବକ । ଯୁବକମାନଙ୍କ ମଧ୍ୟରେ କାହାର ସହିତ କାହାର ସଂପର୍କ ବର୍ତ୍ତମାନ ନଥିଲେ ହେଁ, ଅତୀତରେ ଯେ ସେମାନଙ୍କ ମଧ୍ୟରେ ସଂପର୍କ ଘନିଷ୍ଠ ଥିଲା ଏହା ସତ୍ୟ । ତେବେ ଯେଉଁ କାରଣରୁ ହତ୍ୟା ସଂଘଟିତ ହୋଇଥାଉ ନା କାହିଁକି, ହତ୍ୟାକାରୀକୁ ନ ଧରି ପାରିବା ପର୍ଯ୍ୟନ୍ତ ହତ୍ୟା ଯେ ଏହିପରି ଭାବରେ ପ୍ରତି ସପ୍ତାହର ଶୁକ୍ରବାରଦିନ ହେଉଥିବ, ତାହା ନିଶ୍ଚିତ । ତେଣୁ ପୋଲିସ ବାହିନୀର ଏପରି ତତ୍ପରତା ।

ରବି ଏହିସବୁ କାରଣ ନେଇ ପୋଲିସ୍ ମାନଙ୍କର ପ୍ରଶ୍ନରେ ପଡ଼ିଥିଲା, ତାର ସେକଥା ଠିକ୍ ମନେଅଛି । ଆହୁରି ମଧ୍ୟ ମନେଅଛି ଯେ, ସେ ଯୁବରାଜଙ୍କୁ କ୍ଲୋରୋଫର୍ମ ଦ୍ୱାରା ଅଚେତ କରି ସେଇ ବଡ଼ ଟ୍ରଙ୍କ୍ ମଧ୍ୟରେ ଭର୍ତ୍ତିକରି ମିନି ଓ ତାର କେତେଜଣ ବନ୍ଧୁ

ସହାୟତାରେ ମୋଟର ଲଞ୍ଚରେ ଆଣି ମଧ୍ୟ ଲଦିଥିଲା । ଲଞ୍ଚ ମଧ୍ୟ ଛାଡ଼ିଥିଲା । ମଝିରେ ସେ ଖାଲି ଟିକିଏ ଘୁମାଇ ପଡ଼ିଥିଲା । କିନ୍ତୁ କଣ ତାର ଭୁଲ୍ ହୋଇଥିଲା ଯେଉଁଥିପାଇଁ · ··ସେ ଆଜି ଏପରି ଅବସ୍ଥାରେ ?

## ତେର

ରାଣୀମା'ଙ୍କ ବିଷୟରେ ଅଜବ ଏବଂ ଅଦ୍ଭୁତ ଆଖ୍ୟାନ ଶୁଣାଯାଏ । ଶୁଣାଯାଏ···ରାଣୀମାଙ୍କ ଆଗମନୀ ଦିନ ବଳି ପଡ଼େ । ବଳିଟି ବିଜାତୀୟ, ଅକ୍ଷତ ଦେହୀ··ସୁଦର୍ଶନ ଗୋଟିଏ ଯୁବକ । ଏ ଯେଉଁ ବଳିଟିକୁ ସେମାନେ ଉତ୍ସର୍ଗ କରିବାକୁ ରଖିଛନ୍ତି, ସେ ଠିକ୍ ସେହିପରି । ଆଶ୍ଚର୍ଯ୍ୟର କଥା, ବଳି ପଡ଼ିବାକୁ ଦୁଇଦିନ୍ କେଜାଣି କେମିତି ବିଜାତୀୟ ଜଣେ ଜଣେ ଠିକ୍ ଏହି ସମୟକୁ ଆସି ଏଠାରେ ଜୁଟନ୍ତି । ବଳି ରାଣୀମାଙ୍କ ଗୋଡ଼ ତଳେ ହିଁ ପଡ଼େ । ରକ୍ତବୋଳା କଟା ମୁଣ୍ଡଟି ରାଣୀମାଙ୍କ ହାତରେ ଅର୍ପଣ କରାଯାଏ । ରାଣୀମା ମନ୍ତ୍ରପଢ଼ି ସେଇ କଟା ମୁଣ୍ଡର କାନରେ ଫୁଙ୍କ ଦିଅନ୍ତି । ସେହି ମୁଣ୍ଡହିଁ ରାଜ୍ୟର ଭଲମନ୍ଦ, ହାନି-ଲାଭ, ଦୋଷୀ, ନିର୍ଦ୍ଦୋଷୀ ସବୁ ବିଚାର କରିଥାଏ । ତେଣୁ ଯାହାର ମୁଣ୍ଡଟି ସମୟ ହେଲେ ଏହିପରି ଭାବରେ ରାଣୀମା'ଙ୍କ ମନ୍ତ୍ରବଳରେ ସବୁକଥା କହିବ, ତାକୁ ଦେଖିବାକୁ ଦଳ ଦଳ କଳା କୁଞ୍ଚିତ ଲୋକ ଭିଡ଼ ବାନ୍ଧି ଧାଡ଼ି ଧାଡ଼ି ହୋଇ ବସି ରହିଛନ୍ତି ।

ଏଇ ଯେ ଲୋକଟି ଠିକ୍ ସମୟ ଆସିଗଲେ ଉତ୍ସର୍ଗ, ହେବ;

ତାକୁ ଦେଖିଲେ ସମସ୍ତଙ୍କ ମନରେ ଗୋଟାଏ କେମିତି ମାୟା ଆସୁଛି । ମନେ ହେଉଛି ଲୋକଟି ଯେପରି ଉତ୍ସର୍ଗ ହେବାର ପାତ୍ର ନୁହେଁ ।

ଗୋଟି ଗୋଟି ହୋଇ ସମସ୍ତେ ଚାଲିଯିବାପରେ ତାକୁ ତାଙ୍କଦଳର ପୁରୋହିତ ହାତରେ ଅର୍ପଣ କରାଗଲା । ତାର ଯତ୍ନ ନେବାପାଇଁ ପୁରୋହିତଙ୍କର ଝିଅ ଉପରେ ଭାର ପଡ଼ିଲା । ଜାତିର ଗୁଣନେଇ ଝିଅଟି ମଧ୍ୟ ସେହିପରି ନିଷ୍ଠୁର ସ୍ୱଭାବର । ମାତ୍ର ବନ୍ଦୀ ରବିନ୍‌ସନ୍‌ର ସ୍ୱଭାବ ଆଗରେ ଝିଅଟି ଯେପରି ନରମି ଯିବାକୁ ଲାଗିଲା । ଝିଅଟି ବନ୍ଦୀ ଯୁବକର କୌଣସି କଥା ବୁଝି ପାରୁ ନଥିଲେ ମଧ୍ୟ, ବନ୍ଦୀ ଯୁବକଟି ଯେପରି ସୂର୍ଯ୍ୟାଲୋକକୁ ଯିବାକୁ ଚାହୁଁଛି, ତା' ସେ ତାର ମନୋଭାବରୁ ବୁଝିପାରିଲା । ଏଣିକି ପ୍ରତିଦିନ ସେ ରବିକୁ ନେଇ ଅନେକ ଥର ବୁଲାଇ ଆଣେ । ଏହି ଭିତରେ ରବି ତାଙ୍କର ଭାଷାରୁ ମଧ୍ୟ କିଛି ଶିଖି ନେଲାଣି । ଝିଅଟିର ସବୁଠୁ ବେଶି ଆନନ୍ଦ, ରବିକୁ ସେ ତାଙ୍କର ଭାଷା ଶିଖାଇ ପାରିଛି । ଥରେ ରବି ତାର ବନ୍ଦୀ ହେବାର କାରଣ ପଚାରିବାରୁ ଝିଅଟି କିଛିମାତ୍ର ନ ଲୁଚାଇ କହିଲା, "କେଜାଣି ତମେ ଏଠାକୁ କେମିତି ଆସିଲ ଠିକ୍ କରି କହିପାରିବି ନାହିଁ । ଦଳର ଅନ୍ୟମାନଙ୍କର କଥାବାର୍ତ୍ତା ଶୁଣିଛି, ତମେ କାହାକୁ ଗୋଟାଏ ଚୋରୀ କରି ନେଇ ଆସୁଥିଲ । ଆମ ରାଣୀମା' ସେକଥା ଜାଣିପାରିଲେ ।"

ରବି ପଚାରିଲା, "ତମ ରାଣୀମା' କଣ ଏସବୁ କଥା ଜାଣିପାରନ୍ତି ।"

"ନା, ପାରନ୍ତି ନାହିଁ । କିନ୍ତୁ ନିଜ ଦେଶ ଭିତରର ସବୁକଥା ଜାଣିପାରନ୍ତି । ଅଉ ତମେ କେ ଆମ ରାଣୀମାଙ୍କର ଦେଶ ଭେଇ ଚାଲି ଯାଉଥିଲ ।"

"ହଁ, ତା'ପରେ କଣ ହେଲା ସୁଜନ୍ୟା ?" ରିଙ୍କ ତାର କ୍ରିଷ୍ଟିଅ ନାଁ ବଦଳରେ ତାକୁ ସୁଜନ୍ୟା ବୋଲି ଡାକୁଥିଲେ ।

"ତା ପରେ ରାଣୀମା ମନ୍ତ୍ର ପଢ଼ିଲେ । ସମୁଦ୍ରରେ ଢେଉ ଉଠିଲା । ଢେଉ ଭିତରୁ ତମ ଯାନ ପରି ଅନେକ ବଡ଼ ଯାନ ବାହାରିଲା । ତମେ ଅଚେତ ହୋଇ ପଡ଼ିଲ । ମାତ୍ର ମୋର ଯାନ ସେଥିପାଇଁ ଚାଲିଥାଏ । ରାଣୀମା'ଙ୍କର ଯେଉଁ କେତେଜଣ ଅନୁଚର ଅଛନ୍ତି, ସେମାନେ କାଲ ଓ ଜଡ଼ । ତେଣୁ ଆଖିରେ ଦେଖିଲେ ମଧ୍ୟ କିଛି କହିପାରନ୍ତିନାହିଁ । ସେଇମାନଙ୍କ ଭିତରୁ ଜଣେ ରାଣୀମା'ଙ୍କ ଆଦେଶ ପାଇ ତମକୁ ଏଠାକୁ ଧରିଆଣିଲା । ଧରିଆଣି ବାବାଙ୍କ ମାର୍‌ଫତ୍‌ରେ ଦେଲା.. "

"ବାବାଙ୍କ ମାରଫତ୍‌ରେ ଦେଲା ମତେ ବଳି ଦେବାକୁ । ନୁହେଁ ? କିନ୍ତୁ ମୁଁ ଯେ ଠିକ୍ ଶୁଣିଛି, ଜଣେ ମତେ ପ୍ରହାର କଲ ଓ କହିଲା, ତା'ପରେ ବୁଷ୍‌ମନ୍ ?"

"କେଜାଣି ଏତେ କଥା ଜାଣି ନାହିଁ । ମାତ୍ର ତମକୁ ବଳି ଦେବାକୁ ଆଦୌ ଇଚ୍ଛା ହେଉନାହିଁ ରିଙ୍କ । ବାବା ଓ ଅନ୍ୟାନ୍ୟ ମାନଙ୍କ ଇଚ୍ଛା ମଧ୍ୟ ସେଇଆ ।"

"ତେବେ ମତେ ରକ୍ଷା କରିବ ?"

ମ୍ଳାନ ହସି ହସି କହିଲା, "ତା' ପାରିବିନି । ଆରଥର ରାଣୀମାଙ୍କ ବେଳକୁ ଯେଉଁ ଲୋକଟିକୁ ଉତ୍ସର୍ଗ କରାଯାଇଥିଲା ତାର ଉତ୍ସର୍ଗ ହେବାକୁ ଆଦୌ ଭୟ ନଥିଲା । କିନ୍ତୁ ଆମର ଏ ପ୍ରଥା ବିରୁଦ୍ଧରେ ସେ ଯାହାସବୁ କହୁଥିଲା, ବୁଝୁ ନଥିଲୁ ସିନା, କିନ୍ତୁ ଏତିକି ଜାଣିପାରୁଥିଲୁ ଯେ, ସେ ଆମମାନଙ୍କୁ ଖୁବ୍ ଘୃଣା କରୁଥିଲା । ସତକଥା ରିଙ୍କ, ମୁଁ ମଧ୍ୟ ଏସବୁ ପ୍ରଥାକୁ ଭଲପାଏନି । ଏ ଦେଶରେ କେହି ଯନ୍ତ୍ରମନ୍ତ୍ର ଶିଖିପାରିବେ ନାହିଁ ବୋଲି ମନା ।

ଏହା ରାଣୀମା'ଙ୍କର ଆଦେଶ । ତମେ ନିଶ୍ଚୟ ଶୁଣି ସାରିଛ ଯେ, ପ୍ରତି ତିନିବର୍ଷରେ ରାଣୀମା ଦେଶର ହାଲଚାଲ ବୁଝିବାକୁ ଆସନ୍ତି । କିନ୍ତୁ ଥରେ ଥରେ ଏହାର ବ୍ୟତିକ୍ରମ ଘଟେ । ରାଣୀମା' ଆସିପାରନ୍ତି ନାହିଁ । ତେଣୁ ତାଙ୍କର ଅନୁପସ୍ଥିତିରେ ବାବା ସବୁକିଛି ବୁଝିଥାନ୍ତି । ତେଣୁ ବଳି ଦିଆଯାଉଥିବା ଲୋକଟିକୁ କଥା କୁହାଇବା ପାଇଁ ମନ୍ତ୍ରର ସାହାଯ୍ୟ ନେବାକୁ ପଡ଼େ । ଆମର ପୁରୋହିତ ବଂଶ ତ । ବାବାଙ୍କୁ ତେଣୁ ମନ୍ତ୍ର ଶିଖିବାକୁ ହୁଏ । ସେ ପୋଥିଟି କାଳେ ଅନ୍ୟ କେହି ଜାଣିପାରିବେ, ତାକୁ ଏକ ଗୁପ୍ତସ୍ଥାନରେ ରଖାଯାଇଛି ।"

"ତମେ ଜାଣିନ ମନ୍ତ୍ର ?"

"ମୋର ତ ନ ଜାଣିବାର କଥା । କିନ୍ତୁ ବାବାଙ୍କର ବୟସ ଅଶି ହୋଇଗଲା । ମୋ ଛଡ଼ା ତାଙ୍କର ଆଉ କେହି ନାହାନ୍ତି । ପ୍ରଥା ଅନୁସାରେ ମୁଁ ହେବି ବାବାଙ୍କ ପରେ ପୁରୋହିତ । ତେଣୁ ମୁଁ ସେ ମନ୍ତ୍ର ଜାଣିଛି ।"

"ଜାଣିଛ ? ...ଆଉ ସବୁ କଣ କରିପାରି ସେ ମନ୍ତ୍ରରେ ?"

"ତୁମର ମୃତ ସାତ ପୁରୁଷଙ୍କୁ ଦେଖାଇପାରେ ଓ ସ୍ୱଚ୍ଛ କାଚ ଉପରେ ବୁନ୍ଦାଏ ପାଣିପକାଇ, ଯେ କୌଣସି ଜୀବିତଙ୍କୁ ତମେ ଇଚ୍ଛା କରିବ ଦେଖାଇ ଦେଇପାରେ । ତମକୁ ସମୁଦ୍ର ପାରି କରାଇ ଦେଇ ପାରେ ଓ ଆହୁରି ଅନେକ କିଛି କରିପାରେ ।"

"ସତେ..."

"ସତରେ ଇଚ୍ଛା ହେଉଛି, ତମକୁ ସମୁଦ୍ର ପାରିକରି 'ତମ ଦେଶରେ ପହଞ୍ଚାଇ ଦିଅନ୍ତି । କିନ୍ତୁ ତା'କଲେ ଯେ ପିତୃଇଚ୍ଛା ଓ ରାଣୀମାଙ୍କ ଇଚ୍ଛାର ବିରୋଧ କରିବି । ତେଣୁ ତମକୁ କଣ କରିବି ଜାଣ ?"

"କଣ ?"

"ତୁମର ଉତ୍ସର୍ଗ ହୋଇଥିବା କଣ୍ଠାମୁଣ୍ଡଟିକୁ ମଲୟପୁର ଭର ଭଣ୍ଡାର ରଖିବ । ଏଣିକି ନିଷ୍ପତ୍ତି କରିବ । ଅଙ୍କ ଶ୍ରେଣିର ସାଧନା କରିବା, ତମ ମୁଣ୍ଡ ସହିତ ବିକ୍ରମଙ୍କ ଦେହଟିକୁ ମଧ୍ୟ ଯୋଡଦେବା ପାଇଁ । କାରଣ ତମେ ଯେ ଅତି ଭଲଲୋକ ଓ ତମ ପରି ଲୋକର ଉତ୍ସର୍ଗ ହେବାର ମୁଁ ଘୋର ବିରୋଧୀ । ତେଣୁ ବର୍ତ୍ତମାନ ପାଇଁ ତମେ ଯଦି କିଛି ଦେଖିବାକୁ ଇଚ୍ଛାକର, ତେବେ ସେ ଇଚ୍ଛା ପୂରଣ କରିପାରେ ।"

"ସତରେ ମୋର କୌଣସି ବିଶେଷ ଇଚ୍ଛା ପୂର୍ଣ୍ଣ କରିବ ? ବେଶ୍ ମତେ ତା'ହେଲେ ମୋ ସହିତ ଅପହୃତ ହୋଇଥିବା ସେଇ ଯୁବରାଜଙ୍କୁ ଦେଖାଅ ସୁକନ୍ୟା ।"

ବିକ୍ରମ ଏକଥା ଶୁଣି ହସିହସି ଯେପରି ଫାଟିପଡିଲେ ସେ । କୁହୁକୁହୁ କହିଲେ, "ଆରେ, ସେ ଯେ ତମରି ପାଖ କକ୍ଷରେ କଳରହୁଛି ଓ ଠାରାଣ୍ଡୁଲିର ନିଶାରେ ଅଚେତ ହୋଇ ପଡ଼ିରହୁଛି । ଭୁଲନା ଦେଖିଅସିବା ସେଇ ହତଭାଗ୍ୟଟାହିଁ ଉତ୍ସର୍ଗ ହେବାର ଯୋଗ୍ୟ । କିନ୍ତୁ କେତେକ ବିଶେଷ କାରଣ ନେଇ ତାକୁ ସେଥିରୁ ଅବ୍ୟାହତି ଦିଆଯାଇଛି ।"

ଯୁବରାଜ ଵିକ୍ରମାଦିତ୍ୟଙ୍କ ବିଷୟରେ ଅଧିକ ଅନେକ କିଛି ସେମାନେ ଗଳ୍ପ କରୁଥିବାରୁ ତାଙ୍କ ପାଖରେ ପହଞ୍ଚି ଦେଖିଲେ, ଯୁବରାଜ ବାସ୍ତବରେ ସେହିପରି ଅବସ୍ଥାରେ ପଡି ରହିଛନ୍ତି । ଯୁବରାଜଙ୍କ ସହିତ କଥା କହିବାକୁ ବିକ୍ରମ ଇଚ୍ଛା କରିବାରୁ ସୁକନ୍ୟା କହିଲେ—

"ଏପରି ଏକ ଇତର ପ୍ରାଣୀ ସହିତ ତୁମର ଦେଖା କରିବା ମଧ୍ୟ ଅନୁଚିତ । ମୃତ୍ୟୁଙ୍କ ବିଷୟରେ ମୁଁ ମୋର ମତ

ପ୍ରସାଦକୁ ସବୁଜାଣେ ରକ୍ଷି । ଏପରି ଲୋକର ଯେ ପତ୍ନୀ ହେବ ତାର ସତୀ ନହେବା ଉଚିତ । ଦେଖ, ଏ ଜେବେ ବିବାହ କଲେ ଯାର ସ୍ତ୍ରୀ ମଧ୍ୟ ସତୀ ହେବନି । ତେଣୁ ସ ତାର ମାଳା, ସିନ୍ଦୂର, କଙ୍କଣ ଯାର କଣ ହେବ ? ଆସ ରକ୍ଷି ତୁମେହିଁ ଯାର ତତ୍ତ୍ୱ ଗ୍ରହଣ କର ।" ଏହାକହି ଜଣେ ମନ୍ତ୍ରପୂତ ଯୁବରାଜଙ୍କ ମୁଣ୍ଡର ବାଳଗୁଚ୍ଛକ ଭିତରେ ଅଙ୍ଗୁଳି ଗୁଳନା କରିବାରୁ ଦେଖାଗଲା, ତାଙ୍କ ମୁଣ୍ଡର ଖପୁରି ଯେପରି ଫୁଟିଲା ହୋଇଗଲା । ତାଙ୍କର କନ୍‌ଭଲ୍‌ସନ୍‌ସ୍ ଅଫ୍ ସିରବସ୍ ଭିତରେ ଯାହା କିଛି ସଞ୍ଚିତ ହୋଇ ରହିଥିଲା ସବୁ ତତ୍ତ୍ୱ, ସବୁ ଜ୍ଞାନ ଯେପରି ଖୋଲିଯାଇ ଅଗରେ ଥୁଆ ହେଲା ପରି ଲାଗିଲା । ନିର୍ବାକ ବିସ୍ମୟରେ ସଭା ଚାହିଁ ରହିଲେ ।

## ଚଉଦ

ଜ୍ୟୋତି ପାଇଁ ରାଣୀ ମା'ଙ୍କ ପାଖକୁ ଯାହାକୁ ଅଣାଗଲା, ତାକୁ ଦେଖି ରାଣୀ ମା' ଚମକି ଉଠିଲେ । ଆଦେଶ ଦେଲେ, "ଯୁବକଙ୍କୁ ଫିଟାଇ ଦିଅ ପୁରୋହିତ ।" ତାହାହିଁ ହେଲା । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଏପରିକି ସେହି କୁତ୍ସିତ ଦର୍ଶନ ଉଚ୍ଛୃଙ୍ଖଳ ଲୋକ-ଗୁଡ଼ାକଙ୍କ ଆଖିରୁ ଠାରଣ୍ଡୁଳର ନିଶା ମଧ୍ୟ ଛୁଟିଗଲା । ସମସ୍ତେ ଏହି ଅଦ୍ଭୁତ ଘଟଣାଟିକୁ ତତୋଧିକ ଆଶ୍ଚର୍ଯ୍ୟ ଭରା ଆଖିରେ ଚାହିଁ ରହିଲେ । ଏପରି ଘଟଣା ଯେ କେବେହେଲେ ଘଟିବ ଏହା

ସେମାନେ ଶୁଦ୍ଧ ମଧ୍ୟ ନ ଥିଲେ । ଅଦ୍ୟ ପର୍ଯ୍ୟନ୍ତ ଏପରି ଘଟଣା କେବେ ଘଟିବ ଏହା ସେମାନେ ଶୁଣି ନଥିଲେ ।

ରାଣୀ ମା'ଙ୍କର ସୁନ୍ଦର ଆଖି ବୁଲିଟିରୁ ମୁକ୍ତାପରି ଲୁହ ଝରୁଥିଲା । ସେ ବନ୍ଧନ ଖୋଲି ଖୋଲି କହିଲେ, "ଏତେଦିନ ପରେ ... ଏତେ ଦିନ ପରେ ।"

ବକ ଏ ସବୁର ଅର୍ଥ ବୁଝୁ ନ ଥିଲା । ସେ କେବଳ ଅନୁଭବ କରୁଥିଲା, ରାଣୀ ମା' ଯେପରି ତାକୁ ଖୁବ୍ ଆପଣାର ମନେକରି ବ୍ୟବହାର କରୁଛନ୍ତି । ଝିଙ୍କର ସୁକନ୍ୟା ମନେ ପଡ଼ିଲା । କେତେ ଭଲ ପାଉ ନଥିଲା ସୁକନ୍ୟା ସତରେ । ସେ ସୁକନ୍ୟାକୁ ଚାହିଁଲା । ଦେଖିଲା, ସୁକନ୍ୟା ପାଖରେ ରାଣୀ ମା' ଛିଡ଼ାହୋଇ କ'ଣ ସବୁ କହୁଛନ୍ତି । ସୁକନ୍ୟା ତାଙ୍କୁ ପ୍ରତିବାଦ ଜଣାଉଛି । ରାଣୀ ମା' ବଡ଼ ବଡ଼ କରି କଣ ମନ୍ତ୍ର ପଢ଼ିଲେ । ଶୂନ୍ୟରେ ତାଙ୍କର ହାତଟି ସୁକନ୍ୟାର ବେକ ଓ ଅଣ୍ଟା ସିଧା ଆଘାତ କଲା । ଏହାପରେ ଆଶ୍ଚର୍ଯ୍ୟ ହୋଇ ସମସ୍ତେ ଦେଖିଲେ ସୁକନ୍ୟାର ବେକ ପାଖରୁ ଓ ଅଣ୍ଟା ପାଖରୁ ହାଣି ହୋଇ ଯାଇଛି । ତହିଁରୁ ଲାଲ୍ ରକ୍ତ ଝରିଆଡ଼େ ଛିଟିକି ପଡ଼ୁଛି । ସେଇ ଅଦ୍ଭୁତ ଜନତା ନତହୋଇ ତା'ର ପ୍ରଣତ ରାଣୀ ମା'ଙ୍କୁ ଜଣାଉଛି ।

ସୁକନ୍ୟାକୁ ଏପରିଭାବରେ କାହିଁକି ବା ମାରି ଦିଆଗଲା, ରାଣୀମା' କାହିଁକି ବା ତା'ର ଏପରି ଯତ୍ନ ନେଉଛନ୍ତି, ଏ ସବୁ ବକ ଆଦୌ ବୁଝି ପାରିଲା ନାହିଁ । ଏସବୁ କାର୍ଯ୍ୟକଳାପ ଦେଖି ବକର ମଧ୍ୟ ରାଣୀମାଙ୍କ ପ୍ରତି କେମିତି ଗୋଟାଏ ଭୟ ଆସି ଯାଉଥାଏ । ତେଣୁ ରାଣୀମା' ଯାହା କରୁଥାନ୍ତି ଅନେକ କ୍ଷେତ୍ରରେ ତାଙ୍କୁ ବାଧା ଦେବାକୁ ଚାହିଁଲେ ମଧ୍ୟ ସେ ପାରି ନା ।

ଏପରି ଏକ ମନର ପରିବେଶରୁ ତାଙ୍କୁ ନିସ୍ତାର ମିଳିଲା, ରାଣୀମା' ଯେଉଁଦିନ ଶୁଣି ଯାଇଥିବା ସେଇ ଆଶ୍ଚର୍ଯ୍ୟ ପାହାଡ଼କୁ ତାଙ୍କ ସଙ୍ଗତ ବୁଲି ଯିବାପାଇଁ ରଙ୍କୁ ଡାକିଲେ ।

ଅନେକ ଦୁର୍ଭେଦ୍ୟ ଜଙ୍ଗଲ ଓ ନଦନଦୀ ଦେଇ ସେମାନେ ସେଇ ପାହାଡ଼ରେ ପହଞ୍ଚିଲେ । ପାହାଡ଼ର ଆଶ୍ଚର୍ଯ୍ୟତା ଯାହା ଥାଉନା କାହିଁକି, ମଣିଷର ଗୋଟିଏ ବସ୍ତୁଫଟୋ ପରି ଏହା ଦେଖିବାକୁ । ପ୍ରକୃତରେ ଏହି ପାହାଡ଼ଟି ରହସ୍ୟାବୃତ । ଗୋଟିଏ ହେଲେ ପ୍ରାଣୀଙ୍କୁ ଦେଖିବାକୁ ନ ମିଳିଲେ ମଧ୍ୟ ବିଭିନ୍ନ ପ୍ରାଣୀ ଓ ମନୁଷ୍ୟର ବିଭିନ୍ନ ପ୍ରକାରର ସ୍ୱର ଶୁଣିବାକୁ ମିଳିଲା । ଗୋଟିଏ ସ୍ଥାନରେ ଝଙ୍କାର ତୋଳି ଲଳିତ ସ୍ୱରରେ କାହାର ହସ ଶୁଣାଗଲା । ରିଙ୍କ ଚମକି ସନ୍ଦଗ୍ଧ ଭାବରେ ଚାହିଁଲା । ରାଣୀମା' ତାହା ବୁଝିପାରି କହିଲେ, "ହସର ଏ ଗୋଟିଏ ଅପୂର୍ବ ଝରଣା । ବାସ୍ତବରେ କୌଣସି ବ୍ୟକ୍ତି ହସୁ ନାହିଁ ।" କ୍ରମଶଃ ସେମାନେ କାନ୍ଦର ଝରଣା ମଧ୍ୟ ଅତିକ୍ରମ କଲେ । ତା ପରେ ସେମାନେ ଯେଉଁଠି ଆସି ପହଞ୍ଚିଲେ ଆଶ୍ଚର୍ଯ୍ୟରେ ରିଙ୍କର ମୁହଁରୁ କଥା ବାହାରିଲା ନାହିଁ । ଏ ଯେ ସେଇ ବଡ଼ ପାହାଡ଼—ମଣିଷର ଅଧାଫଟୋର କ୍ଷୁଦ୍ର ସଂସ୍କରଣ । ସଂସ୍କରଣଟି ରଙ୍କର ଅବିକଳ ନକଲ । ତାପରେ ସେ ଅଦ୍ଭୁତ ଆଶ୍ଚର୍ଯ୍ୟ ହେଲା, ଯେତେବେଳେ ସୁରକ୍ଷିତ ହୋଇ ରହିଥିବା ନିଜର ନକଲଟିକୁ ଦେଖିଲା । ରାଣୀମା' କହିଲେ—

"ଆଜକୁ କେତେହଜାର ବର୍ଷ ହେବ ଠିକ୍ ମନେନାହିଁ । ତମେ ଓ ତମର ଜଣେ ସଙ୍ଗୀ ଏଠାରୁ ବାହାରିଲ ଇଜିପ୍ଟର ସଭ୍ୟ ଅଞ୍ଚଳକୁ ଚାଲି ଆସିଥିଲ । ଆଜି ଏ ରାସ୍ତାକୁ ଯେତେ ଅପରିଷ୍କାର ଦେଖୁଛ ଓ ରାସ୍ତା ଦେଖିଥିଲେ ମଧ୍ୟ ଭୁଲି ଯାଉଛ, ସେତେବେଳେ ଏ ଅଞ୍ଚଳ ଅଦ୍ଭୁତ ଘଞ୍ଚ ଅରଣ୍ୟାନୀ ପରିବେଷ୍ଟିତ ହୋଇ ରହିଥିଲା ।

ତମେ ବୁଝିଜଣା ଯେ କେବଳ ତମର ସଭ୍ୟ ଅଞ୍ଚଳରୁ ଆସିଥିଲି ତା' ନୁହେଁ । ତମର ଗୋଟାଏ ଦଳ ଏ ଅଞ୍ଚଳକୁ ଆସିଥିଲେ । ଅନେକ ଗୁଡ଼ାଏ ଦୁଃସହ ପରିସ୍ଥିତି ଭିତର ଦେଇ ତୁମେମାନେ ଆସୁ ଆସୁ କେବଳ ତୁମେ ଓ ତୁମର ସଙ୍ଗୀଙ୍କୁ ଛାଡ଼ି ସମସ୍ତେହିଁ ମୃତ୍ୟୁ ବରଣ କରନ୍ତି । ଆଉ ମୁଁ ତୁମର ଦେଖାପାଏ ଓ ତୁମକୁ ସେଇ ପ୍ରଥମ ଦର୍ଶନରୁ ହିଁ ଭଲପାଇ ବସେ । କିନ୍ତୁ ତମର ଭଲ ପାଇବା ପାଇବା ପୂର୍ବରୁ ମୋ ସହିତ ବାଦ ସାଧେ ଏଇ ସୁକନ୍ୟା । ତମେ ମଧ୍ୟ ସୁକନ୍ୟା ପ୍ରତି ଆକୃଷ୍ଟ ହୁଅ । ତେଣୁ ଇର୍ଷାନ୍ୱିତା ହୋଇ ମୁଁ ତୁମ ଦୁଇ ଜଣଙ୍କୁ ମନ୍ତ୍ର ଦ୍ୱାରା ମୃତ୍ୟୁଦଣ୍ଡ ଦିଏ । କିନ୍ତୁ ବିଦ, ତୁମକୁ ମାରି ମଧ୍ୟ ଭୁଲି ପାରେନା । ତେଣୁ ତୁମର ସେ ଦେହଟିକୁ ଏହିପରି ସାଇତି ରଖେ । ଜାଣେ···ତୁମେ ପୁଣି ଜନ୍ମହେବ··ପୁଣି ମୋ' ପାଖକୁ ଆସିବ । କାରଣ ପୃଥିବୀର ଘଟଣା ପରମ୍ପରା ଦେଖିଲେ ଜଣେ ଜାଣି ପାରିବ ସବୁର ପୁନରାବୃତ୍ତି ହୋଇଛି । ସେଥିନୁ ତୁମ ପାଇଁ ଅପେକ୍ଷା କରି ରହିଥିଲି । ଦେହଟିକୁ ମଧ୍ୟ ସାଇତି ରଖିଥିଲି । ଯା'ର ଆଉ ପ୍ରୟୋଜନ କଣ ?" ଏତିକି କହି ସେ ଟିକିଏ ଧୂଳି ମନ୍ତ୍ର ପଢ଼ି ସେଇ ସୁରକ୍ଷିତ ବିଶ୍ୱର ବହୁବର୍ଷର ଦେହ ଉପରେ ପକାଇ ଦେବାମାତ୍ରେ ତାହା ଗୁଣ୍ଡ ହୋଇ ପବନରେ ମିଶିଗଲା ।

ସେମାନେ ଆଗେଇ ଯିବାକୁ ଲାଗିଲେ । ସେଇ ପାହାଡ଼ର ଅଉ ଏକ ଅସ୍ପର୍ଶ୍ୟ ସ୍ଥାନରେ ସେମାନେ ଆସି ପହଞ୍ଚିଲେ । ସୂର୍ଯ୍ୟ କିରଣଠାରୁ ଅଧିକ ଉଜ୍ଜ୍ୱଳ, ଭଉଁରି ରଙ୍ଗର ସ୍ତମ୍ଭଟି ଗୋଟିଏ ଅନେକ ପ୍ରବାହର ସମ୍ମୁଖୀନ ହେଲେ । ରାଣୀମା' କହିଲେ, "ଏ କ'ଣ ଜାଣ ?"

"ନା—ତ ।"

"ଏ ଅଲୌକ ପ୍ରବାହର ସ୍ରୋତ ହେଉଛି ଜୀବନ ପ୍ରବାହର ସ୍ରୋତ । ଏହି ସ୍ରୋତରେ ଚାରି ହଜାର ବର୍ଷ ତଳେ ମୁଁ ଗାଧୋଇ ଥିଲି । ତେଣୁ ମୋର ଦେହ ଓ ଜୀବନକୁ ଏପରି ଅକ୍ଷତ ରଖି ପାରିଛି । ଆସ ରିଙ୍କ, ତୁମେ ସେହି ଜୀବନ ସ୍ରୋତର ପ୍ରବାହରେ ପୁଣି ଥରେ ଗାଧୋଇ ଆହୁରି ଅନେକ ହଜାର ବର୍ଷ ବଞ୍ଚି ଜୀବନ ଉପଭୋଗ କରିବା ।"

ଏ ସବୁ ଘଟଣା ଦେଖି ଓ ଏପରି କଥା ଶୁଣି ରିଙ୍କ ବାସ୍ତବରେ ଭୟ ପାଇ ଯାଇଥିଲା । ତା'ର ଏ ଭାବ ଦେଖି ରାଣୀମା' ହସି ହସି କହିଲେ "ଏଇ ଦେଖନ, ଭୟ କ'ଣ ?"

ଜୀବନ ପ୍ରବାହର ସ୍ରୋତ ଭିତରେ ରାଣୀମା' ପଶିଗଲେ । ପର ମୁହୂର୍ତ୍ତରେ ଦେଖାଗଲା ରାଣୀମା'ଙ୍କ ପରିବର୍ତ୍ତରେ ଅସ୍ପଷ୍ଟ ଚେହାର କରି ବେଦନା କାତର ମୁହଁରେ ବାହାରି ଆସୁଛି ଗୋଟିଏ ବୁଢ଼ୀ । ତାର ଦେହର ଚର୍ମ କୋଞ୍ଚୁକୋଞ୍ଚୁ ହୋଇ ଯାଇଛି । ସେ ନଇଁ ପଡ଼ିଛି । ପର ମୁହୂର୍ତ୍ତରେ ବୁଢ଼ୀଟି ଆହୁରି ଛୋଟ ଆକାର ଧାରଣ କଲା ଓ କ୍ଷଣକରେ ଧୂଳିରେ ପରିଣତ ହୋଇ ପବନରେ ମିଶିଗଲା ।

ରିଙ୍କ ଏହି ଆଶ୍ଚର୍ଯ୍ୟ ଜନକ ପ୍ରାଣମୂର୍ଚ୍ଛା ପରିସ୍ଥିତିରେ ଆଉ ଅଧିକକ୍ଷଣ ରହି ନ ପାରି ବାହାରି ଆସିଲା । କୌଣସିମତେ ସେଠାରୁ ଚାଲିଆସି ପୁତ୍ରଗଣଙ୍କ ସାଥିରେ ଆସି ବାଲସ ଅଭିମୁଖେ ଜାହାଜ ଧରିଲା ।

## ପନ୍ଦର

ରିଙ୍କ ଯେ କେବେ ଫେରି ଆସିବ ଏ ଆଶା ମିନାର ନ ଥିଲା । ତେଣୁ ରିଙ୍କକୁ ପୁଣି ଯେତେବେଳେ ସେ ଦେଖିଲା ବିସ୍ମିତ ନ ହୋଇ ରହି ପାରିଲା ନାହିଁ । ରିଙ୍କକୁ ତାର ସମସ୍ତ ଆଡ୍‌ଭେଞ୍ଚରର କାହାଣୀ କହିବାକୁ ଅନୁରୋଧ କରିବାରୁ ସେ କହିଲା, "ନା ମିନା. କାମ ଏଯାଏ ମଧ୍ୟ ସରିନାହିଁ । ଏଇଥିଭିତରେ ସବୁ କାମ ସାରିବାକୁ ହେବ ଯେ ।"

'ମାନେ ?"

"ମାନେ ଭରଣ୍ଟନ୍ ମେରୀ କଲେଥ୍ ଯେଖାଣ ଏବଂ ଗ୍ଲୁଡ୍ ପ୍ରାଇଭେଟର ଅଧିକାରୀ···ମାନେ ହତ୍ୟାକାରୀକୁ ଧରିବାକୁ ହେବ ଯେ । ଆଜି ତମେ ଓ କନ୍‌ମାଦତ୍ୟ ସେ କାମ କରି ପାରିବ ।"

"ହ୍ୱାଟ୍ ଡୁ ଇଉ ମିନ୍ ।"

"ମାନେ ଅତି ସ୍ପଷ୍ଟ ଓ ସରଳ । ତା' ନହେଲେ ସେଇ ପାଗଳ ହତ୍ୟାକାରୀ ଯେ ହତ୍ୟା ପରେ ହତ୍ୟା କରି ଘୁଲୁଥିବ । ତମେ ଯୁବରାଜଙ୍କୁ ତମର ପ୍ରକୃତ ପରିଚୟ ଦିଅ । ତା'ହେଲେ ସମ୍ପ୍ରତି ସେ ଆଉ ଅତ୍ୟାଚାର କରିବାକୁ ସାହାସ କରିବେନାହିଁ । ଗରିବ ମାଇପ ସମସ୍ତଙ୍କର ଶାଳୀ ଜନା । ସେଇଥିପାଇଁ ଏ କ୍ଷେତ୍ରରେ ତୁମର ପ୍ରକୃତ ପରିଚୟ ଦରକାର । ତା'ହେଲେ ସେଇ ଜାଣୁଥିବ

ଶୁଣିବ ଯେ, ବାମନର ଚନ୍ଦ୍ରକୁ ହାତ ବଢ଼ାଇବା ଭଳି ଆସ୍ପର୍ଦ୍ଧାର କାହାଣୀ । ଆଜି ଆମର କାମ ସିଦ୍ଧ ହୋଇ ପାରିବ ।"

ହସି ହସି ମିନା କହିଲା, "କିନ୍ତୁ ମୋର ପରିଚୟ ଜେ ମିନା ।"

ହସୁ ହସୁ ବିକି କହିଲେ, "ନାଓ, ମିସେସ୍ ଫ୍ଲୋରିମେଲ... ଆଣ୍ଡ ମିନ୍ ମିସେସ୍ ଜଇଲ୍ୟୁମ୍ ଜୋନସ୍, ଡୋଣ୍ଟ ବି ସିଲି ।"

ସେହିପରି ହସି ହସି ମିନା କହିଲେ, "ନାଓ, ମିଷ୍ଟର ବନ୍ଧୁଗଣ ଉରଫେ ବାପ୍‌କଇମ୍, ଉରଫେ ବାହାରୀଲାଲ, ଡୋଣ୍ଟ ବି ୟୁ ଅଲ୍‌ସୋ ସିଲି ।"

ଦୁହେଁ ଉଲ୍ଲସିତ ଭାବରେ ହସି ଉଠିଲେ । ହସ ପରେ ଦୁହେଁ ଗୋପନ ପରାମର୍ଶ, ଆଲୋଚନାରେ ବ୍ୟସ୍ତ ରହିଲେ । ଏସବୁ ପରେ ଯୁବରାଜ ବିକ୍ରମାଦିତ୍ୟଙ୍କୁ ସେମାନଙ୍କ ଭିତରକୁ ଅଣାଗଲା । ସେ ମିନାର ପ୍ରକୃତ ପରିଚୟ ପାଇ କିଛି ମାତ୍ର ବିଚଳିତ ନ ହୋଇ କହିଲେ, "ମୋର ବ୍ୟବହାର ପାଇଁ ମତେ କ୍ଷମା କର ମିସେସ୍ ଜୋନସ୍ ।"

## ଶେଷ

କନ୍‌ଷ୍ଟାଣ୍ଟ ସ୍କୁଆର୍‌ରର ଗୋଟିଏ କକ୍ଷରେ ଏ ଦୃଶ୍ୟଟି ଘଟୁଥିଲା । ଯୁବରାଜ ବିକ୍ରମାଦିତ୍ୟ କନ୍‌ଷ୍ଟାଣ୍ଟର ଗଳାବେଷ୍ଟନ କରି ତାର ସୁନ୍ଦର ରେଶମୀ ବାଳଗୁଡ଼ିକୁ ସାଉଁଳି ସାଉଁଳି କହୁଥିଲେ— "ମୋ ଭୁଲପାଇଁ ମୁଁ କ୍ଷମା ଚାହୁଁଛି ଜାନ ଡାର୍ଲିଂ । କାରଣ ମିନାକୁ ମୁଁ ଖୁବ୍ ବିଶ୍ୱାସ କରିଥିଲି । କିନ୍ତୁ ଶେଷରେ ଯେ ସେ ମୋତେ

ପ୍ଲାଟଫର୍ମ ଦେଇ ଅଜ୍ଞାନ କରି ଏଠାକୁ ହରଣଚାଲ କରି ନେଇ ଯାଇପାରେ, ଯା' ଆଦୌ ଭାବିପାରି ନଥିଲି । ଭାଗ୍ୟକ୍ରମେ ମୋତେ ମିନା ଓ ରକି ଯେଉଁ ଘରେ ବନ୍ଦ ରଖିଥିଲେ, ମୁଁ ସେଠାରୁ ଖସିଆସି ପାରିଛି କଳି । ତମକୁ କିନ୍ତୁ ମିନା ଉପରେ ପ୍ରତିଶୋଧ ନେବାକୁ ହେବ ।”

କ୍ଷୀଣ କଣ୍ଠରେ କଳି କହିଲା “ପ୍ରତିଶୋଧ ? କେମିତି ନେବି ? କିପରି ବା ତା' ସମ୍ଭବ ହେବ ?” ଯୁବରାଜ ଏହାପରେ ତାକୁ ସେଠାରେ ରହିଥିବା ଭିତରେ ତାଙ୍କ ନିଜର ଅଭିଜ୍ଞତା, ସେମାନଙ୍କ କଥାବାର୍ତ୍ତା ବିଷୟରେ ବିଶଦରୂପେ ବର୍ଣ୍ଣନା କଲେ । ମିନା ଓ ରକି ଯେ କୌଣସି ଏକ ଡକାୟତ ଦଳ ସହିତ ସଂପୃକ୍ତ ଓ ସେମାନଙ୍କ ପାଖରେ ଗଚ୍ଛିତ ବହୁ ଧନରତ୍ନ ରହିଛି, ଏହା ଜାଣି କନ୍‌ଷ୍ଟାଣ୍ଟଙ୍କର ବିସ୍ମୟର ସୀମା ରହିଲା ନାହିଁ । ସେ ଯୁବରାଜଙ୍କୁ ଧନ୍ୟବାଦ ଦେବା ଦେବା ସଙ୍ଗେ ସଙ୍ଗେ ଏସବୁ କିପରି ହସ୍ତଗତ କରିପାରିବ ରବର୍ଟସନ୍, ମାଇକେଲ୍ ଓ ଅନ୍ୟମାନଙ୍କୁ ନେଇ ସେ ସମ୍ବନ୍ଧରେ ବେଶ୍ ଘମାଘୋଟ ଆଲୋଚନା ଚାଲିଲା । ଧୂର୍ତ୍ତ ରବର୍ଟସନ୍ କିନ୍ତୁ ବରାବର କହୁଥାନ୍ତି,

“ଯୁବରାଜ ବିକ୍ରମାଦିତ୍ୟଙ୍କ କଥାରେ ଏତେଦୂର ବିଶ୍ୱାସ କରିବା ଅସଙ୍ଗତ ହେବ କଳି । ତାର କାରଣ, ଯୁବରାଜ କେତେଦିନ ବା ରହିଲା ? ମୋ ମତରେ ହଠାତ୍ ସହୃଦୟ ବନ୍ଧୁର କଥାଗୁଡ଼ିକୁ, ଶୀତଳ ହସ୍ତମର୍ଦ୍ଦନ ଗୁଡ଼ିକୁ ଓ ଅଦମ୍ୟ ବର୍ଷାକୁ ଆଦୌ ବିଶ୍ୱାସ କରିବାର କଥା ନୁହେଁ । କିନ୍ତୁ ରବର୍ଟସନଙ୍କର ଏ ଯୁକ୍ତି ଶେଷ ପର୍ଯ୍ୟନ୍ତ ଟିକିଲା ନାହିଁ । ଯୁବରାଜ ବିକ୍ରମାଦିତ୍ୟଙ୍କର ନିର୍ଦ୍ଦେଶ ଅନୁସାରେ ସମସ୍ତେ ରକି ଓ ମିନାର ଗୁପ୍ତ ଆଡ୍ଡା ଅନ୍ୱେଷଣରେ ବାହାରି ପଡ଼ିଲେ ।

ସେଦିନ ସନ୍ଧ୍ୟା । ଅଠଟା ବାଜିଲାଣି । ଆଉ ମାତ୍ର ଦୁଇଘଣ୍ଟା ବାକି ଅଛି । ରବି ଓ ମିଳନଙ୍କ ଉପରେ ଆକ୍ରମଣ ହେବ । ମିନା ଇତଃସ୍ତତଃ ହୋଇ ଆଉ ଅଧିକକ୍ଷଣ ଚୁପ୍ ବହିନପାରି ପଚାରିଲା ।

"ଆମର ସମସ୍ତେ ପ୍ରସ୍ତୁତ ତ ?"

ଈଷତ୍ ହସି ରବି ଓରେଫ୍ ବିହାରୀ କହିଲା, "କ୍ଷମାକରିବେ ମିସେସ୍ ଜୋନ୍ସ୍ । ଗୋଟିଏ ବିଷୟରେ ଆପଣମାନଙ୍କ ଉପରେ ଟିପ୍ପଣୀ ଦେଉଛି । ସ୍ତ୍ରୀ ଜାତିଟା ଅତିମାତ୍ରାରେ ମୁଖରା ନୁହେଁକି ?"

ମ୍ଳାନ ହସି ମିସେସ୍ ଜୋନ୍ସ୍ କହିଲେ, "ନା, ଏମିତି ପଚାରୁଛି ଥିଲି ନା ।"

"ବିସ୍ମୟରୁଛି ଆପଣଙ୍କୁ ବୋଧହୁଏ, ନା ? ନିଆଁ ସହିତ ଖେଳୁଛେ ଓ ଦିନେ ନିଆଁରେ ପୋଡିହୋଇ ମରିବା ଜାଣି, ନିଆଁକୁ ଭୟ କଣ ? ତା' ବୋଲି କହୁନାହିଁ ଯେ, ସତର୍କତା ଅବଲମ୍ବନ କରିବ ନାହିଁ । ଥାଉ, ସେ ପ୍ରସଙ୍ଗ । ଆପଣ ମୁହଁ ଶୁଖାଇଲେଣି । ହଁ, ଆମର ସବୁ ପ୍ରସ୍ତୁତ । ଏଠାରୁ ବେତାର ବାର୍ତ୍ତା ଦେବାମାତ୍ରେ ସେମାନେ ଆସି ପହଞ୍ଚିବେ ।"

ଏହାପରେ ଆଉ କେତେକ ବିଷୟରେ ଲଘୁ ଆଳାପ କରିବା ପରେ ନଅଟା ପଇଁତ୍ରିଶ ମିନିଟ୍ ହୋଇଗଲା । ସମୟ ହୋଇ ଆସିଲା ଜାଣି ସେମାନେ ପ୍ରସ୍ତୁତ ରହି ଅପେକ୍ଷା କରିବାକୁ ଲାଗିଲେ ।

ଏକ୍, ଦୁଇ, ତିନ୍ କରି କ୍ରମଶଃ ମିନିଟ୍ଗୁଡ଼ିକ ଅତିବାହିତ ହେବାକୁ ଲାଗିଲା । ଜାନୁ ଘଣ୍ଟରେ ଟଂ ଟଂ ହୋଇ ଦଶଟା ବାଜିବା ସଙ୍ଗେ ସଙ୍ଗେ ବାହାର ଆସିବାର ଜଣାଗଲା । ଯୁବତୀର ବିକମାଧବୀଙ୍କ ଗଳା ଶୁଣାଗଲା, "ଏଇ ଯେ, ଆମର ସମସ୍ତେ ବର୍ତ୍ତମାନ ଦରଜା ସିନ୍ଧ ବାନ୍ଧ ଅଟକାଇଲେଣି ?" ଆଉ ଜଣେ ହଁ

କହିଲେ । ପୁଣି ଅଫୁଟ ନିମ୍ନ ସ୍ୱରରେ ତାଙ୍କର ଗଳା ଶୁଣାଗଲା, ଅପରାଧୀମାନେ ମୋ ପଛେ ପଛେ ଏଇ ହୋଟେଲର ବାରଣ୍ଡାକୁ ଉଠିଆସନ୍ତୁ । ସେଇଠୁ କୁଆଡ଼କୁ ଯିବାକୁ ହେବ ମୁଁ କହିବି ।" ତାଙ୍କ କଥା ଅନୁସାରେ ସମସ୍ତେ ଉଠିଆସିବା କ୍ଷଣି, ଯୁବରାଜ କ୍ରମ ସଂଖ୍ୟା ଅନୁସାରେ ସମସ୍ତଙ୍କୁ ଗଣିଯିବାକୁ କହିଲେ । ଆଶ୍ଚର୍ଯ୍ୟର ବିଷୟ ସିଡ଼ି ଉପରେ ଚଢ଼ୁଥିବା ସର୍ବଶେଷ ବ୍ୟକ୍ତି ନମ୍ବର ଗଣିସାରିବା ପରେ ଦେଖାଗଲା, ସମସ୍ତେ ଅଭିସ୍ୱରରେ ଚିତ୍କାର କରୁଛନ୍ତି । କଣ ହେଲା ଓ କେମିତି ହେଲା ବୁଝିବା ଆଗରୁ ଯୁବରାଜ ଓ ଅନ୍ୟାନ୍ୟମାନେ ଦେଖିଲେ, ପାଖ ଘରୁ ହସି ହସି ଜହାରୀଲାଲ ଓ ମିସେସ୍ ଜୋନସ୍ ବାହାରି ଆସୁଛନ୍ତି । ଯୁବରାଜଙ୍କ ଆଶ୍ୱସ୍ତ କରିବାକୁ ଯାଇ ଜହାରୀ କହିଲା, "ବ୍ୟସ୍ତ ହୁଅନ୍ତୁ ନାହିଁ ଯୁବରାଜ । ମୁଁ ଟେଲିଫୋନ୍‌ରେ ସମ୍ବାଦ ଦେଇ ଦେଇଛି । ସେମାନେ ଏଇ ପ୍ରାୟ ଆସିଗଲେ ।" ମିସେସ୍ ଜୋନସ୍‌ଙ୍କୁ ପର ମୁହୂର୍ତ୍ତରେ ଡାକି କହିଲା, "ଶୁଣନ୍ତୁ ମିସେସ୍, ଏମାନଙ୍କୁ ସିଡ଼ି ଏତେ ଉଠିବାକୁ କହିନଥିଲେ କ'ଣ ଗିରଫଦାର କରି ହୋଇଥାନ୍ତା ? ସିଡ଼ିଟିରେ ଯେ ଆରମ୍ଭରୁ ଗୋଟିଏ ବିଜୁଳି ସଂଯୋଗ ହୋଇ ରହିଛି । ଆମର ଶ୍ରେଷ୍ଠ କାବ୍ୟ ମହାଭାରତରେ ଅଛି ଯେ ମିଛ କହିଥିବା ଯୋଗୁ ଧର୍ମରାଜ ଯୁଧିଷ୍ଠିର ମଧ୍ୟ ନର୍କ ଦର୍ଶନ କରିଥିଲେ । ଯୁବରାଜ ସାହେବଙ୍କର ଯେ ଖିଲସା ଓ ସେ ଯେ ବିଶେଷକରି ମୋର ଗୃହକର୍ତ୍ତ୍ରୀ ମିସେସ୍ ଜୋନସ୍‌ଙ୍କ ଅପମାନ କରିଥିଲେ, ଏ ତା'ରି ମାତ୍ର ଉଚିତ ଶାସ୍ତି ।

"ହିଁ, ସମସ୍ତ ଥିଲା । ଜେଣୁ କହୁ ରଖେ । ଜନପ୍ରାଣୀ ଷ୍ଟ୍ରାର୍ଟର ପ୍ରକୃତ ପରିଚୟ ସେଇ । ତାର ଜଣେ ବେଶ୍ ରହସ୍ୟାବୃତ । ତା' ଜୀବନରେ ଏ ରେକର୍ଡଟି ଏଇ ରହିଗଲା । କେମିତି । ସେ ନିଜେ

ସମାଜରେ ଅସମ୍ମାନିତ ହୋଇଥିବାରୁ ( ଅବଶ୍ୟ ଅନ୍ୟମାନେ ତାର ସରଳତା ନେଇ ସେ ଖେଳ ନାହାନ୍ତି ) ଏପରି ମଧ୍ୟ ନୁହେଁ । ସେତେଗୁଡ଼ିଏ ହତ୍ୟା କରନ୍ତି କେବଳ ଏଇଥି ପାଇଁ । ବାସ୍ତବରେ ଆଇନ ଏମାନଙ୍କୁ ଶାସ୍ତି ଦେଇ ନ ଥାନ୍ତା । ତେଣୁ ସେ ଦୃଷ୍ଟିରୁ ବିଚାର କଲେ ସେ ଠିକ କରିଛି । କିନ୍ତୁ ମିସ୍ ଗେଲ୍‌ଙ୍କର ଏତେଦୂର କ୍ଷିପ୍ର ହେବାର ନ ଥିଲା । କାରଣ ଏହିପରି ଦୋଷୀ ଏ ସଂସାରରେ ଅସଂଖ୍ୟ । ନିର୍ଦ୍ଦୋଷ ହୋଇ କେହି ନାହିଁ ।

ଭଗବାନ୍ ମେରୀ ସମାଜରେ ଯୋଶେଫଙ୍କର ଜନ୍ମନେଇ ଲାଞ୍ଛିତା ହୋଇଥିଲେ ମଧ୍ୟ ପରେ ସମ୍ମାନ ପାଇଥିଲେ । ମଣିଷର ଜନ୍ମ ଠାଇଁ ସବୁ ନୁହେଁ । ଶାମୁକା ପୋକ ପେଟରୁ ଜନ୍ମିଲେ ମଧ୍ୟ, ମୁକ୍ତାର ଦାମ୍ ଅତୁଳନୀୟ ।

ଯା' ହେଉ ଯୁବରାଜ ସାହେବଙ୍କ ସନ୍ଧାନରେ ଆସି ଏ କେଶଟିକୁ ଧରପାର ଥିବାରୁ ମୁଁ ଖୁବ୍ ଖୁସି ହୋଇଛି । କାରଣ ମାଇକେଲ୍ ଓ ରବର୍ଟସନ ପ୍ରକୃତ ପରିଚୟ, ଗତ ପାଞ୍ଚ ବର୍ଷ ତଳେ ଜେଲରୁ ହଠାତ୍ ଅନ୍ତର୍ଦ୍ଧାନ ହୋଇଥିବା ରବି ବାର୍ଡ ଓ ମାର୍କସ ଏଡ୍‌ୱାର୍ଡ । ତୁମେ ଦୁହେଁ ହତ୍ୟା କନଷ୍ଟାଣ୍ଟର ନିର୍ଦ୍ଦେଶ ମୁତାବକ ସଙ୍ଗୀତ ବୈଠକ କରି ଉକ୍ତ ବୈଠକରେ ନିହତ ହୋଇଥିବା ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରି ଓ ହତ୍ୟା କରି ପ୍ରତ୍ୟେକ ଭାବିଥିଲ କନଷ୍ଟାଣ୍ଟକୁ ବିବାହ କରିବାକୁ, ନୁହେଁ କି ? କିନ୍ତୁ ଶୁଣ । ସେ ଯୁବରାଜ ବିଜୟମାଧବଙ୍କୁ ବିବାହ କରିବ ବୋଲି ଜୋର କରିଥିଲା ଓ ସେ ଯଦି ଇନ୍ଦୋର ଦେୱାନଙ୍କ ପୁତ୍ର ରମେଶ ସ୍ପେନ୍ସରଙ୍କୁ ବିବାହ କରେ, ତେବେ ଇନ୍ଦୋରର ସମସ୍ତ ଗୁପ୍ତଧନ ଏପରି କି ରାଣୀ ରତ୍ନର ମାଳା, ସିନ୍ଦୁର ଓ କଙ୍କଣ ପାଇବ ବୋଲି ପ୍ରତିଶ୍ରୁତି

ମଧ୍ୟ ପାଇଥିଲ । କିନ୍ତୁ ଶେଷପର୍ଯ୍ୟନ୍ତ ବାହାରି ଆଶା ପୂର୍ଣ୍ଣ ହେଲ ନାହିଁ, ନୁହେଁ କି ?”

ବିସ୍ମୟ ଓ ହତବାକ୍ ହୋଇ ସମସ୍ତେ ବହାରୀଙ୍କର ଏ ଅପେକ୍ଷ କୃତ ଲମ୍ବା ବକ୍ତୃତି ଶୁଣୁଥିଲେ । ସେମାନେ ଏତେ ଅଭିଭୂତ ହୋଇ ପଡ଼ିଥିଲେ ଯେ ସେମାନଙ୍କର ଯନ୍ତ୍ରଣା ମଧ୍ୟ ଭୁଲି ଯାଇଥିଲେ । କଥା କହିବାକୁ ଆଉ ସମୟ ନ ଥିଲା । ମିଷ୍ଟର ଭଲ୍ୟୁମ ଜୋନସ୍ ତାଙ୍କର ସହକର୍ମୀମାନଙ୍କୁ ନେଇ ଠିକ୍ ସମୟରେ ପହଞ୍ଚିଲେ । ପ୍ରତି ଅମୂଳ ବ୍ୟକ୍ତି ହାତରେ ଲୌହଶୃଙ୍ଖଳ ପିନ୍ଧାଇ ସାରିବାପରେ ମିସେସ୍ ଜୋନ୍ସଙ୍କ ଉଦ୍ଦେଶ୍ୟ କରି କହିଲେ, “ବହାରୀ କାହିଁ ?”

ସାରା ଦଳଟା ମିଶି ସେଇ ଘଣ୍ଟା ଓ ଘୋଡ଼ା ଘରର ପ୍ରତି ଅନ୍ଦକନ୍ଦ ଖୋଜି ମଧ୍ୟ ବହାରୀକୁ ପାଇ ନ ଥିଲେ । ଶେଷ ଅଭ୍ୟସ୍ତ ହାତଟା ତାଙ୍କର ସିଗାରେଟ୍ କେସ୍ ଖୋଲିବାକୁ ଯାଇ ଦେଖେ, ସିଗାରେଟ୍ କେସ୍ ମଧ୍ୟରେ କୌଣସି ସିଗାରେଟ୍ ନାହିଁ । ତା' ଭିତରେ କେବଳ ଗୋଟିଏ ଚିଠି । ଖୋଲି ଦେଖିଲେ ତାହା ବହାରୀ ହାତର ଲେଖା -

“ମୋର କାମ ଯେ ଏଯାଏ ଶେଷ ହୋଇନାହିଁ । ତେଣୁ ମୁଁ ଧରା ଦେଉନାହିଁ । ମୋତେ ଗିରଫଦାର କରିବାର କ୍ଷମତା ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟର ମଧ୍ୟ ନାହିଁ । ଟେମ୍ସ୍ ନଦୀରୁ ମୋତେ ଉଦ୍ଧାର କରିଥିବାରୁ କୃତଜ୍ଞତା ଜଣାଉଛି । ବହାରୀ ।”